visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.22 . No.290, Bhubaneswar Friday, January 03, 2020 ୨୨ତମ ବର୍ଷ ସଂଖ୍ୟା-୨୯୦ ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୦୩, ୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

ଟ୍ରାଫିକ୍ ନିୟମ ଭାଙ୍ଗିଲେ ଡିଏଲ ବାତିଲ

ଭୁବନେଶ୍ୱର,(ପିଏନ)- ଟ୍ରାଫିକ ଛକରେ ରେଡ୍ ଲାଇଟ୍ ଉଲ୍ଲଂଘନ କଲେ , ମଦ୍ୟପାନ କରି ଗାଡି ଚଳାଇଲେ , ମାଲବାହୀ ଗାଡିରେ ଓଭର ଲୋଡିଂ ହେଲେ ଓ ଯାତ୍ରୀ ବାହୀ ଗାଡିରେ ମାଲ୍ ପରିବହନ କଲେ ଡିଏଲ ବାତିଲ ହେବ। ନିର୍ଦ୍ଧାରିତ ବେଗ ଠାରୁ ଅଧିକ ବେଗରେ ଗାଡି ଚଳାଇଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ପରିବହନ କମିଶନର ସବୁ ଆରଟିଓ ମାନଙ୍କୁ ଚିଠି ଲେଖି ଏସମ୍ପର୍କରେ ଜଣାଇଛନ୍ତି।

ରୋଡ୍ ରୋମିଓଙ୍କୁ ସାବାଡ୍ କରିବେ ଏସପିଓ

ଭୁବନେଶ୍ୱର, (ପିଏନ)- ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାରକୁ ରୋକିବାପାଇଁ ଏସପିଓ ନିଯୁକ୍ତି ଦିଆଯିବ। ସାଧାରଣ ମହିଳାମାନଙ୍କୁ ସ୍ପେଶାଲ ପୋଲିସ୍ ଅଫିସର ବା ଏସପିଓ ଭାବେ ନିଯୁକ୍ତ କରାଯିବ ବୋଲି ପୋଲିସ୍ କମିଶନର ସୁଧାଂଶୁ ଷଡଙ୍ଗୀ ପ୍ରକାଶ କରିଛନ୍ତି।। ବିଶେଷ କରି ରୋଡ୍ ରୋମିଓଙ୍କୁ ସାବାଡ୍ କରିବାରେ ଏହି ଏସଓପିମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ସେ କହିଛନ୍ତି ଯେ ପୋଲିସ୍ କନେଷ୍ଟବଲଙ୍କୁ ମିଳୁଥିବା କ୍ଷମତା ସେମାନଙ୍କୁ ଦିଆଯିବ। ସେମାନେ ଚାହିଁଲେ ଅଭିଯୁକ୍ତଙ୍କୁ ଗିରଫ କରିପାରିବେ। ଏସପିଓ ମାନଙ୍କୁ ପ୍ରଥମେ ୩ ମାସ ପାଇଁ ନିଯୁକ୍ତି ଦିଆଯିବ। ପରେ ସେମାନଙ୍କ ଦକ୍ଷତାକୁ ବିଚାରକୁ ନେଇ ତାଙ୍କର କାର୍ଯ୍ୟକାଳ ବୃଦ୍ଧି କରାଯିବ। ୨୫୦ ମହିଳାଙ୍କୁ ନେଇ ଏସପିଓ ଟିମ୍ ଗଠନ କରାଯିବ। କଟକ ଓଭୁବନେଶ୍ୱରର ୫୬ ଜଣ ମହିଳା ଏଥିରେ ଅନ୍ତର୍ଭୁକ୍ତ ଅଛନ୍ତି।

ସୁନ୍ଦରୀକୁ ଫେରାଇ ନେବାକୁ ମଧ୍ୟପ୍ରଦେଶକୁ ଚିଠି ଲେଖିଲା ଓଡିଶା

ଭୁବନେଶ୍ୱର, (ପିଏନ)- ମଧ୍ୟପ୍ରଦେଶର ବାନ୍ଧବଗଡ ଜଙ୍ଗଲରୁ ଅଣାଯାଇଥିବା ବାଘୁଣୀ ସୁନ୍ଦରୀକୁ ଓଡିଶାରୁ ଫେରାଇ ନେବାପାଇଁ ରାଜ୍ୟ ସରକାର ମଧ୍ୟପ୍ରଦେଶ ସରକାରଙ୍କୁ ଚିଠି ଲେଖିଛନ୍ତି।

ଚିଫ୍ ୱାଇଲ୍ଡ ଲାଇଫ୍ ୱାର୍ଡେନ୍ ହରିଶଙ୍କର ଉପାଧ୍ୟାୟ ଏସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ଏନଟିସିଏର ନିର୍ଦ୍ଦେଶ ପରେ ସୁନ୍ଦରୀକୁ ଯେକୌଣସି ସମୟରେ ମଧ୍ୟପ୍ରଦେଶକୁ ପଠାଯିବ।

ସେ ଆହୁରି କହିଛନ୍ତି ଯେ ହାତୀ-ମଣିଷ ଲଢେଇକୁ ରୋକିବା ସମ୍ପର୍କରେ ବନ ବିଭାଗ କର୍ମଚାରୀ ମାନେ ପଶ୍ଚିମବଙ୍ଗ ଯାଇ ତାଲିମ୍ ନେବେ। ହାତୀ ଉପଦ୍ରପର ମୁକାବିଲା ପାଇଁ ପଶ୍ଚିମବଙ୍ଗରୁ ସ୍ୱତନ୍ତ୍ର ଗାଡି ଅଣାଯିବ।

ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ଗାଇଡ୍ ଲାଇନ୍ ପୂରଣ କରିପାରିନଥିବାରୁ ସୁନ୍ଦରୀକୁ ଫେରାଇ ଦେବା ପାଇଁ ଏନଟିସିଏ କିଛି ଦିନ ପୂର୍ବେ ଓଡିଶା ସରକାରଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଥିଲେ। ବାଘ ବଂଶ ବିସ୍ତାର ପାଇଁ ମଧ୍ୟପ୍ରଦେଶର ବାନ୍ଧବଗଡ ଅଭୟାରଣ୍ୟରୁ ସୁନ୍ଦରୀକୁ ଅଣାଯାଇ ସାତକୋଶିଆରେ ଛଡାଯାଇଥିଲା। ମାତ୍ର ସୁନ୍ଦରୀ ଅଭୟାରଣ୍ୟର ଆଖପାଖ ଅଂଚଳରେ ଘୁରିବୁଲୁଥିଲା। ଏପରିକି ଗୃହ ପାଳିତ ପଶୁ ଓ ମଣିଷଙ୍କୁ ଆକ୍ରମଣ କରିଥିଲା। ଫଳରେ ଗାଁ ଲୋକମାନେ ସୁନ୍ଦରୀକୁ ସ୍ଥାନାନ୍ତର ପାଇଁ ଦାବି କରିଥିଲେ। ପରେ ସୁନ୍ଦରୀକୁ ଟ୍ରାଙ୍କୁଲାଇଜ କରି କାବୁ କରିଥିଲେ। ସେବେଠାରୁ ସୁନ୍ଦରୀ ସାତକୋଶିଆରେ ଏନକ୍ଲୋଜରରେ ରହିଛି।

ସଚିବ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, (ପିଏନ)- ଗୁରୁବାର ରାଜ୍ୟ ସରକାର ୫ ଜଣ ବରିଷ୍ଠ ଆଇଏଏସ୍ ଓ ଜଣେ ଆଇପିଏସ୍ ଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏନେଇ ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ଅତିରିକ୍ତ ଶାସନ ସଚିବ ତଥା କୃଷି ଉତ୍ପାଦ କମିଶନର ପ୍ରଦୀପ୍ତ କୁମାର ମହାପାତ୍ର (୧୯୮୮ ବ୍ୟାଚ୍)ଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚଳାନା ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

ସେହିପରି ବର୍ତମାନ ରାଜସ୍ୱ ଓ ବିପର୍ଯ୍ୟୟ ପରିଚଳାନା ବିଭାଗର ପ୍ରମୁଖ ସଚିବ ତଥା ୧୯୯୩ ବ୍ୟାଚ୍ ଆଏଏସ୍ ନିକୁଂଜ ବିହାରୀ ଧଳଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ୧୯୯୭ ବ୍ୟାଚ୍ ଆଇଏଏସ୍ , ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ସଚିବ ଡ. ପ୍ରମୋଦ କୁମାର ମେହେର୍ଦ୍ଦାଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର କମିଶନର - ସଚିବ ଦାୟିତ୍ୱ ସହ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପାଇଛନ୍ତି। ଏହା ବ୍ୟତୀତ ୧୯୯୬ ବ୍ୟାଚ୍ ଆଇପିଏସ୍ ଅରୁଣ ବୋଥ୍ରା ବର୍ତମାନ ସେସୁ ଏବଂ କ୍ରୁଟ୍ ର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ବେଳେ ତାଙ୍କୁ ଓଏସଆରଟିସିର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

ସେହିପରି ରାଉରକେଲା ମହାନଗର ନିଗମର କମିଶନର ଏବଂ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ ଦାୟିତ୍ୱରେ ଥିବା ୨୦୧୪ ବ୍ୟାଚ୍ ଆଇଏଏସ୍ ଯେଦ୍ଦୁଲା ବିଜୟଙ୍କୁ ଯୋଜନା ଓ ସଂଯୋଜନା ବିଭାଗର ଉପ ସଚିବ ଭାବେ ନିଯୁକ୍ତି ମିଳିଛି। ତାଙ୍କ ସ୍ଥାନରେ ୨୦୧୬ ବ୍ୟାଚ୍ ଆଇଏଏସ୍ ଦିବ୍ୟ ଜ୍ୟୋତି ପରିଡାଙ୍କୁ ରାଉରକେଲା ମହାନଗର ନିଗମର କମିଶନର ଏବଂ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ ସିଇଓ ଦାୟିତ୍ୱ ଦିଆଯାଇଛି। ଶ୍ରୀ ପରିଡା ବର୍ତମାନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଉପ ସଚିବ ରହିଛନ୍ତି।

ଓଡିଶାକୁ ପଞ୍ଚମ ଥର ପାଇଁ କୃଷି କର୍ମଣ ପୁରସ୍କାର

ଭୁବନେଶ୍ୱର, (ପିଏନ)- କୃଷି କ୍ଷେତ୍ରରେ ଉତ୍କର୍ଷତା ଲାଗି ଓଡିଶାକୁ ପଂଚମ ଥର ଲାଗି କୃଷି କର୍ମଣ ପୁରସ୍କାର ମିଳିଛି। କର୍ଣ୍ଣାଟକର ତୁମୁକୁର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଏମ୍ କିଷାନ ଯୋଜନାରେ ତୃତୀୟ କିସ୍ତି ପ୍ରଦାନ ସମୟରେ ଏହି ପୁରସ୍କାର ଘୋଷଣା କରିଥିଲେ। ରାଜ୍ୟ କୃଷି ମନ୍ତ୍ରୀ ଅରୁଣ ସାହୁ ପ୍ରଧାନମନ୍ତ୍ରୀଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କାର ବାବଦରେ ଓଡିଶାକୁ ଏକ କୋଟି ଟଙ୍କା ମିଳିଛି। ଏହି ଅବସରରେ କୃଷି ଉତ୍ପାଦନ କମିସନର ପ୍ରଦୀପ୍ତ ମହାପାତ୍ର ଓ କୃଷି ନିର୍ଦ୍ଦେଶକ ଡ. ଏମ୍ ମୁଥୁକୁମାର ମଧ୍ୟ ଉପସ୍ଥିତ ଥିଲେ। ୨୦୧୬-୧୭ ବର୍ଷ ପାଇଁ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ଖାଦ୍ୟଶସ୍ୟ ଉତ୍ପାଦନରେ ଉଲ୍ଲେଖନୀୟ ସଫଳତା ପାଇଥିବାରୁ କେନ୍ଦ୍ର ସରକାର ଏହି ପୁରସ୍କାର ପ୍ରଦାନ କରିଛନ୍ତି।ଦେଶରେ ସାମଗ୍ରୀକ କୃଷି ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ କେନ୍ଦ୍ର ସରକାର ଓଡ଼ିଶାକୁ ଦ୍ୱିତୀୟ ଶ୍ରେଣୀ ରାଜ୍ୟ ଭାବେ ଚୟନ କରିଛନ୍ତି। ଚଷୀଙ୍କୁ ଉନ୍ନତମାନର ବିହନ ଯୋଗାଣଠୁଁ ଆରମ୍ଭ କରି ଉତ୍ପାଦନ ପର୍ଯ୍ୟନ୍ତ ଆବଶ୍ୟକ ଭିତିଭୂମି ଯୋଗାଇବାରେ ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ କେନ୍ଦ୍ର ସରକାର ଏହି ପୁରସ୍କାର ପ୍ରଦାନ କରିଛନ୍ତି।କୃଷି କ୍ଷେତ୍ରରେସଫଳତା ପାଇଁ ଓଡ଼ିଶାକୁ ପୂର୍ବରୁ ୪ ଥର 'କୃଷି କର୍ମଣ' ପୁରସ୍କାର ମିଳିସାରିଛି । ବର୍ଷ ୨୦୧୦-୧୧, ୨୦୧୨-୧୩, ୨୦୧୩-୧୪ ଓ ୨୦୧୪-୧୫ ପାଇଁ ଏହି ପୁରସ୍କାର ମିଳିଥିଲା।

ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ହେଲେ ନିରଞ୍ଜନ ସେଠୀ

ଭୁବନେଶ୍ୱର, (ପିଏନ)- ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ତଥା ଯୁଗ୍ମ ଶାସନ ସଚିବ ଭାବେ କାର୍ଯ୍ୟ କରୁଥିବା ଶ୍ରୀ ନିରଞ୍ଜନ ସେଠୀଙ୍କର ନିର୍ଦ୍ଦେଶକ(ବୈଷୟିକ) ପଦବୀକୁ ପଦନ୍ନୋତି ହୋଇଛି।

ଶ୍ରୀ ସେଠୀ ତାଙ୍କର ୩୦ ବର୍ଷ କାର୍ଯ୍ୟକାଳ ମଧ୍ୟରେ ବିଭିନ୍ନ ସମୟରେ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଲୋକ ସଂପର୍କ ଅଧିକାରୀ, ବିଭିନ୍ନ ଜିଲ୍ଲାରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ଉତରାଂଚଳ ଉପ ନିର୍ଦ୍ଦେଶକ (ସମ୍ବଲପୁର), ବିଭାଗର ପ୍ରାୟତଃ ସବୁ ବ୍ରାଂଚରେ ବ୍ରାଂଚ ଅଫିସର ଭାବେ କାର୍ଯ୍ୟକରି ନିଜର ଦକ୍ଷତା ପ୍ରଦର୍ଶନ କରିଛନ୍ତି । ଗତ ୨୦୧୯ ସାଧାରଣ ନିର୍ବାଚନରେ ନିର୍ବାଚନ ଆୟୋଗଙ୍କ ସୁପାରିଶରେ ଓଡିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ସେ ମିଡିଆ ମ୍ୟାନେଜ୍ମେଣ୍ଟ ଓ ସୋସିଆଲ ମିଡିଆର ନୋଡାଲ ଅଫିସର ଭାବେ ଅତି ସଫଳତାର ସହିତ କାର୍ଯ୍ୟ କରିଛନ୍ତି । ମିଡିଆ ମ୍ୟାନେଜମେଣ୍ଟ କ୍ଷେତ୍ରରେ ଅନେକ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟକରି ସେ ଗଣମାଧ୍ୟମ ଜଗତରେ ବେଶ ପରିଚିତ ହୋଇପାରିଛନ୍ତି । ରାଜ୍ୟ ସରକାରଙ୍କ ୫-ଟି ଆଧାରରେ ପଦନ୍ନୋତି ପ୍ରକ୍ରିୟା ତ୍ୱରାନ୍ୱିତ ହେବା ଫଳରେ ଶ୍ରୀ ସେଠୀଙ୍କର ଦୀର୍ଘ ଦିନର ଅଭିଜ୍ଞତା ଓ ବିଭାଗୀୟ କାର୍ଯ୍ୟରେ ବୈଷୟିକ ଦକ୍ଷତାକୁ ଉପଲବ୍ଧି କରି ରାଜ୍ୟ ସରକାର ତାଙ୍କୁ ନିର୍ଦ୍ଦେଶକ (ବୈଷୟିକ) ଭାବେ ପଦନ୍ନୋତି ଦେଇଛନ୍ତି ।

ତାଙ୍କର କର୍ତବ୍ୟ ନିଷ୍ଠା, ଦୀର୍ଘ ଅଭିଜ୍ଞତା ଆଗାମୀ ଦିନରେ ୫-ଟି ଆଧାରରେ ବିଭାଗକୁ ଅଧିକ ସକ୍ରିୟ କରିବ ବୋଲି ଆଶା ଓ ବିଶ୍ୱାସ ।

ଅହିଂସାକୁ ଜୀବନର ମୂଳମନ୍ତ୍ର କର : ମୁଖ୍ୟମନ୍ତ୍ରୀ

ସ୍ୱାଧୀନତା ସଂଗ୍ରାମୀ ଦିବସ ମହୋତ୍ସବ

ଭୁବନେଶ୍ୱର, (ପିଏନ)- ଅହିଂସା ମାଧ୍ୟମରେ ହିଁ ବିଶ୍ୱର ବିଭିନ୍ନ ସମସ୍ୟାର ସମାଧାନ ହୋଇପାରିବ। ତେଣୁ ଅହିଂସାକୁ ଜୀବନର ମୂଳମନ୍ତ୍ର କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଜଣାଇଛନ୍ତି।

ଭୁବନେଶ୍ୱର ସ୍ୱାଧୀନତା ସଂଗ୍ରାମୀ ପଡିଆରେ ୩୩ ତମ ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବ ଉଦଘାଟନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଅହିଂସା ମହାତ୍ମାଗାନ୍ଧୀଙ୍କ ବିଶ୍ୱକୁ ଶ୍ରେଷ୍ଠ ଦାନ। କଥା , କାର୍ଯ୍ୟ ଓ ଚିନ୍ତାରେ ହିଂସା ତ୍ୟାଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚଳିତ ବର୍ଷ ସାରା ବିଶ୍ୱ ବାପୁଙ୍କ ୧୫୦ତମ ଜୟନ୍ତୀ ପାନ କରୁଛି। ସ୍ୱାଧୀନତା ସଂଗ୍ରାମୀ ମାନେ ବାପୁଙ୍କ ଡାକରାରେ ଦେଶର ସଂଗ୍ରାମରେ ଯାଗ ଦେବାର ସୌଭାଗ୍ୟ ପାଇଥିଲେ ଏବଂ ଏବେ ତାଙ୍କର ୧୫୦ତମ ଜୟନ୍ତୀ ପାଳନର ସୁଯୋଗ ମଧ୍ୟ ପାଇଛନ୍ତି। ସ୍ୱାଧୀନ ଭାରତ ପାଇଁ ଆମର ସଂଗ୍ରାମୀ ମାନଙ୍କ ତ୍ୟାଗକୁ ଏ ଜାତି କେବେ ଭୁଲି ପାରିବ ନାହିଁ। କେବଳ ସ୍ୱାଧୀନତା ଗାନ୍ଧୀଙ୍କ ଲକ୍ଷ୍ୟ ନଥିଲା। ଏକ ଶୋଷଣମୁକ୍ତ ସୁସ୍ଥ ସମାଜ ଓ ସ୍ୱାବଲମ୍ବୀ ଅର୍ଥନୀତି ତାଙ୍କର ଲକ୍ଷ୍ୟ ଥିଲା। ଏଦିଗରେ ଆମେ ସମସ୍ତେ ନିଷ୍ଠାପର ଭାବରେ କାର୍ଯ୍ୟ କଲେ ତାହା ହେବ ବାପୁଙ୍କ ୧୫୦ତମ ଜୟନ୍ତୀରେ ଶ୍ରେଷ୍ଠ ଶ୍ରଦ୍ଧାଂଜଳୀ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ।

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମରୀ ଭବାନୀ ଚରଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ , ଅଶୋକ ପଣ୍ଡା , ଶହୀଦ ସ୍ୱାଧୀନତା ସଂଗ୍ରାମୀ ସଦନର ଅଧ୍ୟକ୍ଷ ତଥା ସାଂସଦ ଭର୍ତୃହରି ମହତାବ , ସାଂସଦ ରମେଶ ଚନ୍ଦ୍ର ମାଝୀ , ବିଧାୟକ ସୁରେଶ କୁମାର ରାଉତରାୟ, ପିସିସି ସଭାପତି ନିରଂଜନ ପଟ୍ଟନାୟକ, ସ୍ୱାଧୀନତା ସଂଗ୍ରାମୀ ସର୍ବଭାରତୀୟ ସଭାପତି ଶ୍ରୀ କୁଲକର୍ଣ୍ଣୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ପ୍ରତି ଶ୍ରଦ୍ଧାଂଜଳୀ ଅର୍ପଣ କରିବା ସହିତ ତାଙ୍କ ୧୨୦ ତମ ଜନ୍ମବାର୍ଷିକୀ ଜାତୀୟ ଉତ୍ସବରେ ଲୋଗୋ ଓ ମହୋତ୍ସବର ସ୍ମରଣିକା ଉନ୍ମୋଚନ କରିଥିଲେ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ୱର୍ଗତ ମହତାବଙ୍କ ଶ୍ରାଦ୍ଧ ଅବସରରେ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ବୁଲି ଦେଖିଥିଲେ।

ମଙ୍ଗୁ ମଠର ଛାତ ଉପରେ ଚଢ଼ି ଶିଖ୍ ସମ୍ପ୍ରଦାୟର ସଂକେତ ଲଗାଇବାକୁ ପ୍ରଚେଷ୍ଟା : ୪ ଅଟକ

ପୁରୀ, (ପିଏନ)- ଶ୍ରୀମନ୍ଦିର ସୁରକ୍ଷା ବଳୟ ମଧ୍ୟରେ ଥିବା ମଙ୍ଗୁମଠର ଛାତ ଉପରେ ଚଢ଼ି ଶିଖ୍ ସମ୍ପ୍ରଦାୟର ସଂକେତ ଲଗାଇବା ବେଳେ ଆଜି ସେଠାରେ ଅସ୍ୱାଭାବିକ୍ ପରିସ୍ଥିତି ସୃଷ୍ଟି ହୋଇଥିଲା । ପଞ୍ଜାବରୁ ଆସିଥିବା ୫ ଜଣ ଶିଖ୍ ସଂପ୍ରଦାୟର ଯୁବକ ମଠ ଉପରକୁ ସିଡ଼ି ସାହାଯ୍ୟରେ ଚଢ଼ିଥିଲେ । ସେମାନଙ୍କ ମଧ୍ୟରୁ ଜଣେ ବୟସ୍କ ଥିବାରୁ ଓହ୍ଲାଇ ଆସିଥିଲେ । ଅନ୍ୟ ୪ ଜଣ ଛାତ ଉପରେ ଚଢ଼ିଥିଲେ । ସେମାନେ ସଂକେତ ଲଗାଉଥିବା ବେଳେ ସ୍ଥାନୀୟ ଲୋକଙ୍କ ନଜର ପଡିଥିଲା । ଲୋକେ ତୁରନ୍ତ ଏନେଇ ପୋଲିସକୁ ଖବର ଦେଇଥିଲେ । ସିଂହଦ୍ୱାର ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ସେମାନଙ୍କୁ ତଳକୁ ଓହ୍ଲାଇ ଆସିବାକୁ ନିର୍ଦ୍ଦେଶ ଦେଇଥିଲା । ହେଲେ ପୋଲିସ କିମ୍ବା ପ୍ରଶାସନ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚେଷ୍ଟା କଲେ ସେମାନେ ଛାତ ଉପରୁ ତଳକୁ ଡ଼େଇଁ ପଡିବାକୁ ଚେତାବନୀ ଦେଇଥିଲେ । ପରେ ସେମାନେ ଏହି ସଂକେତ ଲଗାଇବା ସହ ସେଠାରେ ପୂଜାର୍ଚ୍ଚନା ସାରିବା ପରେ ସେମାନଙ୍କୁ ପୋଲିସ ସହାୟତାରେ ତଳକୁ ଓହ୍ଲାଇ ଅଣାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ସେମାନଙ୍କ ସହିତ ଆଲୋଚନା କରିଛନ୍ତି । ସିଂହଦ୍ୱାର ଥାନା ପୋଲିସ ସେମାନଙ୍କ ମଧ୍ୟରୁ ୪ଜଣଙ୍କୁ ସମୁଦ୍ର କୂଳ ଥାନାକୁ ନେଇ ପଚରା ଉଚରା ଚଳାଇଛି । ସମ୍ପ୍ରତି ଗୁରୁ ନାନକଙ୍କ ଜୟନ୍ତୀ ଚାଲିଥିବାରୁ ଏହି ଯୁବକ ମାନେ ମଙ୍ଗୁ ମଠରେ ଶିଖ୍ ସମ୍ପ୍ରଦାୟର ସଂକେତ ଲଗାଇବାକୁ ଆସିଥିବା କୁହାଯାଉଛି ।ଏଠାରେ ଉଲ୍ଲେଖଯୋଗ୍ୟ, ଅତୀତରେ ଶିଖ୍ ସଂପ୍ରଦାୟର ପୂଜ୍ୟଗୁରୁ ନାନକ ଶ୍ରୀକ୍ଷେତ୍ର ଆସି ସିଂହଦ୍ୱାର ସମ୍ମୁଖରେ ଆରତୀ କରିଥିଲେ ବୋଲି କୁହାଯାଏ । ତା'ର ପ୍ରତୀକ ସ୍ୱରୂପ ମଙ୍ଗୁମଠ ଗଢି ଉଠିଥିଲା । କାଳକ୍ରମେ ମଙ୍ଗୁମଠ ଚାରିପଟେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଗଢି ଉଠିବାରୁ ମଠର ମନ୍ଦିରଟି ଲୁଚିଯାଇଥିଲା । ପ୍ରଶାସନ ପକ୍ଷରୁ ବ୍ୟବସାୟ ପ୍ରତିଷ୍ଠାନଗୁଡିକୁ ଭାଙ୍ଗିଦିଆଯିବା ଫଳରେ ପୁନଃ ମଙ୍ଗୁମଠ ଦୃଶ୍ୟମାନ ହୋଇଥିଲା। ଶିଖ୍ ସଂପ୍ରଦାୟର ଭକ୍ତମାନେ କହିବାନୁଯାୟୀ ୧୨ହଜାର ବର୍ଗଫୁଟ ସ୍ଥାନକୁ ସେମାନଙ୍କୁ ଦିଆଗଲେ ସେମାନେ ତାହାର ସୌନ୍ଦର୍ଯ୍ୟକରଣ କରିବେ।

ଓଏଏଲ୍‌ପି ଚୁକ୍ତିସ୍ୱାକ୍ଷର

୨୦୨୦ରେ ଦେଶର ଉର୍ଜା ଭୂତିଭମିରେ ଅଭୁତପୂର୍ବ ପ୍ରଗତି ହେବ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର, (ପିଏନ)- ଉର୍ଜା କ୍ଷେତ୍ରରେ ଭାରତ ସରକାର ରାଜସ୍ୱ ଅପେକ୍ଷା ଉତ୍ପାଦନକୁ ବୃଦ୍ଧିକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଏହି କାରଣରୁ ଏହି କ୍ଷେତ୍ରରେ କ୍ରମାଗତ ସଂସ୍କାର ଅଣାଯାଇପାରୁଛି । ବର୍ଷ ୨୦୨୦ରେ ଦେଶର ଉର୍ଜା ଭୂତିଭମିରେ ଅଭୁତପୂର୍ବ ପ୍ରଗତି ହେବ ବୋଲି ନୂଆଦିଲ୍ଲୀ ଠାରେ ଓପନ ଆକ୍ରେଜ ଲାଇସେନ୍ସିଂ ପଲିସି ଓଏଏଲପି ବିଡ୍ ରାଉଣ୍ଡ-୪ ଅଧୀନରେ ଚୁକ୍ତି ସ୍ୱାକ୍ଷର ହେବା କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଏହି କାର୍ଯ୍ୟକ୍ରମରେ ଓଏନଜିସିର ପୁରସ୍କୃତ ୭ ବ୍ଲକକୁ ଅଭିନନ୍ଦନ ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଗତ ଅଢେଇ ବର୍ଷରେ ଭାରତ ସରକାରଙ୍କ ପକ୍ଷରୁ ସଫଳତାର ସହ ଅନୁସନ୍ଧାନ ଓ ଉତ୍ପାଦନ ପାଇଁ ପ୍ରାୟ ୧.୪ ଲକ୍ଷ ବର୍ଗ କିଲୋମିଟର ଆବଂଟନ କରାଯାଇଛି । କ୍ରମାଗତ ସଂସ୍କାର କରାଯାଇ ନୀତିଗତ ଭାବେ ଓପନ ଆକ୍ରେଜ ଲାଇସେନ୍ସିଂ ପଲିସି ଓଏଏଲପି ବିଡ୍ ରାଉଣ୍ଡ-୪ ଅଧୀନରେ ପ୍ରଥମ ରାଉଣ୍ଡରେ ୬୦ ହଜାର କିମି, ଦ୍ୱିତୀୟ ଏବଂ ତୃତୀୟ ରାଉଣ୍ଡରେ ପ୍ରାୟ ୩୦-୩୦ ହଜାର ଏବଂ ଚତୁର୍ଥ ରାଉଣ୍ଡରେ ୧୮ ହଜାର ୫୦୦ ବର୍ଗ କିମିର ଆବଂଟନ ପୂରଣ ହୋଇଛି ଏବଂ ଚତୁର୍ଥ ରାଉଣ୍ଡର କାମ ଓଏନଜିସି ଦ୍ୱାରା ହେବ।

ଦେଶରେ ଉର୍ଜା ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଛି । ଭାରତ ସରକାରଙ୍କ ତରଫରୁ ଉର୍ଜା କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ କରାଯାଉଛି । ଜାତୀୟ ଭିତିଭୂମି କ୍ଷେତ୍ରରେ ଆଗାମୀ ୫ ବର୍ଷ ପାଇଁ ୧୦୨ ଲକ୍ଷ କୋଟି ଟଙ୍କା ପୁଞ୍ଜିନିବେଶ କରିବାର ଯୋଜନା କରାଯାଇଛି । ଏହି ପ୍ରକଳ୍ପରେ ଉର୍ଜା କ୍ଷେତ୍ରର ୨୪ ପ୍ରତିଶତ ଭାଗ ରହିବ। ଯାହା ଦେଶର ଅର୍ଥନୀତିରେ ପ୍ରଭାବ ପକାଇବ । ଦେଶର ଅର୍ଥନୀତିକୁ ଦ୍ରୁତ ଗତି ଦେବାରେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସର ଅଂଶୀଦାରଙ୍କ ଯୋଗଦାନ ରହିଛି ।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଅଧୁନା ଯୁଗରେ ଟେକ୍ନୋଲୋଜି, ବିଜ୍ଞାନ ଦ୍ରୁତ ଗତିରେ ଅଗ୍ରସର ହେଉଛି । ତୈଳ ଏବଂ ଗ୍ୟାସ କମ୍ପାନୀମାନେ ମଧ୍ୟ ଏହି କ୍ଷେତ୍ରର ବୃଦ୍ଧି କରିବା ପାଇଁ ଡିଜିଟାଲାଇଜେନସକୁ ଗୁରୁତ୍ୱ ଦେଉଛନ୍ତି ।

ଚିତ୍ରଶିଳ୍ପୀ ପଂଚାନନ ସାମଲଙ୍କୁ ଭାରତ କଳାରତ୍ନ

ଭୁବନେଶ୍ୱର, (ପିଏନ)- ଆସାନସୋଲଠାରେ ଜାତୀୟ କଳା ଉତ୍ସବରେ ଓଡ଼ିଶାର ଧଉଳି ଚାରୁ କଳା ମହାବିଦ୍ୟାଳୟର ଅଧକ୍ଷ ତଥା ଚିତ୍ରଶିଳ୍ପୀ ପଂଚାନନ ସାମଲଙ୍କୁ ଚିତ୍ରକଳା କ୍ଷେତ୍ରରେ ଆନ୍ତର୍ଜାତୀୟ ଖ୍ୟାତି ଅର୍ଜନ ତଥା ଆଜୀବନ ନିରବଚ୍ଛିନ୍ନ କଳା ସାଧନା ପାଇଁ ଭାରତ କଳାରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି ।

କାଳିକାନନ୍ଦା କଲେଜ ଅଫ୍ ଆର୍ଟ ଆଣ୍ଡ ଡିଜାଇନ୍ ଓ କୁଲଟି ମଦତ ଫଉଣ୍ଡେସନର ମିଳିତ ଆୟୋଜନରେ ଏହି ଜାତୀୟ କଳା ଉତ୍ସବର ଉଦଯାପନୀ ଦବସ ତଥା ସମ୍ବର୍ଦ୍ଧନା ସଭାରେ ଓଡ଼ିଶାରୁ ପାରମ୍ପରିକ ପଟ୍ଟ ଚିତ୍ରଶିଳ୍ପୀ ରବୀନ୍ଦ୍ର କୁମାର ମହାରଣା ଓ ପାରମ୍ପରିକ ମୁଖା ଶିଳ୍ପୀ ଅବନ୍ତୀ ମହାରଣା, ଦେବେନ୍ଦ୍ର ମହାରଣା ଓ ପି.ବି. ଗଣେଶଙ୍କୁ ଜାତୀୟ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ପାରମ୍ପରିକ ପଟ୍ଟଚିତ୍ର କର୍ମଶାଳାରେ ରବୀନ୍ଦ୍ର କୁମାର ମହାରଣା ଅନ୍ୟମାନଙ୍କୁ ଓଡ଼ିଶାର ପଟ୍ଟଚିତ୍ର ଶିକ୍ଷା ଦେବା ସହ ଅବନ୍ତୀ ମହାରଣା ପାରମ୍ପରିକ ମୁଖା କର୍ମଶାଳାରେ ସୁନ୍ଦର ସୁନ୍ଦର କାଗଜମୁଖା ଶିଳ୍ପୀମାନଙ୍କୁ ଶିଖାଇଥିଲେ ।

ଏହି ଅସରରେ ୧୫୦ ଜଣ ଶିଶୁ ଚିତ୍ରଶିଳ୍ପୀଙ୍କୁ ନେଇ ଆୟୋଜିତ ଜାତୀୟ ଶିଶୁଚିତ୍ର ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଋତୁରାଜ ମହାରଣା ଓ ଋତୁପର୍ଣ୍ଣା ମହାରଣାଙ୍କୁ ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଥିଲା । ଉକ୍ତ କଳା ଉତ୍ସବରେ ନୂଆବର୍ଷକୁ ସ୍ୱାଗତ ଜଣାଇ ବିହାର, ଓଡ଼ିଶା, ତେଲେଙ୍ଗାନା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଆଦି ଭାରତର ବିଭିନ୍ନ ରାଜ୍ୟରୁ ୨୫ ଜଣ ଚିତ୍ରଶିଳ୍ପୀ ନିଜ ନିଜ ଶୈଳୀରେ ଚିତ୍ର ଅଙ୍କନ କରି ପ୍ରଦର୍ଶନୀରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ତିନିଦିନ ଧରି ଆୟୋଜିତ ଏହି କଳା ଉତ୍ସବରେ ଅନେକ ଶିଳ୍ପୀ, କଳାପ୍ରେମୀ ଓ ଜନସମାଗମ ହୋଇଥିଲା । ଚିତ୍ରକଳା ପ୍ରତି ସାଧାରର ଲୋକଙ୍କ ଆଗ୍ରହ ସୃଷ୍ଟି ଏହାର ମୂଳ ଉଦ୍ଦେଶ୍ୟ ବୋଲି ଉତ୍ସବର ଆୟୋଜକ ଅଜୟ କୁମାର ମହାତୋ ପ୍ରକାଶ କରିଥିଲେ ।

୬କୋଟି ହିତାଧିକାରୀଙ୍କୁ ପିଏମ କିସାନର ତୃତୀୟ କିସ୍ତି ସହାୟତା ପ୍ରଦାନ କଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, (ପିଏନ)- କର୍ଣ୍ଣାଟକର ତୁମକୁର ଠାରେ ଆୟୋଜିତ ଏକ ସାଧାରଣ ସଭାରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ପ୍ରଗତିଶୀଳ ଚାଷୀମାନଙ୍କୁ କୃଷିମନ୍ତ୍ରୀଙ୍କ କୃଷି କର୍ମଣ ପୁରସ୍କାର ଏବଂ ବିଭିନ୍ନ ରାଜ୍ୟକୁ ପ୍ରଶଂସାମୂଳକ ପୁରସ୍କାର ପ୍ରଦାନ କରିଛନ୍ତି। ସେ ମଧ ଡିସେମ୍ବର ୨୦୧୯ରୁ ମାର୍ଚ୍ଚ ୨୦୨୦ ଅବଧି ଲାଗି ପ୍ରଧାନମନ୍ତ୍ରୀ କିସାନ ସମ୍ମାନ ନିଧି (ପିଏମ-କିସାନ)ର ତୃତୀୟ କିସ୍ତି ଆକାରରେ ହିତାଧିକାରୀମାନଙ୍କୁ ୨ ହଜାର ଟଙ୍କା ଲେଖାଏଁ ସହାୟତା ଜାରି କରିଛନ୍ତି। ଏହାଦ୍ୱାରା ଦେଶର ୬ କୋଟି ହିତାଧିକାରୀ ଲାଭାନ୍ୱିତ ହୋଇପାରିବେ।

ପ୍ରଧାନମନ୍ତ୍ରୀ କର୍ଣ୍ଣାଟକର କୃଷକମାନଙ୍କୁ କିଷନ କ୍ରେଡିଟ କାର୍ଡ (କେସିସି) ବଂଟନ କରିଥିଲେ। ପ୍ରଧାନମନ୍ତ୍ରୀ ମଧ ୮ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶର ପିଏମ କିସାନ ହିତାଧିକାରୀମାନଙ୍କୁ ପ୍ରମାଣପତ୍ର ବଂଟନ କରିଥିଲେ। ତାମିଲନାଡୁର ମତ୍ସ୍ୟଜୀବୀମାନଙ୍କୁ ଗଭୀର ସମୁଦ୍ର ମାଛ ଧରା ଡଙ୍ଗାର ଚାବି ଏବଂ ମାଛ ଧରା ପୋତ ଟ୍ରାନ୍ସପୋଣ୍ଡର ବଂଟନ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଅନ୍ନଦାତା- ଆମର କୃଷକ ଭାଇ ଓ ଭଉଣୀମାନଙ୍କୁ ଏହି ନୂଆ ବର୍ଷରେ, ନୂଆ ଦଶନ୍ଧିର ଆରମ୍ଭରେ ଦେଖିବା ତାଙ୍କ ପାଇଁ ସୌଭାଗ୍ୟର ବିଷୟ। ୧୩୦ କୋଟି ଦେଶବାସୀଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ କଠିନ ପରିଶ୍ରମ ଲାଗି ଦେଶର କୃଷକମାନଙ୍କୁ ଧନ୍ୟବାଦ ଜଣାଇଥିଲେ। କର୍ଣ୍ଣାଟକର ଏ ମାଟି ସେହି ଐତିହାସିକ ମୁହୂର୍ତର ସାକ୍ଷୀ ହେଉଛି, ଯେତେବେଳେ ଦେଶର ପାଖାପାଖି ୬ କୋଟି କୃଷକଙ୍କ ବ୍ୟକ୍ତିଗତ ବ୍ୟାଙ୍କ ଖାତାକୁ ପ୍ରଧାନମନ୍ତ୍ରୀ କିସାନ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏହି ଯୋଜନାର ତୃତୀୟ କିସ୍ତିରେ ମୋଟ ୧୨ ହଜାର କୋଟି ଟଙ୍କା ଜମା କରାଯାଇଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦେଶରେ ଏପରି ଏକ ସମୟ ଥିଲା ଯେତେବେଳେ ଦେଶରେ ଗରିବଙ୍କ ପାଖକୁ ପଠାଯାଇଥିବା ୧ ଟଙ୍କାରୁ ମାତ୍ର ୧୫ ପଇସା ପ୍ରକୃତ ହିତାଧିକାରୀ ନିକଟରେ ପହଁଚୁଥିଲା। ହେଲେ ବର୍ତମାନ ଦଲାଲଙ୍କ ବିନା ହସ୍ତକ୍ଷେପରେ ସିଧାସଳଖ ଗରିବଙ୍କ ନିକଟରେ ଟଙ୍କା ପହଁଚିପାରୁଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ବହୁବର୍ଷ ଧରି ବିଳମ୍ବିତ ହୋଇ ପଡ଼ି ରହିଥିବା ଜଳସେଚନ ପ୍ରକଳ୍ପଗୁଡ଼ିକ ବର୍ତମାନ କାର୍ଯ୍ୟକାରୀ ହେଉଛି। ସେ ଆହୁରି ମଧ କହିଥିଲେ ଯେ ଫସଲ ବୀମା, ମୃର୍ତିକା ସ୍ୱାସ୍ଥ୍ୟକାର୍ଡ ଏବଂ ୧୦୦% ନିମ୍ବଯୁକ୍ତ ୟୁରିୟା ଭଳି ଯୋଜନା ଦ୍ୱାରା ଆମ ଚାଷୀଙ୍କ କଲ୍ୟାଣ ପ୍ରତି କେନ୍ଦ୍ର ସରକାର ସର୍ବଦା ଅଗ୍ରାଧିକାର ଦେଇ ଆସିଛନ୍ତି। ସରକାରଙ୍କ ପ୍ରୟାସ କାରଣରୁ ଭାରତରେ ମସଲା ଉତ୍ପାଦନ ଏବଂ ରପ୍ତାନୀ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଭାରତରେ ମସଲା ଉତ୍ପାଦନ ବୃଦ୍ଧି ପାଇଁ ୨.୫ ମିଲିୟନ ଟନରୁ ଅଧିକ ହୋଇଥିବା ବେଳେ ମସଲା ରପ୍ତାନି ୧୫ ହଜାର କୋଟିରୁ ପାଖାପାଖି ୧୯ ହଜାର କୋଟି ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଉଦ୍ୟାନ କୃଷି ବ୍ୟତିତ, ଦକ୍ଷିଣ ଭାରତରେ ଅଧିକ ପରିମାଣରେ ଡାଲି, ତୈଳବୀଜ ଓ ମୋଟା ଶସ୍ୟ ଉତ୍ପାଦିତ ହେଉଛି।

ପ୍ରଧାନମନ୍ତ୍ରୀ କହିଥିଲେ, "ଦେଶରେ ଡାଲି ଉତ୍ପାଦନ ବୃଦ୍ଧି ଲାଗି ବିହନ କେନ୍ଦ୍ର ନିର୍ମାଣ କରାଯାଉଛି। ଏଥିମଧ୍ୟରୁ ୩୦ଟି କେନ୍ଦ୍ର କେବଳ କର୍ଣ୍ଣାଟକ, ଆନ୍ଧ୍ର, କେରଳ, ତାମିଲନାଡୁ ଓ ତେଲଙ୍ଗାନାରେ ରହିଛି। ମତ୍ସ୍ୟପାଳନ କ୍ଷେତ୍ରରେ ସରକାରଙ୍କ ପ୍ରୟାସ ବିଷୟରେ ଉଲ୍ଲେଖ କରି ଏହି କ୍ଷେତ୍ରକୁ ସୁଦୃଢ଼ କରିବା ଲାଗି ତିନୋଟି ସ୍ତରରେ କାର୍ଯ୍ୟ କରାଯାଉଛି। ପ୍ରଥମତଃ ମତ୍ସ୍ୟଜୀବୀମାନଙ୍କୁ ଆର୍ଥିକ ସହାୟତା ଜରିଆରେ ଗ୍ରାମାଂଚଳରେ ମତ୍ସ୍ୟ ଚାଷକୁ ପ୍ରୋତ୍ସାହନ ଦିଆଯାଉଛି। ଦ୍ୱିତୀୟତଃ ନୀଳ ବିପ୍ଳବ ଯୋଜନା ଅଧୀନରେ ମାଛଧରା ଡଙ୍ଗାର ଆଧୁନିକୀକରଣ କରାଯାଉଛି। ତୃତୀୟତଃ ମାଛ ବ୍ୟବସାୟ ଓ ବାଣିଜ୍ୟ ସହ ସଂକ୍ରାନ୍ତ ଆଧୁନିକ ଭିତିଭୂମି ନିର୍ମାଣ କରାଯାଉଛି। ଦେଶର ପୁଷ୍ଟିସାଧନ ସୁରକ୍ଷାକୁ ଦୃଷ୍ଟିରେ ରଖି ପୁଷ୍ଟିକର ଶସ୍ୟ, ଉଦ୍ୟାନ କୃଷି ଓ ଜୈବିକ କୃଷି ପାଇଁ କୃଷି କର୍ମଣ ପୁରସ୍କାରର ଏକ ନୂତନ ବର୍ଗ ସୃଷ୍ଟି କରିବା ଲାଗି ପ୍ରଧାନମନ୍ତ୍ରୀ ଅନୁରୋଧ କରିଥିଲେ। ଯଦ୍ୱାରା ଏହି କ୍ଷେତ୍ରରେ ଭଲ କାର୍ଯ୍ୟ କରିବା ଲାଗି ଲୋକମାନଙ୍କୁ ଓ ରାଜ୍ୟଗୁଡ଼ିକୁ ପ୍ରୋତ୍ସାହନ ମିଳିପାରିବ।

ଟି ଟାଇମ୍

ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଭଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର

ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

ପୁରାଣ କାହାଣୀ

ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରତିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

ଆଜିର ଭାଗ୍ୟ

ମେଷ କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

ବୃଷ ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

ମିଥୁନ କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

କର୍କଟ ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମୀୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

ସିଂହ ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

କନ୍ୟା ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

ତୁଳା ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

ବିଛା ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

ଧନୁ ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

ମକର କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

କୁମ୍ଭ ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

ମୀନ କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା

ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା। ସେ ପୁରୁଷ ହୋଇଥିଲେ ମଧ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି। ଦର୍ଶକ ମଧ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି। ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି। ନୃତ୍ୟ ଶେଷରେ ମଧ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି। ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି। ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ। କଳାକ୍ରିଷ୍ଣା ମଧ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି। କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି। ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି। ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ। ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି। ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ। ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି।

ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି। ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ। ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି। ଏହାର ବୀଜକୁ ଔଷଧ ରୂପେ ରଖାଯାଏ। ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ। ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇଥାଏ। ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ। ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ। ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ।

ହ୍ରିତିକ
ବଲିଉଡର ସବୁଠୁ
ସେକ୍ସି ପୁରୁଷ

ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଥାନ୍ତି ହ୍ରିତିକ।

ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ। ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି। ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ। କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ। ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା। ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପଚାର କରାଯିବ। ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ। ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ।

'କର୍ଫି'ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ





ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।

ପର୍ଯ୍ୟବେକ୍ଷକ
ମହାନଗର

ଲବ୍ଧପ୍ରତିଷ୍ଠିତ ସାହିତ୍ୟିକ ଓ ବିଶିଷ୍ଟ ରାଜନୀତିଜ୍ଞ ଥିଲେ ଜାନକୀବଲ୍ଲଭ ପଟ୍ଟନାୟକ

ସାଧାରଣ ମଧ୍ୟବିତ ପରିବାରରୁ ଆସିଥିଲେ ମଧ୍ୟ ନିଜର ସ୍ୱକୀୟ ନିଷ୍ଠା ଓ ସାଧନା ବଳରେ ସଫଳତାର ଉଚ୍ଚାଙ୍ଗ ଶିଖରକୁ ଛୁଇଁଥିବା ବିରଳ ବ୍ୟକ୍ତିତ୍ୱ ଥିଲେ ସ୍ୱର୍ଗତଃ ଜାନକୀ ବଲ୍ଲଭ ପଟ୍ଟନାୟକ। ତାଙ୍କର ଏହି ସଫଳତା ତାଙ୍କର ରାଜନୈତିକ ଜୀବନୀ ତଥା ଚଉଦ ବର୍ଷର ମୁଖ୍ୟମନ୍ତ୍ରୀତ୍ୱ ମଧ୍ୟରେ ସୀମିତ ନ ଥିଲା। ଜଣେ ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ ଏବଂ ଆସାମର ରାଜ୍ୟପାଳ ହେବାର ଗୌରବ ମାଧ୍ୟମରେ ପ୍ରସ୍ଫୁଟିତ ହୋଇଥିଲା। ରାଜନୀତି ଓ ସାହିତ୍ୟକ୍ଷେତ୍ରରେ ଉଦୟ ମାର୍ତଣ୍ଡ ତଥା ବିରଳ ସୌଭାଗ୍ୟ ଯଦି ଓଡିଶାରେ କାହାର ଥାଏ ତେବେ ସେହି ମହାନ ବ୍ୟକ୍ତିତ୍ୱ ଥିଲେ ଜାନକୀ ବଲ୍ଲଭ ପଟ୍ଟନାୟକ। ସତୀର୍ଥ ଖୋର୍ଦ୍ଧା ମାଟିର ରାମେଶ୍ୱର ଗ୍ରାମରେ ବିଶିଷ୍ଟ ଲେଖକ ଗୋକୁଳାନନ୍ଦ ପଟ୍ଟନାୟକଙ୍କ ସୁଯୋଗ୍ୟ ସନ୍ତାନଭାବେ ୧୯୨୭ ମସିହା ଜାନୁୟାରୀ ମାସ ୩ ତାରିଖରେ ସେ ଜନ୍ମ ଗ୍ରହଣ କରିଥିଲେ। ତୁଳସୀ ଦୁଇ ପତ୍ରରୁ ବାସିଲା ପରି ତାଙ୍କର ଅନ୍ତର୍ନିହିତ ଗୁଣ ପିଲାଟି ବେଳରୁ ବିକଶି ଉଠିଥିଲା। ଜଣେ ସୁଲେଖକ ପିତାଙ୍କ ସଠିକ୍ ତତ୍ୱାବଧାନରେ ଜାନକୀ ବାବୁ ନିଜର ସ୍କୁଲ ଶିକ୍ଷା ଓ ପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସଂସ୍କୃତରେ ସମ୍ମାନ ସହ ସ୍ନାତକ ଶିକ୍ଷା ସମାପ୍ତି କରିବା ପରେ ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ କୃତିତ୍ୱର ସହ ସ୍ନାତକୋତର ଶିକ୍ଷା ସମାପ୍ତି କରିଥିଲେ। ପାଇକର ଉଦୟ ମାର୍ତଣ୍ଡ ବକ୍ସି ଜଗବନ୍ଧୁଙ୍କ ନାମରେ ନାମିତ ଖୋର୍ଦ୍ଧାର ବକ୍ସି ଜଗବନ୍ଧୁ ବିଦ୍ୟାଳୟରେ ଅଧ୍ୟୟନ କାଳରେ ସେତେବେଳର ସୁଦକ୍ଷ ପ୍ରଧାନ ଶିକ୍ଷକ ବାଙ୍କନିଧି ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତରରେ ସେ କହିଥିଲେ ସେ ତାଙ୍କ ଜୀବନରେ "ଖବର କାଗଜର ସମ୍ପାଦକ"ହେବା ପାଇଁ ଚାହାଁନ୍ତି। ତାଙ୍କର ଏ ମନୋଭାବ ପ୍ରମାଣ କରିଥାଏ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ଦୁଃଖ ଦୁର୍ଦ୍ଦଶା ସତେ ଯେପରି ନିଜର ମାନସ ପଟ୍ଟରେ ଆଙ୍କିହୋଇ ତା'ର ସଫଳ ସମାଧାନ କରିବା ପ୍ରଚେଷ୍ଟାରେ ଲାଗି ପଡିଥିଲେ। ଏହାକୁ ଅଧିକ ପ୍ରତିଫଳିତ କରିବା ପାଇଁ ଖବର କାଗଜ ହିଁ ଏକମାତ୍ର ମାଧ୍ୟମ ବୋଲି ସେ ବିଚାର କରିଥିଲେ।

ଈଶ୍ୱର ମନଗୁଣେ ତାଙ୍କୁ ଫଳ ପ୍ରଦାନ କରିଥିଲେ। ଉଚ୍ଚ ଶିକ୍ଷା ପରେ ପରେ ସେ ସାମ୍ବାଦିକତା ବୃତିକୁ ଆପଣେଇ ନେଇଥିଲେ। ୧୯୪୯ରେ ଜଣେ ସାମ୍ବାଦିକ ଭାବେ ପ୍ରଜାତନ୍ତ୍ର ପ୍ରଚାର ସମିତିରେ ଯୋଗଦେଇ ଇଂରାଜୀ ଦୈନିକ "ଇଷ୍ଟର୍ଣ୍ଣ ଟାଇମସ୍" ଓ ଓଡିଆ ଦୈନିକ ପ୍ରଜାତନ୍ତ୍ରର ସମ୍ପାଦକଭାବେ ନିଜକୁ ପ୍ରତିଷ୍ଠା କରିଥିଲେ। ମାତ୍ର ୨୫ ବର୍ଷ ବୟସରେ ଦୁଇ ଦୁଇଟି ଦୈନିକ ସମ୍ବାଦ ପତ୍ରର ସମ୍ପାଦନା ଦାୟୀତ୍ୱ ତୁଲାଇବାରେ ବିରଳ ସୌଭାଗ୍ୟ କେବଳ ଯୋଗଜନ୍ମା ଜାନକୀ ବାବୁ ପାଇଥିଲେ। ଏହି ସାମ୍ବାଦିକତା ବୃତି ହିଁ ତାଙ୍କ ଜୀବନରେ ଉନ୍ମୋଚିତ କରିଥିଲା ରାଜନୀତିର ପ୍ରଶସ୍ତ ପଥ। ପ୍ରମୂଖ ରାଜନେତାଙ୍କ ସହିତ ତାଙ୍କର ନିବିଡ଼ ସମ୍ପର୍କ ରାଜନୀତି ପ୍ରତି ତାଙ୍କ ଅଭିରୁଚିକୁ କ୍ରମେ ଅଧିକ ଉଦ୍ଦିପାତ କରିଥିଲା। ଆଉ ପଛକୁ ନ ଫେରି ସେ ୧୯୭୧ ମସିହାରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ ଏବଂ ପରେ ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରୀ ପରିଷଦରେ ଉପମନ୍ତ୍ରୀ, ରାଷ୍ଟ୍ର ମନ୍ତ୍ରୀ ଓ କ୍ୟାବିନେଟ ମନ୍ତ୍ରୀ ଭାବେ ସୂଚାରୁରୂପେ କାର୍ଯ୍ୟ ନିର୍ବାହ କରିଥିଲେ। "ରାଜଧର୍ମ ଓ ରାଜନୀତି ସବୁ ନୀତି ମଧ୍ୟରେ ଶ୍ରେଷ୍ଠ ବୋଲି ଶ୍ରୀଯୁକ୍ତ ପଟ୍ଟନାୟକ ବିଶ୍ୱାସ କରୁଥିଲେ"। ଏଥିପାଇଁ ସାମ୍ବାଦିକତାପରେ ଦୀର୍ଘ ୪ ଦଶନ୍ଧି ପ୍ରତ୍ୟକ୍ଷ ରାଜନୀତିରେ ରହିବା କାଳରେ ସେଥିରୁ ୧୮ ବର୍ଷର କ୍ଷମତା ରାଜନୀତିରୁ ପ୍ରାୟ ୧୪ବର୍ଷର ମୁଖ୍ୟମନ୍ତ୍ରୀତ୍ୱ କାଳରେ ସେ ଅନେକ ଆଖି ଦୃଶିଆ ପଦକ୍ଷେପ ନେଇଥିଲେ। ତାଙ୍କର ପ୍ରଚେଷ୍ଟାରେ ଓଡିଆ ଭାଷାର ଅଗ୍ରଗତି ହୋଇଥିଲା। ୧୯୮୦ରୁ ୧୯୮୯ ଓ ୧୯୯୫ରୁ୧୯୯୯ ଏହିପରି ତିନୋଟି ପର୍ଯ୍ୟାୟ ଦୀର୍ଘ ଅବଧିର ମୁଖ୍ୟମନ୍ତ୍ରୀତ୍ୱ କାଳରେ ଏକ ଗୁରୁତ୍ୱ ପୂର୍ଣ୍ଣ କାଳ ଖଣ୍ଡରେ ଓଡିଶାର ବହୁ ବିଧ ବିକାଶ ପାଇଁ ସେ ଯେଉଁ ଉଦ୍ୟମ କରିଥିଲେ ତାଙ୍କର ସେହିସବୁ ଉଦ୍ୟମ କିପରି ଓ କେତେ ମାତ୍ରାରେ ସଫଳ ହୋଇପାରିଥିଲା ତାହାର ତଥ୍ୟନିଷ୍ଠ ବିବରଣୀକୁ ନେଇ ୨୦୧୦ମସିହାରେ ପ୍ରକାଶ ପାଇଥିଲା ଏକ ସୁସମ୍ପାଦିତ ପୁସ୍ତକ "ଓଡିଶା ଶାସନର ଏକ ସ୍ୱର୍ଣ୍ଣ ଯୁଗ"। ଏହି ସମକାଳୀନ ଇତିହାସ ପୁସ୍ତକରେ ରାଜ୍ୟର ଓ ରାଜ୍ୟବାହାରର ୬୮ଜଣ ଲେଖକ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱର ଅନାସକ୍ତ ଆକଳନ କରିଛନ୍ତି। ନିଜର କ୍ୟାବିନେଟ ମନ୍ତ୍ରୀତ୍ୱ କାଳରେ ଦିଲ୍ଲୀ ଓ ଓଡିଶା ମଧ୍ୟରେ ସିଧାସଳଖ ରେଳ ଓ ବିମାନ ଚଳାଚଳ ବ୍ୟବସ୍ଥା ତାଙ୍କର ଥିଲା ଉଲ୍ଲେଖନୀୟ ଉଦ୍ୟମ।

ରେଭେନ୍ସା କଲେଜର ଛାତ୍ର ଥିବାବେଳେ ସେ ଭାରତୀୟ ସ୍ୱାଧିନତା ସଂଗ୍ରାମରେ ସକ୍ରୀୟ ଅଂଶ ଗ୍ରହଣ କରିଥିଲେ। ୧୯୯୭ରୁ ୨୦୦୯ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ସେ ବହୁବାର କଂଗ୍ରେସ କମିଟିର ଗୁରୁତ୍ୱ ପୂର୍ଣ୍ଣ ପଦ ମଣ୍ଡନ କରି ସୂଚରୁରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ। କେବଳ ରାଜନୀତି କ୍ଷେତ୍ରରେ ନୁହେଁ, ଜଣେ ସଂସ୍କୃତ ବିଦ୍ୱାନ ଓ ସାରସ୍ୱତ ସାଧକଭାବରେ ସେ ବିପୁଳ ଯଶ ଖ୍ୟାତିର ଅଧିକାରୀ ଥିଲେ। ୧୯୬୭ ମସିହାରେ ସେ "ପୌରୁଷ" ନାମକ ଏକ ମାସିକ ପତ୍ରିକା ପ୍ରକାଶ କରି ବିପୁଳ ଯଶ ଖ୍ୟାତି ଅର୍ଜନ କରିଥିଲେ ଯାହା ଆଜି ମଧ୍ୟ ପାଠକ ମହଲରେ ଆଦୃତ ଲାଭ କରିଛି। ଜଣେ ସଂସ୍କୃତ ବିଦ୍ୱାନ ଭାବରେ ସେ ପୁରୀ ଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟରୁ ସମ୍ମାନ ସୂଚକ " ପ୍ରଜ୍ଞାନ ବାଚସ୍ପତି" ଉପାଧି ଏବଂ ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ ପକ୍ଷରୁ ଡି.ଲି.ଟି ଲାଭ କରିଥିଲେ। ୨୦୦୮ ମସିହାରେ ସେ ତିରୁପତି ସଂସ୍କୃତ ବିଶ୍ୱ ବିଦ୍ୟାଳୟର କୁଳାଧିପତିଭାବେ ଅବସ୍ଥାପିତ ହୋଇଥିଲେ।

ଜଣେ ପ୍ରବୀଣ ଲେଖକ ଭାବେ ତାଙ୍କର ପ୍ରଥମ ପ୍ରକାଶିତ ପୁସ୍ତକ ଥିଲା "ଗୌତମ ବୁଦ୍ଧ" । ୨୫ଶହତମ ବୁଦ୍ଧ ଜୟନ୍ତୀ ବର୍ଷରେ ୧୯୫୬ ମସିହାରେ ଏହା ପ୍ରଥମେ ପ୍ରକାଶ ପାଇ ବିପୁଳ ପାଠକୀୟ ଆଦୃତ ଲାଭ କରିଥିଲା। ହିନ୍ଦୁ ଧର୍ମର ତିନୋଟି ମହାକାବ୍ୟ ରାମାୟଣ, ମହାଭାରତ ଓ ଶ୍ରୀମଦ୍ ଭାଗବତ ଗୀତାର ଗଦ୍ୟାନୁବାଦ ସହିତ ଭର୍ତୃହରିଙ୍କ ତିନୋଟି ଶତକର ଅନୁବାଦ ମଧ୍ୟ ତାଙ୍କର ସଫଳ ସାହିତ୍ୟକୃତି ଥିଲା। "ବୈରାଗ ଶତକ" ପାଇଁ ସେ ୧୯୯୬ରେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ଓ "ବଙ୍କିମ ଉପନ୍ୟାସ ମାଳା"ର ଅନୁବାଦ ପାଇଁ ୨୦୦୧ରେ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ଏଥି ସହିତ ତାଙ୍କର ଅନେକ ସାହିତ୍ୟକୃତି ମଧ୍ୟରୁ "ସିନ୍ଧୁ ଉପତ୍ୟକା" କବିତା ପୁସ୍ତକ ଏବଂ " ସ୍ୱପ୍ନ ସଂକଳ୍ପ" ସମେତ ଅନ୍ୟ କେତୋଟି ପ୍ରବନ୍ଧ ସଂଗ୍ରହ ଅତି ମନଛୁଆଁ।

"ରାମକୃଷ୍ଣ କଥାମୃତର ପୁନର୍କଥନ" "ମାଗୁଣୀର ଫୁଲ ଓ ଅନ୍ୟାନ୍ୟ ଗଳ୍ପ" ତାଙ୍କର ଏକ ଅନବଦ୍ୟ ପ୍ରକାଶିତ ପୁସ୍ତକ। ୨୦୦୯ରେ ଆସାମର ରାଜ୍ୟପାଳେ ଭାବରେ ଅବସ୍ଥାପିତ କାଳରେ ସେ ଓଡିଶା ଓ ଆସାମ ମଧ୍ୟରେ ସାଂସ୍କୃତିକ ସମନ୍ୱୟ ସହିତ ଏ ଦୁଇ ରାଜ୍ୟର ଭାବମୂର୍ତିକୁ ଭାରତୀୟ ଭୂମିରେ ଉଜ୍ଜ୍ୱଳ କରିବା ପାଇଁ ତାଙ୍କର ପ୍ରୟାସ ଥିଲା ପ୍ରଣିଧାନ ଯୋଗ୍ୟ। ଦେଶର ବିକାଶ କ୍ଷେତ୍ରରେ ଉଲ୍ଲେଖ ନୀୟ ଅବଦାନ ପାଇଁ ନୂଆ ଦିଲ୍ଲୀସ୍ଥିତ "ଗାନ୍ଧୀ ଗ୍ଲୋବାଲ ଫ୍ୟାମିଲ" ପକ୍ଷରୁ ତାଙ୍କୁ ସମ୍ମାନ ଜନକ "ମହାତ୍ମା ଗାନ୍ଧୀ ସେବା ପଦକରେ"ଭୂଷିତ କରାଯାଇଥିଲା। ଆଜି ସେହି ଯୋଗ ଜନ୍ମାଙ୍କର ଜନ୍ମ ଜୟନ୍ତୀ ଯୁବ ନେତା ସଞ୍ଜୟ ପଟ୍ଟନାୟକଙ୍କ ତତ୍ୱାବଧାନରେ ଏହି ଉର୍ଜ୍ଜ୍ୱସ୍ୱଳା ଖୋର୍ଦ୍ଧା ମାଟିରେ ପାଳନ କରାଯାଉଛି। ଯାହା ଖୋର୍ଦ୍ଧାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ।

ଉମାଶଙ୍କର ପ୍ରସାଦ, କବି ତଥା ସ୍ତମ୍ଭକାର, ଖୋର୍ଦ୍ଧା

ସାଇଦର୍ଶନ ଓ ସାଇକୃପା

ଭଗବାନ ଶ୍ରୀସତ୍ୟସାଇ ବାବା ମହାସମାଧି ଗ୍ରହଣ କରିବାର ନଅବର୍ଷ ଆସି ଉପସ୍ଥିତ। ସେ ତାଙ୍କ ସ୍ଥୁଳ ଶରୀର ତ୍ୟାଗ କରିଛନ୍ତି ସତ କିନ୍ତୁ ଆଶ୍ରିତ ମାନଙ୍କୁ ତ୍ୟାଗ କରିନାହାନ୍ତି। ଏବେ ମଧ୍ୟ ସୂକ୍ଷ୍ମରେ ସମସ୍ତ ଦୈବୀକର୍ତ୍ତବ୍ୟ ମାନ ପୂର୍ବବତ୍ ସମ୍ପାଦନ କରିଚାଲିଛନ୍ତି। ଏଥିରୁ ସୂଚିତ ହେଉଛି ଯେ ଅବତାରଙ୍କ ଉପସ୍ଥିତି ଓ ଅନୁପସ୍ଥିତି ଭକ୍ତ ବା ଆଶ୍ରିତମାନଙ୍କ ପକ୍ଷରେ ସମାନ କଥା। ସେମାନଙ୍କ ବଳ ତାଙ୍କ ପ୍ରାର୍ଥନା ଓ ଅନ୍ତରର ପବିତ୍ରତା ଯାହାକୁ ନିର୍ଭର କରି ସେମାନେ ନିଶ୍ଚିନ୍ତରେ ରହିପାରନ୍ତି ଓ ଭଗବତ୍ କୃପା ଲାଭ କରିପାରନ୍ତି। ସେ ସ୍ଥୁଳ ଶରୀରରେ ଥିଲାବେଳେ କହୁଥିଲେ ''ମୋ କଥା ମାନିବା ହିଁ ମୋ କୃପା ପାଇବାର ଉପାୟ''। ମହାସମାଧି ଗ୍ରହଣ କରିବା ପରେ ମଧ୍ୟ ତାଙ୍କ ପୂର୍ବ ପ୍ରଦତ୍ତ ବାକ୍ୟ ରକ୍ଷା କରିବାରେ ସେ ପୂର୍ଣ୍ଣ ମାତ୍ରାରେ ସମର୍ଥ। ଦିବ୍ୟସମ୍ଭାଷଣ ଓ ସେ ନିଜର ଦୈବୀଶକ୍ତି, ଦିବ୍ୟପ୍ରେମ, ଦିବ୍ୟ ଆନନ୍ଦକୁ ବ୍ୟବହାର କରି କୋଟି କୋଟି ବ୍ୟକ୍ତିଙ୍କ ଅନ୍ତରରେ ଆନନ୍ଦ ଖେଳାଇ ପାରିଛନ୍ତି। ସେବାକାର୍ଯ୍ୟରେ ନିୟୋଜିତ କରି ସହସ୍ର ସହସ୍ର ବ୍ୟକ୍ତିଙ୍କୁ ସ୍ୱାଭାବିକ ଆନନ୍ଦ ଉପଲବ୍ଧି କରାଇପାରିଛନ୍ତି। ଭଜନ ଓ ନାମ ସ୍ମରଣ ଯୋଜନା ମାଧ୍ୟମରେ ଲକ୍ଷ ଲକ୍ଷ ନରନାରୀଙ୍କ ଠାରେ ଆନନ୍ଦ ପ୍ଲାବନ କରିପାରିଛନ୍ତି। ଦିବ୍ୟ ସମ୍ଭାଷଣ ମାଧ୍ୟମରେ ପ୍ରଦାନ କରୁଥିବା ଭାବାତୀତ ଶିକ୍ଷାକୁ ଜୀବନରେ ଯେଉଁମାନେ ବ୍ୟବହାର କରିଛନ୍ତି ସେ ସମସ୍ତେ ଅପାର ଆନନ୍ଦ ଲାଭ କରିଛନ୍ତି। ସର୍ବୋପରି ଏଭଳି ଐଶ୍ୱରିକ ଶକ୍ତି ସମ୍ପନ୍ନ ବ୍ୟକ୍ତିତ୍ୱଙ୍କୁ ଚର୍ମ ଚକ୍ଷୁରେ ଦର୍ଶନ ପୂର୍ବକ ନିଜର ଭାଗ୍ୟକୁ ପ୍ରଶଂସା କରି ସମଗ୍ର ମାନବଜାତି ନିଜକୁ ଧନ୍ୟ ମନେକରୁଛି। ସମୟର ପ୍ରଭାବ, ଯୁଗ ଧର୍ମ, ଅଜ୍ଞାନ ଓ ଅହଂକାରର ବଶବର୍ତ୍ତୀ ହୋଇ ଆଜି ମଣିଷ ଅମଣିଷ ପାଲଟି ଯାଉଛି। ଦୈନିକ ସମ୍ବାଦପତ୍ର ତାହାର ପ୍ରମାଣ। ମଣିଷ ଜାଣିପାରୁନାହିଁ କ'ଣ କରଣୀୟ, କ'ଣ ଅକରଣୀୟ, ବିବେଚନାଶକ୍ତି ହରାଇ ମଣିଷ ତାହାଠାରୁ ନିମ୍ନ ପ୍ରବୃତ୍ତି ସମ୍ପନ୍ନ କର୍ମମାନ କରିବସୁଛି। ବିବେକ କ'ଣ, କେଉଁଠି ଥାଏ, ସେ କଣ କରେ, ତାହା ଜାଣିଥିବା ଲୋକେ ଆଜି ବିରଳ। ଜୀବନଯାପନ କରିବାର ସଠିକ ମାର୍ଗ ଆଜି ବିସ୍ମୃତ ଏବଂ ତାହାର ପରିଣାମ କି କଷ୍ଟଦାୟକ ! ଅଧିକାଂଶ ଏକ ଉତ୍ତପ୍ତ, ଅନୁତପ୍ତ ଓ ଚାପଗ୍ରସ୍ତ ଜୀବନର ଅସହ୍ୟ ଦୁଃଖରେ ବଞ୍ଚିବାକୁ ବାଧ୍ୟ ହେଉଛନ୍ତି। ବାବା କିନ୍ତୁ ଏଥିରୁ ଉଦ୍ଧାର ପାଇବା ପାଇଁ ପ୍ରାୟଶ୍ଚିତ କରିବାକୁ କହନ୍ତି ନାହିଁ। ତାଙ୍କର ପ୍ରଚଣ୍ଡ କ୍ଷମାଶକ୍ତି ବ୍ୟବହାର କରି କହନ୍ତି 'ତୁମେ କିଛିଟା ଭୁଲ କରିଦେଇଛ ମୁଁ, ସେସବୁକୁ କ୍ଷମା କରିଦେଉଛି, ଅତୀତକୁ ଭୁଲିଯାଅ, ନୂଆ କରି ଏକ ଜୀବନ ଆରମ୍ଭ କର।' ସେ ସ୍ନେହରେ ଆମ ହାତକୁ ଧରି ସତ୍ ପଥକୁ ଘେନି ଆସନ୍ତି, ଅନ୍ତରରେ ସଂସ୍କାର ଭରି ଦିଅନ୍ତି, ମନରେ ଦୃଢ଼ତା ବୃଦ୍ଧି କରି ନୂତନ ଜୀବନ ପଥରେ ଆମକୁ କେବଳ ଛାଡ଼ି ଦିଅନ୍ତି ନାହିଁ, ଆମ ସହିତ ନିଜେ ମଧ୍ୟ ଚାଲନ୍ତି। ନୈତିକ ଜୀବନର ସ୍ୱାଦ ଚଖାଇ ଅନୈତିକ ମାର୍ଗର ତିକ୍ତତା ଅନୁଭବ କରାଇ ଦିଅନ୍ତି। ଶୃଙ୍ଖଳିତ ଜୀବନର ନିରାପତ୍ତା ଭୋଗ କରାଇ ବିଶୃଙ୍ଖଳିତ ଜୀବନ ପାଇଁ ଅରୁଚି ସୃଷ୍ଟିକରି ଦିଅନ୍ତି। ତାଙ୍କ ଦିବ୍ୟଜୀବନର ନିଦର୍ଶନ ମାଧ୍ୟମରେ ମଣିଷ ଠାରେ ଦିବ୍ୟ ଜ୍ଞାନ ଉଦ୍ରେକ କରାଇ ଦିଅନ୍ତି ଯାହାଫଳରେ ଲୋକେ ପ୍ରେୟ ମାର୍ଗ ଛାଡ଼ି ଶ୍ରେୟ ମାର୍ଗ ଅବଲମ୍ବନ କରିଥାନ୍ତି ଏବଂ ସ୍ୱଅର୍ଜିତ ଆନନ୍ଦ ଉପଭୋଗ କରିପାରନ୍ତି। ଅଭାବି ଲୋକଙ୍କର ଅଭାବ ପୂରଣ କରିବା ଭଗବାନଙ୍କ ପାଇଁ ଖୁବ୍ ସହଜ, ସେମାନଙ୍କର ନିତାନ୍ତ ଆବଶ୍ୟକ ହୁଏ, ଖାଦ୍ୟ, ବସ୍ତ୍ର ଓ ବାସଗୃହ। ଏଗୁଡ଼ିକ ଯିଏ ପୂରଣ କରେ ସେମାନେ ପୁଣ୍ୟ ଅର୍ଜନ କରନ୍ତି। ଅନ୍ୟପକ୍ଷରେ ଅଭାବିର ଅଭାବ ଦୂର ହୁଏ। ଅଭାବ ମୁଖ୍ୟତଃ ଦୁଇପ୍ରକାରର ଥାଏ। ପ୍ରଥମଟି ପ୍ରକୃତ ଅଭାବ ଓ ଦ୍ୱିତୀୟଟି ଲୋଭ ଜନିତ ଅଭାବ, ଯାହା କେବେହେଲେ ପୂରଣ ହୋଇପାରିବ ନାହିଁ। ସଂସାରରେ ଏଭଳି ଲୋକ ଅଛନ୍ତି ଯେଉଁମାନେ ଦରିଦ୍ର ମାନଙ୍କ ଆବଶ୍ୟକତା ପୂରଣ କରିପାରିବେ କିନ୍ତୁ ଲୋଭଜନିତ ଅଭାବର ପରିସମାପ୍ତି ନ ଥାଏ। ସଂଗଠନ ମାଧ୍ୟମରେ ତାଙ୍କ ଆଶ୍ରିତମାନଙ୍କୁ ଶିକ୍ଷା ଦେଇ ବାବା ଲୋଭ କମାଇବା ଓ ତ୍ୟାଗଭାବ ବଢ଼ାଇବାର ଶିକ୍ଷା ଦେଇ ଅଭାବି ମାନଙ୍କ ଇଚ୍ଛା ପୂରଣ କରିଦେଇଥାନ୍ତି। ସବୁଠାରୁ ବଡ଼କଥା ହେଲା ପରିସ୍ଥିତିର ଦାସ ହୋଇ ମଣିଷ ଯେତେବେଳେ ବିପଦର ସମ୍ମୁଖୀନ ହୋଇଛି କେବଳ ଗୋଟିଏ ନିଷ୍ପାପର ପ୍ରାର୍ଥନା ବଦଳରେ ସେ ପାଇଛି ଅଭୟ ଏବଂ ସକାରାତ୍ମକ ପ୍ରତିଶ୍ରୁତି। ଦୁର୍ଘଟଣାରୁ ଉଦ୍ଧାର ପାଇବା, ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ଓ ଦୂରାତ୍ମାଙ୍କ କବଳରୁ ବର୍ତ୍ତିଯିବାର ଉଦାହରଣ ଅସଂଖ୍ୟ। ନିଜ ଜୀବନର ଦୃଷ୍ଟାନ୍ତ ଦେଇ ସମଗ୍ର ମାନବ ଜାତିକୁ ପ୍ରେମ ଓ ସେବା ମନ୍ତ୍ରରେ ଦୀକ୍ଷିତ କରାଇ ଭଗବାନ ବାବା ଆଶ୍ରିତ ମାନଙ୍କ ସହ ଆଣ ଆଶ୍ରିତମାନଙ୍କ ବହୁ ଉପକାର ଏପରିକି ଆତ୍ମଜ୍ଞାନ ସାଧନା କରାଇଛନ୍ତି। ସର୍ବଧର୍ମ ସମନ୍ୱୟ ପ୍ରତିଷ୍ଠା କରି, ଧର୍ମ ଧର୍ମ ଭିତରେ ଥିବା ବିଦ୍ୱେଷ ଭାବ ଦୂରକରି, ସମାଜରେ ସହାବସ୍ଥାନ ସମ୍ଭବ କରାଇ ପାରିଛନ୍ତି। ତାଙ୍କ ଦିବ୍ୟ ପ୍ରେମର ପ୍ରସାର ଘଟାଇ ଲୋକ ମାନଙ୍କ ପ୍ରେମ ବଳୟକୁ ଅଧିକ ସମ୍ପ୍ରସାରିତ କରାଇ ମାନବ ଜୀବନକୁ ସରଳ, ତରଳ ଓ ଉପଭୋଗ୍ୟ କରାଇ ପାରିଛନ୍ତି। ତାଙ୍କ ପାଇଁ ଯେତେ କୋଟି ଜୟକାର ଦେଲେ ବି ତାହା ଯଥେଷ୍ଟ ନୁହେଁ ।

ଇଂ. ସଚ୍ଚିଦାନନ୍ଦ ନନ୍ଦ, ଅଲିଶା ବଜାର, କଟକ, ଦୂରଭାଷ : ୯୪୩୭୫୧୧୨୩୦

ଓଡ଼ିଶାରେ ମ୍ୟାଲେରିଆ ହ୍ରାସ

ଓଡ଼ିଶାରେ ମ୍ୟାଲେରିଆକୁ ମୂଳପୋଛ କରିବା ଲାଗି ରାଜ୍ୟ ସରକାର ବିଭିନ୍ନ ସ୍ୱାସ୍ଥ୍ୟ ଭିତ୍ତିକ ଜନହିତକର କାର୍ଯ୍ୟକ୍ରମ ପାଇଁ ଅଣ୍ଟା ଭିଡ଼ିଛନ୍ତି। ରାଜ୍ୟରୁ ମ୍ୟାଲେରିଆ ମୂଳୋତ୍ପାଟନ ପାଇଁ ଦୁଇଟି ସବ୍‌କମିଟି ଗଠନ ହେବା ସହ ଏହି କମିଟି ମ୍ୟାଲେରିଆ ବିଲୋପ ପାଇଁ ଖସଡ଼ା ପ୍ରସ୍ତୁତି କରିବ ଏହା ସହ ମାନବ ସମ୍ବଳର ବିନିଯୋଗ ଉପରେ ଧ୍ୟାନ ଦିଆଯିବା ସହ ୨୦୨୦ ମସିହା ସୁଦ୍ଧା ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧କୋଟି ୧୩ଲକ୍ଷ ଔଷଧୀୟ ମଶାରୀ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ଅନୁରୋଧ କରିବେ। ନିକଟରେ ରାଜ୍ୟସ୍ତରୀୟ ଟାକ୍ସଫୋର୍ସ ମ୍ୟାଲେରିଆ ନିରାକରଣ ପାଇଁ ଏହି ନିଷ୍ପତ୍ତି ନେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ମ୍ୟାଲେରିଆର ସଫଳ ନିରାକରଣ ପାଇଁ ସରକାର ଯେଉଁ ପଦକ୍ଷେପ ନେଇଛନ୍ତି ତାହା ଜାରି ରହିବ ବୋଲି ସୂଚନା ଦେଇଛନ୍ତି। ଏହି କାର୍ଯ୍ୟ ଖସଡ଼ାରେ 'ଟାଟା ଟ୍ରଷ୍ଟ', 'ମ୍ୟାଲେରିଆ ନୋ ମୋର' ଭଳି ସଂସ୍ଥାମାନେ ବୈଷୟିକ ସହାୟତା ଯୋଗାଇଦେବେ। ୨୦୨୭ ସୁଦ୍ଧା ରାଜ୍ୟରୁ ମ୍ୟାଲେରିଆ ବିଲୋପ ପାଇଁ ଏକ ଯୋଜନାବଦ୍ଧ ଓ ଲୁକାଭିମୁଖୀ ଲକ୍ଷ୍ୟ ନେଇ କାମ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ରାଜ୍ୟରୁ ମ୍ୟାଲେରିଆର ବିଲୋପ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ୨୦୩୦ ମସିହାକୁ ସମୟ ଧାର୍ଯ୍ୟ ହୋଇଛି। ୨୦୨୭ରୁ ତିନି ବର୍ଷ ପାଇଁ ସ୍ୱାସ୍ଥ୍ୟ ସଙ୍ଗଠନ ସ୍ଥିତି ଅନୁଧ୍ୟାନକରି ସାର୍ଟିଫିକେଟ ପ୍ରଦାନ କରିବେ। ୨୦୧୬ ମସିହାରେ ଔଷଧୀୟ ମଶାରି ବଣ୍ଟନ ପରେ ରାଜ୍ୟରୁ ମ୍ୟାଲେରିଆ ରେକର୍ଡ଼ ପରିମାଣରେ ହ୍ରାସ ପାଇଛି। ସୂଚନା ଥାଉକି ଏହି ମାଶରୀର ସମୟ ଅବଧି ତିନିବର୍ଷ ରହିଛି। କେନ୍ଦ୍ରରୁ ମଶାରୀ ମିଳିବାରେ ବିଳମ୍ବ ହେଲେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରୁ ମଶାରୀ କିଣି ତାହାକୁ ଔଷଧୀୟ ପାଣିରେ ବୁଡ଼ାଇ ଲୋକଙ୍କୁ ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏପରିକି ଯେଉଁ ମାନଙ୍କ ନିକଟରେ ମଶାରୀ ରହିଛି ପ୍ରତି ଛଅ ମାସରେ ଥରେ ଔଷଧ ବୋଳିବା ପାଇଁ ମଧ୍ୟ ସ୍ଥିର ହୋଇଛି। ମ୍ୟାଲେରିଆ ନିରାକରଣ କାର୍ଯ୍ୟକୁ ଅଧିକ ବ୍ୟାପକ କରିବା ଲାଗି ମାନବ ସମ୍ବଳ ଆବଶ୍ୟକ ପଡୁଥିବାରୁ ବିଭାଗରେ ଥିବା ନିୟମିତ କର୍ମଚାରୀଙ୍କୁ ଏଥିରେ ନିୟୋଜିତ ଲାଗି ମତ ପ୍ରକାଶ ପାଇଛି। ସୂଚନାଥାଉକି ଓଡ଼ିଶାରେ ୯୦ପ୍ରତିଶତ ମ୍ୟାଲେରିଆ ହ୍ରାସ ପାଇଥିବାରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରଶଂସା କରାଯାଇଛି। ଓଡ଼ିଶାର ଏଭଳି ସଫଳତା ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଚିଠି ଲେଖି ଧନ୍ୟବାଦ ଜଣାଇଛନ୍ତି। ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡବ୍ଲ୍ୟୁ ଏଚ୍‌ଓ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ମ୍ୟାଲେରିଆ ପ୍ରବଣ ଦକ୍ଷିଣ ଏସିଆ ଅଞ୍ଚଳରେ ଏ ଘାତକ ଜ୍ୱରର ପ୍ରକୋପ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ବିଶ୍ୱର ସବୁଠାରୁ ଅଧିକ ମ୍ୟାଲେରିଆ ପ୍ରବଣ ୧୦ଟି ଦେଶ ମଧ୍ୟରୁ ଛଅଟି ଦେଶ ଏହି ଅଞ୍ଚଳରେ ଅବସ୍ଥିତ। ବିଶ୍ୱର ପ୍ରାୟ ଚଉଠେ ଲୋକ ବସବାସ କରୁଥିବା ଏ ଅଞ୍ଚଳରେ ମ୍ୟାଲେରିଆର ପ୍ରକୋପ ଏତେ ବେଶି ଯେ, ପ୍ରତି ଚାରିଜଣରେ ତିନିଜଣ ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ବିଗତ ଗୋଟିଏ ଦଶକ ମଧ୍ୟରେ ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ମ୍ୟାଲେରିଆ ଆକ୍ରାନ୍ତ ଓ ମ୍ୟାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ଏବେ ବି ଏହା ଜୀବନ ପାଇଁ ଘାତକ ଏବଂ ଜୀବିକା ପାଇଁ ବିପଦ ହୋଇ ରହିଛି। ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ମ୍ୟାଲେରିଆ ପ୍ରବଣ ଦେଶ ଅପେକ୍ଷା ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏ ରିପୋର୍ଟକୁ ଅଧିକ ଗୁରୁତ୍ୱର ସହ ନେଇ ଏକ ଚେତାବନୀ ଭାବେ ବିଚାର କରିବା ଉଚିତ। ବିଶ୍ୱର ସର୍ବାଧିକ ମ୍ୟାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି। ଅନ୍ୟ ଦେଶମାନେ ଯେଉଁ, ଅନୁପାତରେ ମ୍ୟାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାର ସଫଳ ହୋଇପାରିନାହିଁ। ୨୦୦୦ ମସିହାରୁ ୨୦୧୬ ମଧ୍ୟରେ ନେପାଳ, ଭୁଟାନ, କୋରିଆ, ବାଙ୍ଗଲାଦେଶ, ଶ୍ରୀଲଙ୍କା ଆଦି ଦେଶମାନେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୮୧ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛନ୍ତି। କିନ୍ତୁ ଭାରତ ଏ କ୍ଷେତ୍ରରେ ପଛରେ ପଡ଼ିଯାଇଛି। ୨୦୧୮ ଶେଷ ବେଳକୁ ଯାଇ ଭାରତ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାରେ ସମର୍ଥ ହୋଇପାରେ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏ ଅଞ୍ଚଳର ଅନ୍ୟତମ ଦେଶ ମାଳଦ୍ୱୀପରେ ୧୯୮୪ରୁ ଆଉ କେହି ଜଣେ ହେଲେ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ନାହାନ୍ତି। ଶ୍ରୀଲଙ୍କା ମଧ୍ୟ ମ୍ୟାଲେରିଆର ସମ୍ପୂର୍ଣ୍ଣ ନିରାକରଣ ଲକ୍ଷ୍ୟ ହାସଲର ନିକଟତର। ଭାରତରେ ଏବେ ବି ମ୍ୟାଲେରିଆର ପ୍ରକୋପ ଭୟଙ୍କର। କେବଳ ଦୁଇଟି ରାଜ୍ୟ ଜାମ୍ମୁ-କାଶ୍ମୀର ଓ ହିମାଚଳ ପ୍ରଦେଶକୁ ଛାଡ଼ିଦେଲେ ଦେଶର ଅବଶିଷ୍ଟ ସବୁ ରାଜ୍ୟ ମ୍ୟାଲେରିଆ ପ୍ରବଣ। ଲୋକସଂଖ୍ୟାର ପାଖାପାଖି ୭୦ ପ୍ରତିଶତ ମ୍ୟାଲେରିଆ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ହିଁ ମ୍ୟାଲେରିଆ ଭାରତ ପାଇଁ କେମିତି ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ତାର ସୂଚନା ଦିଏ। ପ୍ରତିବର୍ଷ ପ୍ରାୟ ୯୫ଲକ୍ଷ ଲୋକ ଦେଶର ମ୍ୟାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ ସେଥିରୁ ପ୍ରାୟ ୪୫ ହଜାର ପୀଡ଼ିତଙ୍କ ମୃତ୍ୟୁ ହୁଏ। ଉଲ୍ଲେଖନୀୟ ହେଲା ସମଗ୍ର ବିଶ୍ୱରେ ମ୍ୟାଲେରିଆ ଜନିତ ବାର୍ଷିକ ମୃତ୍ୟୁ ସଂଖ୍ୟା ଯେତେ, ସେଥିରେ ଦକ୍ଷିଣ ପୂର୍ବ ଏସିଆର ଭାଗ ୯୮ ପ୍ରତିଶତ ଏବଂ ସମଗ୍ର ଦକ୍ଷିଣ ପୂର୍ବ ଏସିଆର ମ୍ୟାଲେରିଆରେ ଯେତିକି ମୃତ୍ୟୁ ହୁଏ ସେଥିରେ ଭାରତର ଭାଗ ୩୮ ପ୍ରତିଶତ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହା ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମ୍ୟାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। କ୍ରମଶଃ ଦେଶର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳ ଅଧିକ ମ୍ୟାଲେରିଆ ପ୍ରବଣ ହୋଇପଡୁଛି। ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନା ବିହୀନ ଶିଳ୍ପାୟନ ଯୋଗୁଁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି। ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମ୍ୟାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ। ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମ୍ୟାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଈପ୍‌ସିତ ସୁଫଳ ମିଳି ନାହିଁ। ମ୍ୟାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି। ଅବଶ୍ୟ ସବୁ ରୋଗର ନିୟନ୍ତ୍ରଣ ପରି ମ୍ୟାଲେରିଆର ମୁକାବିଲା ପାଇଁ ମଧ୍ୟ ସରକାରୀ ଅଭିଯାନ ଅପେକ୍ଷା ଜନସଚେତନତା ଉନ୍ନତ ପରିମଳ ବ୍ୟବସ୍ଥା ଅଧିକ ଆବଶ୍ୟକ।

ପ୍ରଫେସର ଡାକ୍ତର ଜୟନ୍ତ କୁମାର ପଣ୍ଡା, ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଭେଷଜ ବିଭାଗ, ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍ପିଟାଲ, କୋରାପୁଟ, ଦୂରଭାଷ: ୦୬୭୧୨୩୦୨୩୦୦

ଅରୁନ୍ଧତୀ ବିହାର ଟ୍ରଷ୍ଟର ଚତୁର୍ଥ ବାର୍ଷିକୀ ଉତ୍ସବ

ଭୁବନେଶ୍ୱର (ପିଏନ୍): କାଇମାଟିଆ ଜାଗମରାସ୍ଥିତ ଅରୁନ୍ଧତୀ ବିହାର ଓ୍ୱେଲଫାୟାର୍ ଟ୍ରଷ୍ଟର ଚତୁର୍ଥବାର୍ଷିକୀ ସମାରୋହ ମଙ୍ଗଳବାର ସନ୍ଧ୍ୟାରେ ବିହାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଟ୍ରଷ୍ଟର ଅଧ୍ୟକ୍ଷ ଶ୍ରୀ କାହ୍ନୁରଞ୍ଜନ ପଟ୍ଟନାୟକ ଯୋଗଦେଇ ଉପସ୍ଥିତ ସଭ୍ୟବୃନ୍ଦଙ୍କୁ ୨୦୨୦ ନବବର୍ଷର ଶୁଭେଚ୍ଛା ଜଣାଇ ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ। ଅଭିଭାଷଣରେ ସେ କହିଥିଲେ ଯେ ଏଠାରେ ବସବାସ କରୁଥିବା ବନ୍ଧୁମାନଙ୍କ ଆନ୍ତରିକ ସହଯୋଗରେ ଅରୁନ୍ଧତୀ ବିହାର ପଞ୍ଚମବର୍ଷରେ ପଦାର୍ପଣ କରିଛି। ପରିସରର ସର୍ବାଙ୍ଗୀନ ଉନ୍ନତିରେ ପ୍ରତ୍ୟେକ ବାସିନ୍ଦା ସହଯୋଗର ହାତ ବଢ଼ାଇଥିବାରୁ ସେ ଧନ୍ୟବାଦ ଜଣାଇଥିଲେ। ଟ୍ରଷ୍ଟର ସଚିବ ଶ୍ରୀ ମନୋଜ ପଟ୍ଟନାୟକ ଅରୁନ୍ଧତୀ ବିହାରର ବିକାଶ ସଂପର୍କରେ ସୂଚନା ଦେଇ କହିଥିଲେ ଯେ ବିଗତବର୍ଷ ତୁଳନାରେ ଚତୁର୍ଥ ବର୍ଷରେ ଅନେକ ବିକାଶମୂଳକ କାର୍ଯ୍ୟ ସଂପାଦିତ ହୋଇଛି। ଆଗାମୀ ଦିନରେ ଆହୁରି ଅତ୍ୟାଧୁନିକ ଢଙ୍ଗରେ ସାଜସଜ୍ଜା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଦସ୍ୟ ଶ୍ରୀ ଅଭିମନ୍ୟୁ ନନ୍ଦ କହିଥିଲେ ଯେ ଅରୁନ୍ଧତୀ ବିହାରବାସୀ ପରସ୍ପର ସ୍ନେହବନ୍ଧନରେ କାଳାତିପାତ କରୁଥିବାରୁ ବିହାର ପରିସରରେ ସ୍ୱର୍ଗୀୟ ଆନନ୍ଦ ଅନୁଭୂତ ହେଉଛି। ଏହି ଅବସରରେ ବରିଷ୍ଠ ସଭ୍ୟ ଶରତଚନ୍ଦ୍ର ବିଶୋଇଙ୍କୁ ଶୀତବସ୍ତ୍ର ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ନବବର୍ଷକୁ ସ୍ୱାଗତ ଜଣାଇ ବିହାର ପରିସରରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ସମସ୍ତ ପରିବାର ଯୋଗଦେଇ ଉତ୍ସବର ଭରପୁର ମଜ୍ଜା ଉଠାଇଥିଲେ।

ଦେଶ ପାଇଁ ଶହୀଦ୍ ମାଧୋ ସିଂଙ୍କ ପରିବାରର ବଳିଦାନ ଅବିସ୍ମରଣୀୟ

ଭୁବନେଶ୍ୱର (ପିଏନ୍): ଦେଶର ସ୍ୱାଧୀନତା ପାଇଁ ଅନେକ ବୀର ଜୀବନ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ୧୮୫୭-୫୮ ମସିହା ସମୟରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ, ବ୍ରିଟିଶ୍ ଶାସକଙ୍କ ବିରୋଧରେ ଚଳାଇଥିବା ସଂଗ୍ରାମରେ ତାଙ୍କୁ ବିଭିନ୍ନ ଅଂଚଳରୁ ଯେଉଁ ସହଯୋଗ ମିଳିଥିଲା, ତନ୍ମଧ୍ୟରୁ ବରଗଡ ଜିଲ୍ଲା ଘେଂସ ଜମିଦାର ମାଧୋ ସିଂହ ବରିହା ଓ ତାଙ୍କର ପରିବାରର ସଦସ୍ୟଙ୍କ ଅବଦାନ ଅତୁଳନୀୟ ଥିଲା ବୋଲି ସ୍ଥାନୀୟ ଜୟଦେବ ଭବନଠାରେ ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ, ଶହୀଦ୍ କୁଳ ସିଂ କ୍ଲବ୍, ଘେଁସ, ବରଗଡ ଏବଂ ପଶ୍ଚିମ ଓଡିଶା ଅଗ୍ରଣୀ ସଂଗଠନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଜୟନ୍ତୀ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଜଳ ସଂପଦ, ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ଏହା ପ୍ରକାଶ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ଦାସ କହିଲେ ଯେ, ଶହୀଦ୍ ମାଧୋ ସିଂଙ୍କ ଭଳି ଆମ ରାଜ୍ୟର ବହୁ ସଂଗ୍ରାମୀ ଦେଶ ପାଇଁ ପ୍ରାଣବଳି ଦେଇଛନ୍ତି। ସେମାନଙ୍କ ସଂପର୍କରେ ଅଧିକ ଗବେଷଣା ଓ ଆଲୋଚନା ହେଲେ ଏହା ଆଗାମୀ ପିଢିକୁ ପ୍ରେରଣା ଯୋଗାଇବ।

ସଂପ୍ରତି ଶହୀଦ୍ ମାଧୋ ସିଂଙ୍କ ଫାଶୀ ଦିବସକୁ ରାଜ୍ୟ ସରକାରଙ୍କ ତରଫରୁ ପ୍ରତିବର୍ଷ ବୀରତା ଦିବସ ରୂପେ ପାଳନ କରାଯାଉଛି। ପ୍ରାରମ୍ଭରେ ଅତିଥିମାନେ ଶହୀଦ୍ ମାଧୋ ସିଂଙ୍କ ତୈଳଚିତ୍ରରେ ପୁଷ୍ପଅର୍ଘ୍ୟ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଦେଶ ପାଇଁ ଘେଁସ ପରିବାରର ଅବଦାନ ପ୍ରତି ସମ୍ମାନ ଜଣାଇ ସେହି ପରିବାରର କୁଳବଧୁ ଶ୍ରୀମତୀ ମମତା ସିଂ ବରିହାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆୟୋଜିତ ଏହି ରାଜ୍ୟ ସ୍ତରୀୟ ଜୟନ୍ତୀ ସମାରୋହ ଉତ୍ସବରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂହ ଯୋଗଦେଇ ଘେଁସ ପରିବାରର ସଦସ୍ୟମାନଙ୍କର ବଳିଦାନର ଗାରିମାମୟ ଇତିହାସ ସଂପର୍କରେ ପାଠ୍ୟପୁସ୍ତକରେ ସ୍ଥାନିତ କରାଯିବାକୁ ଉଦ୍ୟମ କରାଯିବ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୂର୍ବତନ ସାଂସଦ ଶ୍ରୀ ପ୍ରଭାସ କୁମାର ସିଂ କହିଲେ ଯେ, ଘେଁସ ପରିବାରର ସେହି ସଂଗ୍ରାମୀମାନଙ୍କର ବୀରତ୍ୱର କାହାଣୀ ସଂପର୍କରେ ଅଧିକ ଗବେଷଣା ଓ ସ୍ମୃତିରକ୍ଷା ପାଇଁ ଅଧିକରୁ ଅଧିକ ଅଧ୍ୟୟନର ଆବଶ୍ୟକତା ରହିଛି । ଏ ଦିଗରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ଘେଁସଠାରେ ସ୍ମୃତି ଭବନ ନିର୍ମିତ ହୋଇଥିବା ରାଜ୍ୟ ସରକାରଙ୍କର ଏକ ସ୍ମରଣୀୟ ପଦକ୍ଷେପ ବୋଲି ପ୍ରକାଶ କରିଥିଲେ ।

ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରି ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ କୃପାସିନ୍ଧୁ ମିଶ୍ର ଶହୀଦ୍ ମାଧୋ ସିଂ ଓ ତାଙ୍କ ପରିବାରର ସଦସ୍ୟମାନଙ୍କର ବଳିଦାନକୁ ସ୍ମରଣ କରି ଆମ ସମସ୍ତଙ୍କୁ ଦେଶ ଓ ଜାତିପାଇଁ କାର୍ଯ୍ୟକରି ଆଗକୁ ବଢିବାର ଅଛି ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଗବେଷକ ତଥା ଶିକ୍ଷାବିତ୍ ପ୍ରଫେସର ପ୍ରୀତୀଶ ଆଚାର୍ଯ୍ୟ ଯୋଗଦେଇ କହିଲେ ଯେ, ୧୮୫୭ ସିପାହୀ ବିଦ୍ରୋହ ସମୟ ଓ ଏହାପୂର୍ବରୁ ଯେଉଁଭଳି ଭାବେ ବୀରତ୍ୱର ପରାକାଷ୍ଠା ଦେଖାଇ ବ୍ରିଟିଶ୍ ଶାସନର ଅନ୍ୟାୟ, ଅତ୍ୟାଚାର ବିରୋଧରେ ଲଢିଥିଲେ ତାହାର ପଟ୍ଟାନ୍ତର ନାହିଁ । ମାଧୋ ସିଂଙ୍କ ସହିତ ତାଙ୍କ ୪ ପୁତ୍ର କୁଳ ସିଂ, ହଟେ ସିଂ, ବୈରୀ ସିଂ ଓ ଐରୀ ସିଂ ମଧ୍ୟ ଏହି ସଂଗ୍ରାମରେ ଶହୀଦ୍ ହୋଇଥିଲେ । ଜନ୍ମମାଟି ପାଇଁ ଆତ୍ମୋତ୍ସର୍ଗ ଦେଇଥିବା ସମସ୍ତ ବୀରମାନଙ୍କ ସମ୍ମାନ ପାଇଁ ଏହି ଦିବସ ଉଦ୍ଦିଷ୍ଟ ବୋଲି ସେ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ମାନ୍ୟବର ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ଶ୍ରୀ ସୁବାସ ଚୌହାନ ଯୋଗଦେଇ ପିଢି ପରେ ପିଢିଙ୍କୁ ଅନୁପ୍ରାଣିତ କରିବା ପାଇଁ ସ୍ୱାଧୀନତା ସଂଗ୍ରାମୀରେ ପ୍ରମୁଖ ଯୋଗଦାନ ରହିଥିବା ପଶ୍ଚିମ ଓଡିଶା ଅଂଚଳର ସମସ୍ତ କ୍ରାନ୍ତିକାରୀ ସଂଗ୍ରାମୀମାନଙ୍କର ସ୍ମୃତିରେ ପୁସ୍ତକ ପ୍ରକାଶନ କରାଗଲେ ପରିଷଦ ସହଯୋଗ କରିବ ବୋଲି ପ୍ରକାଶ କରିଥିଲେ ।

ଏହି ଦିବସ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱ ବିଦ୍ୟାଳୟସ୍ତରୀୟ ଓଡିଆ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶହୀଦ୍ କୁଳ ସିଂ କ୍ଲବ୍‌ର ସଭାପତି ଶ୍ରୀ ଅଶୋକ ପୁଝାହାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ପରେ ଏହି କ୍ଲବ୍ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଜନସାଧାରଣ, ଛାତ୍ରଛାତ୍ରୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୦, ଜାନୁଆରୀ ୦୩

ବିପଦରେ ନଦୀ

ନଦୀଜଳ ପ୍ରଦୂଷଣ ନେଇ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ ପ୍ରକାଶିତ ସଦ୍ୟତମ ରିପୋର୍ଟରେ ଦେଶର ୧୫୦ଟି ନଦୀକୁ ଅତିମାତ୍ରାରେ ପ୍ରଦୂଷିତ ବୋଲି ଚିହ୍ନଟ କରାଯାଇଛି। ଏ ନଦୀଗୁଡ଼ିକର ପ୍ରଦୂଷଣର ମାତ୍ରା ନେଇ ବୋର୍ଡ଼ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସମୁଚିତ ପଦକ୍ଷେପ ନିଆ ନଗଲେ ପରିଣତି ବିଭୀଷିକାପୂର୍ଣ୍ଣ ହେବ ବୋଲି ସତର୍କ କରାଇ ଦିଆଯାଇଛି। ଏହା ଅତିମାତ୍ରାରେ ପ୍ରଦୂଷିତ ନଦୀ ତାଲିକାରେ ରହିଛି ଆମ ଓଡ଼ିଶାର ମୁଖ୍ୟ ନଦୀ ମହାନଦୀ ସମେତ ୪ଟି ନଦୀ। ଅନ୍ୟ ତିନିଟି ନଦୀ ହେଲା ବ୍ରାହ୍ମଣୀ, କାଠଯୋଡ଼ି ଓ କୁଆଖାଇ। ଯଦିଓ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ରାଜ୍ୟର କେବଳ ଚାରିଟି ନଦୀକୁ ଅତିମାତ୍ରାରେ ପ୍ରଦୂଷିତ ଭାବେ ଚିହ୍ନଟ କରିଛନ୍ତି, ଅନ୍ୟ ନଦୀଗୁଡ଼ିକରେ ପ୍ରଦୂଷଣର ମାତ୍ରା ମଧ୍ୟ କିଛି କମ୍ ନୁହେଁ। ଉଦାହରଣ ସ୍ୱରୂପ ବୈତରଣୀ। ଶିଳ୍ପ ଓ ଖଣି କାର୍ଯ୍ୟ ଯୋଗୁଁ ବୈତରଣୀର ଜଳ ଅନେକ ସ୍ଥାନରେ ଆଉ ମନୁଷ୍ୟ ବ୍ୟବହାର ଉପଯୋଗୀ ହୋଇ ରହିନାହିଁ। ତେବେ ନଦୀ ପ୍ରସଙ୍ଗରେ ପ୍ରଦୂଷଣ ଏକମାତ୍ର ସମସ୍ୟା ନୁହେଁ। ଜଳପୁରୁଷ ରାଜେନ୍ଦ୍ର ସିଂହଙ୍କ ନେତୃତ୍ୱାଧୀନ ନଦୀ ମୁକ୍ତି ଅଭିଯାନ ଅନୁଯାୟୀ ଦେଶର ବିଭିନ୍ନ ଅଞ୍ଚଳର ଜୀବନଧାରା କୁହାଯାଉଥିବା ନଦୀଗୁଡ଼ିକ ପ୍ରଦୂଷଣ ବ୍ୟତୀତ ଆଉ ଦୁଇଟି ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅତିକ୍ରମଣ ଏବଂ ଶୋଷଣ। ଅତିକ୍ରମଣର ଅର୍ଥ ନଦୀର ଜବରଦଖଲ। ଜବରଦଖଲ ଫଳରେ ବହୁ ନଦୀର ଶଯ୍ୟା ପଥ ସଙ୍କୁଚିତ ହେଉଛି। ଫଳରେ ସ୍ୱାଭାବିକ ଜଳ ନିଷ୍କାସନ ପ୍ରଭାବିତ ହୋଇ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ଦ୍ୱିତୀୟ ଶୋଷଣ ଅର୍ଥ ନଦୀ ଜଳର ମାତ୍ରାଧିକ ବ୍ୟବହାର। ଏହା ହିଁ ଆଜି ଅନେକ ସ୍ଥାନରେ ବିବାଦର ମଞ୍ଜି। ପାରମ୍ପରିକ ଭାବେ ନଦୀ ଜଳ ମୁଖ୍ୟତଃ ପାନୀୟ କୃଷି ପାଇଁ ବ୍ୟବହାର ହେବା କଥା। କିନ୍ତୁ ଶିଳ୍ପାନୁଷ୍ଠାନମାନଙ୍କୁ ଅଧିକ ମାତ୍ରାରେ ଜଳଯୋଗାଣ ଯୋଗୁଁ ପାନୀୟ ଜଳ ଯୋଗାଣ ଏବଂ କୃଷି ପ୍ରଭାବିତ ହେଉଛି। ରାଜ୍ୟ ଜଳନୀତି ୨୦୦୭ ଅନୁଯାୟୀ ନଦୀ ଜଳ ପାଇବା ଲାଗି ପ୍ରାଥମିକତା ତାଲିକାର ପଞ୍ଚମ ସ୍ଥାନରେ ରହିଛି ଶିଳ୍ପ। କିନ୍ତୁ ବାସ୍ତବ କ୍ଷେତ୍ରରେ ପାଣି ଯୋଗାଣ କ୍ଷେତ୍ରରେ ଶିଳ୍ପକୁ ଅଗ୍ରପ୍ରାଧାନ୍ୟ ଦିଆଯାଉଛି। ଶିଳ୍ପ ପ୍ରତି ଏହି ଉଦାର ମନୋଭାବ ଯୋଗୁଁ ଅନେକ ସ୍ଥାନରେ ପାନୀୟ ଜଳର ସଙ୍କଟ ଦେଖା ଦେବା ସହ କୃଷି ବାଧାପ୍ରାପ୍ତ ହେଉଛି। ତେଣୁ କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ଼ର ସଦ୍ୟତମ ରିପୋର୍ଟକୁ ରାଜ୍ୟ ସରକାର ଏକ ସାନି ଚେତାବନୀ ଭାବେ ଗ୍ରହଣ କରି ନଦୀଗୁଡ଼ିକର ସଂରକ୍ଷଣ ପାଇଁ ସମୁଚିତ ପଦକ୍ଷେପ ଗ୍ରହଣ କରନ୍ତୁ। ବାସ୍ତବତାକୁ ଆଖି ଆଗରେ ରଖି ଏକ ସ୍ୱତନ୍ତ୍ର ନଦୀ ନୀତି ପ୍ରଣୟନ ବିଷୟ ଅଗ୍ରାଧିକାର ସହ ବିଚାର କରାଯାଉ। ବାସ୍ତବତା ପ୍ରତି ସଚେତନ ନଦୀ ସଂରକ୍ଷଣ ପାଇଁ ଏକ ଦୀର୍ଘମିଆଦୀ ନୀତି ପ୍ରଣୟନ କରନ୍ତୁ। ଏ ଅବସରରେ ୨୦୦୭ ଜଳନୀତିର ମଧ୍ୟ ସମୀକ୍ଷା କରାଯାଇପାରେ। ଜଳ ହିଁ ଜୀବନ ଏବଂ କେନ୍ଦ୍ର ସରକାର ନଦୀ ସଂଯୋଗୀକରଣ ଯୋଜନା ମାଧ୍ୟମରେ ସମସ୍ତ ନଦୀର ଜଳସ୍ରୋତକୁ ନିୟନ୍ତ୍ରଣ କରିବା ସହ ଜଳ ଅପଚୟକୁ ନଷ୍ଟ ହେବାରେ ରୋକିବାରେ ଏହା ସମର୍ଥ ହେବ ବୋଲି ବିଚାର କରୁଛନ୍ତି। ତେଣୁ ଏପରି ସମୟରେ କେନ୍ଦ୍ର ସରକାରଙ୍କ ନଦୀ ସଂଯୋଗୀକରଣ ଯୋଜନା ଏକ ଜରୁରୀ ଓ ଅତ୍ୟନ୍ତ ଅପରିହାର୍ଯ୍ୟ ପ୍ରସଙ୍ଗ ଏବଂ ବିପଦରେ ନଦୀ ଏ ପ୍ରସଙ୍ଗକୁ ଆଲୋଚନା କଲାବେଳେ ଆମ୍ଭେମାନେ ଅନ୍ୟ ଏକ ଦିଗ ଭୁଲିଯାଉଛେ ତାହା ହେଉଛି ନଦୀ ଜଳକୁ ପ୍ରଦୂଷିତ କରିବାରେ ଆମମାନଙ୍କ ଭୂମିକା ଉପରେ ସଚେତନ ହେବା। ଦ୍ୱିତୀୟରେ ନଦୀଜଳର ଅପଚୟ ଓ ପ୍ରଦୂଷଣ ନକରି ଏହାକୁ ଜୀବନଧାରାର ମୁଖ୍ୟ ଅବଲମ୍ବନ ଭାବେ ଗ୍ରହଣ କରିବା ଯାହାଦ୍ୱାରା ନଦୀର ଅସ୍ତିତ୍ୱ ଆଜି ସଙ୍କଟରେ ପଡ଼ିବନାହିଁ।

ଆଜିର ଅନୁଚିନ୍ତା

ତ୍ୟାଗ ହିଁ ଶାନ୍ତିର ମୂଳକାରଣ ।

ମଣିଷର ପରିଚୟ

ମିତ୍ର ବନ୍ଧୁବାନ୍ଧବ, ଏପରିକି ଆତ୍ମୀୟସ୍ୱଜନ, ସମସ୍ତେ ପ୍ରାୟଶଃ ସାଧୁସନ୍ଥଙ୍କ ପ୍ରତି ବିମୁଖ ହୋଇଥାନ୍ତି । ଅର୍ଥାତ୍ ଆପଣା ପତ୍ନୀ, ପୁତ୍ର (ଗୃହୀ ସନ୍ନ୍ୟାସୀଙ୍କ କ୍ଷେତ୍ରରେ) ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନଙ୍କୁ ତ୍ୟାଗକରି ଯେଉଁ ବ୍ୟକ୍ତି ସାଧୁସନ୍ନ୍ୟାସୀ ହୋଇଯାଆନ୍ତି ସେମାନଙ୍କର ପରିବାରବର୍ଗ ତାଙ୍କଠାରୁ ଦୂରେଇ ଯାଇଥାନ୍ତି । କିନ୍ତୁ ଏହି ସାଧୁସନ୍ଥଙ୍କ ସତ୍‌ସଙ୍ଗ୍ ଯେଉଁମାନେ ଲାଭ କରିଥାନ୍ତି ଏହାର ପୁଣ୍ୟ ପ୍ରଭାବରେ ସେହି ବ୍ୟକ୍ତିଙ୍କ ପରିବାର, କୁଳ ଜୀବନଜ୍ଞାନ ଲାଭ କରିବାରେ ସକ୍ଷମ ହୋଇଥାନ୍ତି । ଅର୍ଥାତ ସେମାନଙ୍କ ପରିବାର ଆଧ୍ୟାତ୍ମିକତାର ଆଲୋକରେ ଆଲୋକିତ ହୋଇଥାନ୍ତି । ସାଧୁସନ୍ଥ, ମହାମନୀଷୀମାନଙ୍କର ଏହାହିଁ ବୈଶିଷ୍ଟ୍ୟ । ସନ୍ଥ କବିର ଏହିଭଳି ଜଣେ ମହାମନୀଷୀ ଥିଲେ । ତାଙ୍କ ଜୀବନର ଏହି ଘଟଣା । ସେ ସମୟରେ କବିରଙ୍କ ଖ୍ୟାତି ଦୂରଦୂରାନ୍ତରେ ବ୍ୟାପି ଯାଇଥାଏ । ବହୁ ସଂଖ୍ୟାରେ ଲୋକେ ତାଙ୍କୁ ସାକ୍ଷାତ୍ କରିବା ନିମନ୍ତେ ଆସୁଥାନ୍ତି । ଦିନେ କବିର ଲୁଗା ବୁଣୁଥିବା ସମୟରେ ସଂଭ୍ରାନ୍ତ ବର୍ଗର ଜଣାଯାଉଥିବା ଦଳେ ଲୋକ ତାଙ୍କୁ ସାକ୍ଷାତ କରିବା ନିମନ୍ତେ ଆସିଲେ । ସେମାନଙ୍କ ମଧ୍ୟରୁ ଜଣେ କ୍ଷୋଭର ସହ କହିଲେ ଏବେ ଆପଣ ସାଧାରଣ ବ୍ୟକ୍ତି ନୁହନ୍ତି । ଆପଣଙ୍କର ଖ୍ୟାତି ଚାରିଆଡ଼େ ବ୍ୟାପିଗଲାଣି । ଦୂରଦୂରାନ୍ତରୁ ଲୋକେ ଆପଣଙ୍କୁ ସାକ୍ଷାତ୍ ନିମନ୍ତେ ଆସୁଛନ୍ତି । ଆପଣଙ୍କ ଭଳି ମହାନ୍ ଲୋକଙ୍କ ପକ୍ଷେ ଏଭଳି କାମ ଶୋଭା ପାଉନି । ଏବେ ଆପଣଙ୍କର ଚର୍ଚ୍ଚା ସନ୍ଥ ଭାବରେ ହିଁ ହେଉଛି । ଏଭଳି ପରିଚିତିକୁ ନେଇ ଆପଣ ଛିଣ୍ଡା, ପୁରୁଣା, ମଇଳା ଲୁଗା ପରିଧାନ କରିବା ଦେଖି ଆମକୁ ବଡ଼ ସଂକୋଚ ଲାଗୁଛି । ପୁଣି ଆପଣ ନିଜେ ଲୁଗା ବୁଣୁଛନ୍ତି । ଏହାର ଆବଶ୍ୟକତା କ'ଣ ବା ଅଛି ? ଆମେ ଆପଣଙ୍କର ସମସ୍ତ ଆବଶ୍ୟକତା ପୂରଣ କରିବାକୁ ପ୍ରସ୍ତୁତ । ଆପଣ କୁଟୀରରେ ରହୁଛନ୍ତି । ଆପଣଙ୍କ ପାଇଁ ଭବ୍ୟ ଆଶ୍ରମ ତିଆରି କରିଦେବୁ । ସେଠାରେ ଆପଣଙ୍କୁ ସବୁ ସୁବିଧାସୁଯୋଗ ଯୋଗାଇ ଦେବୁ । ଏଣିକି ଆପଣ ଏହି କୌଳିକ ବୃତ୍ତି ଛାଡ଼ନ୍ତୁ । କବିର ଏହାଶୁଣି କହିଲେ- ଆପଣମାନଙ୍କଠାରୁ ଏଭଳି କଥାଶୁଣି ମୋତେ ଲଜ୍ଜା ଲାଗୁଛି । ଆପଣଙ୍କ ଧାରଣା ଭ୍ରମାତ୍ମକ । ପ୍ରଥମେ ମୁଁ ନିଜ ପାଇଁ ଲୁଗା ବୁଣୁଥିଲି । ଏବେ ଗରିବ ଲୋକଙ୍କ ପାଇଁ ଏହା ବୁଣୁଛି । ମୋର ଏଭଳି କାର୍ଯ୍ୟ ଦେଖି କିଛିଲୋକ ଏଥିରେ ଅନୁପ୍ରାଣିତ ହୋଇ ଏଭଳି କରିବେ- ଏ ବିଶ୍ୱାସ ମୋର ଅଛି । ଏହା ମୋର ପରିଚୟ । ମଣିଷ କୌଣସି ପରିସ୍ଥିତିରେ ନିଜ ପରିଚୟ ହାନି କରିବା ଉଚିତ ନୁହେଁ । ଯେଉଁଥିରେ ମଣିଷପଣିଆ ବୃଦ୍ଧି ପାଇବ ସେହିଭଳି କାର୍ଯ୍ୟହିଁ କରିବା ଉଚିତ୍ । ଏବେ ଆପଣମାନେ ମୋତେ ସାହାଯ୍ୟ କରିବା କଥା କହୁଛନ୍ତି ଯେତେବେଳେ ମୁଁ ଆପଣଙ୍କଠାରୁ କୌଣସି ପ୍ରକାର ସାହାଯ୍ୟ ଆଶା କରୁନି । ମୋ ବିଚାରରେ ଆପଣମାନେ ସେଇମାନଙ୍କୁ ସହାୟତା କରିବା ଆବଶ୍ୟକ ଯେଉଁମାନେ ଆପଣଙ୍କଠାରୁ ସହାୟତା ଆଶା କରୁଛନ୍ତି । ସେଭଳି ଲୋକ ତ ଅନେକ ଅଛନ୍ତି । ଆପଣ ଦେଖୁଥିବେ କାଶୀ ଘାଟରେ କେତେ ଲୋକ ନିତି ଭୋକ ଉପାସରେ ଶୋଉଛନ୍ତି । ଭୋକ ସହ ଜୁଝିଜୁଝି ସେମାନେ ଅବସନ୍ନ, ଦୁର୍ବଳ ହୋଇ ଗଲେଣି । କେତେଲୋକ ମରିଯାଉଛନ୍ତି, କିଛିଲୋକ ମରିବା ଅବସ୍ଥାରେ । ଦିନଦିନ ଧରି ଭୋକଉପାସରେ ରହୁଥିବା ଏହି ଲୋକଙ୍କୁ ଦେଖି ଆପଣମାନଙ୍କୁ ସରମ ଲାଗୁନାହିଁ ? ସେମାନଙ୍କୁ ସାହାଯ୍ୟ ନକରି ମୋତେ ଯେ ସାହାଯ୍ୟ କରିବା ପ୍ରସ୍ତାବ ଦେଉଛନ୍ତି ମୁଁ ଭାବୁଛି ସାହାଯ୍ୟ ନୁହେଁ, ଏହା ଆଢୁଆଳରେ ଆପଣ ନିଜନିଜର ପ୍ରଚାର ଉଦ୍ଦେଶ୍ୟରେ ହିଁ ଆସିଛନ୍ତି । ଏହାଶୁଣି ସେଠାକୁ ଆସିଥିବା ସଂଭ୍ରାନ୍ତ ବ୍ୟକ୍ତିମାନଙ୍କ ମୁଣ୍ଡ ନଇଁଗଲା । ସେମାନେ ଲଜ୍ଜିତ ହେଲେ । କବୀରଙ୍କୁ କ୍ଷମା ମାଗିବା ସହ କାଶୀଘାଟରେ ପ୍ରତ୍ୟହ କ୍ଷୁଧାତୁର ଲୋକଙ୍କ ଖାଇବା ନିମନ୍ତେ ଭୋଜନ ବ୍ୟବସ୍ଥା କରାଇବାକୁ ନିର୍ଭର ପ୍ରତିଶ୍ରୁତି ଦେଲେ । କୁହାଯାଏ ସେହି ପରମ୍ପରା କାଶୀଘାଟରେ ଆଜି ପର୍ଯ୍ୟନ୍ତ ଚାଲିଆସିଛି ।

ଆଧ୍ୟାତ୍ମିକ ଶିକ୍ଷଣ ସ୍ତମ୍ଭ
.....କଳ୍ପବଟ....

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

ବିରଳ ବ୍ୟକ୍ତିତ୍ୱ ଜାନକୀବଲ୍ଲଭ ପଟ୍ଟନାୟକ !

••••••••••••ଶରତ କୁମାର ରାଉତ••••••••••••

ରାଜନୀତି, ସାହିତ୍ୟ, ସଂସ୍କୃତି, ସାମ୍ବାଦିକତାର ମୂର୍ତ୍ତିମନ୍ତ ପ୍ରତୀକ, ଓଡ଼ିଶାର ତିନିଥର ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଓ ଆସାମର ପୂର୍ବତନ ରାଜ୍ୟପାଳ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ବହୁମୁଖୀ ଜନସ୍ୱାର୍ଥମୂଳକ କାର୍ଯ୍ୟ ଓ ଆତ୍ମୀୟତା ସ୍ମରଣଯୋଗ୍ୟ। ତାଙ୍କର ଅର୍ଦ୍ଧ ଶତାବ୍ଦୀର ରାଜନୀତିକ ଜୀବନ ଭିତରେ ତାଙ୍କ ପ୍ରତିପଦକ୍ଷେପ ରାଜନୀତିଜ୍ଞମାନଙ୍କ ପାଇଁ ଆଦର୍ଶ ହୋଇଥିବାବେଳେ ସାଧାରଣ ମଣିଷମାନଙ୍କ ପାଇଁ ଆଶୀର୍ବାଦ ହୋଇଛି। ସେ ଆଧୁନିକ ଓଡ଼ିଶା ନିର୍ମାଣର ଅନ୍ୟତମ ସ୍ଥପତି ହୋଇଥିବାବେଳେ ଅନଗ୍ରସର ଓଡ଼ିଶାରେ ଶିଳ୍ପାୟନ ପର୍ବ ଆରମ୍ଭ କରିଥିଲେ। ଶିକ୍ଷା ବ୍ୟବସ୍ଥାରେ ସଂସ୍କାର, ଦାରିଦ୍ର୍ୟ ନିରାକରଣ ଓ ଗରିବ କଲ୍ୟାଣ କ୍ଷେତ୍ରରେ ତାଙ୍କର ନିଷ୍ପାପର ଓ ଦୂରଦୃଷ୍ଟିସଂପନ୍ନ ବଳିଷ୍ଠ ପଦକ୍ଷେପ, ୧୯୯୫ରେ ଓଡ଼ିଶାରେ ମଧ୍ୟାହ୍ନ ଭୋଜନ ଯୋଜନା ଆରମ୍ଭ, କୃଷିର ବିକାଶ ପାଇଁ ବିଭିନ୍ନ ଯୋଜନା ଓ ପଦକ୍ଷେପ, କେବିକେ ଯୋଜନା, ଜଳସେଚନର ବିକାଶ ଆଦି ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟର ପରାକାଷ୍ଠା। ସେ ୧୯୭୧ରେ ପ୍ରଥମଥର ପାଇଁ ଲୋକସଭାକୁ ନିର୍ବାଚିତ ହୋଇ ୧୯୭୩ରୁ ୧୯୭୭ ପର୍ଯ୍ୟନ୍ତ ପ୍ରତିରକ୍ଷା ଉପମନ୍ତ୍ରୀ ଓ ପରେ ରାଷ୍ଟ୍ରମନ୍ତ୍ରୀ ଥିଲାବେଳେ ୧୯୮୦ ଜାନୁୟାରୀରେ ପୁନର୍ବାର ଲୋକସଭାକୁ ନିର୍ବାଚିତ ହୋଇ ଶ୍ରମ, ସାଧାରଣ ଅଭିଯୋଗ ଓ ପର୍ଯ୍ୟଟନ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ହୋଇଥିଲେ। ୧୯୭୫ରୁ ସେ ଏଆଇସିସିର ଜଣେ ସକ୍ରିୟ ସଭ୍ୟ ଥିଲାବେଳେ ୧୯୮୨ରୁ ୧୯୯୨ ପର୍ଯ୍ୟନ୍ତ ସେ ଥିଲେ କଂଗ୍ରେସ କାର୍ଯ୍ୟକାରୀ କମିଟିର ସକ୍ରିୟ ସଭ୍ୟ। ସେ ୬ଥର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଥିଲେ। ତାଙ୍କର ରାଜନୀତିକ କରିସ୍ମାର ବାସ୍ତବ ପରିଚୟ ମିଳିଥିଲା ୯ ଜୁନ୍ ୧୯୮୦ରେ, ଯେତେବେଳେ ସେ କେନ୍ଦ୍ର ମନ୍ତ୍ରିତ୍ୱ ଛାଡ଼ି ପ୍ରଥମଥର ପାଇଁ ହୋଇଥିଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ। ଅବଶ୍ୟ ସିଏ ଏଭଳି ଏକ ଉଚ୍ଚ ଆସନର ଅଧିକାରୀ ହେବେ ବୋଲି ପ୍ରାକ୍ ସୂଚନା ମିଳିଥିଲା ବ୍ରିଟିସ୍ ଶାସନ ବିରୁଦ୍ଧରେ ତାଙ୍କର ବଳିଷ୍ଠ ଛାତ୍ର ନେତୃତ୍ୱ ତଥା ୧୯୫୦ରେ ରାଜ୍ୟ ଯୁବ କଂଗ୍ରେସର ସଭାପତି ଭାବେ ନିର୍ବାଚିତ ହେବା ପରଠାରୁ। ୧୯୮୫ ନିର୍ବାଚନରେ ମଧ୍ୟ ଓଡ଼ିଶାରେ ସେ କଂଗ୍ରେସକୁ ବିପୁଳ ବିଜୟର ସ୍ୱାଦ ଚଖାଇଥିଲେ ଓ ୧୦ମାର୍ଚ୍ଚ ୧୯୮୫ରେ ୨ୟ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ସେହିପରି ୧୯୯୫ ନିର୍ବାଚନରେ ନିଜର ପ୍ରଚଣ୍ଡ ରାଜନୀତିକ କରିସ୍ମା ବଳରେ କଂଗ୍ରେସକୁ ବିଜୟୀ କରାଇ ୧୫ମାର୍ଚ୍ଚ ୧୯୯୫ରେ ୩ୟ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦରେ ବସିଥିଲେ। ୨୦୦୯ ଡ଼ିସେମ୍ବରରେ ସେ ଆସାମର ରାଜ୍ୟପାଳ ଭାବରେ ଅବସ୍ଥାପିତ ହୋଇ ୨୦୧୪ ଡ଼ିସେମ୍ବର ପର୍ଯ୍ୟନ୍ତ ସଫଳ ଭାବେ ନିଜର ଦାୟିତ୍ୱ ନିର୍ବାହ କରିଥିଲେ। ଏହି ସମୟରେ ଆସାମ ଓ ଓଡ଼ିଶା ମଧ୍ୟରେ ସାଂସ୍କୃତିକ ସମନ୍ୱୟକୁ ସୁଦୃଢ଼ କରିବା ପାଇଁ ସେ ଏକନିଷ୍ଠ ଉଦ୍ୟମ କରିଥିଲେ।

ରେଭେନ୍ସା କଲେଜରେ ସଂସ୍କୃତ ଅନର୍ସ ସହ ଗ୍ରାଜୁଏସନ୍ ଓ ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ଏମ୍.ଏ. ଡିଗ୍ରୀ ହାସଲ୍ କରିଥିବା ଜାନକୀବାବୁ ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ୧୬ ଅଗଷ୍ଟ ୧୯୮୫ରେ ପ୍ରଜ୍ଞା ବାଚସ୍ପତି ଉପାଧିରେ ବିଭୂଷିତ ହୋଇଥିଲେ। ତିରୁପତିସ୍ଥ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଦ୍ୱାରା ତାଙ୍କୁ ସ୍ୱତନ୍ତ୍ର ଉପାଧି ଡ଼ି ଲିଟ୍ ପ୍ରଦାନ କରାଯାଇଥିଲା ଓ ୨୦୦୮ରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ସେହି ବିଶ୍ୱବିଦ୍ୟାଳୟର କୁଳାଧିପତି ପଦରେ ଅବସ୍ଥାପିତ ଥିଲେ। ଓଡ଼ିଆ ସାମ୍ବାଦିକତା, ସାହିତ୍ୟିକତା ଓ ସଂସ୍କୃତି କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଯୁଗଯୁଗ ଧରି ସେ ସ୍ମରଣୀୟ ହୋଇ ରହିବେ। ସେ ଲୋକପ୍ରିୟ ଦୈନିକ ସମ୍ବାଦପତ୍ର "ପ୍ରଜାତନ୍ତ୍ର" ଓ ଇଂରାଜୀ ସାପ୍ତାହିକ "ଦି ଇଷ୍ଟର୍ଣ୍ଣ ଟାଇମ୍‌ସ"ର ସଂପାଦକ ଭାବେ ଯଥାକ୍ରମେ ୧୯୫୨ରୁ ୧୯୬୭ ଓ ୧୯୫୨ରୁ ୧୯୬୬ ପର୍ଯ୍ୟନ୍ତ ରହିଥିବା ବେଳେ ଓଡ଼ିଆ ମାସିକ ପତ୍ରିକା "ପୌରୁଷ"ର ପ୍ରତିଷ୍ଠାତା ସଂପାଦକ ଭାବେ ସୁନାମ ଅର୍ଜନ କରିଛନ୍ତି। ତାଙ୍କର ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟରେ ୧୯୫୨ରୁ ୧୯୬୬ ପର୍ଯ୍ୟନ୍ତ ସେ ଥିଲେ ଅଖିଳ ଭାରତ ସମ୍ବାଦପତ୍ର ସଂପାଦକ ସମ୍ମେଳନର ସକ୍ରିୟ ସଭ୍ୟ ଓ ୧୯୫୬ରୁ ୧୯୬୭ ପର୍ଯ୍ୟନ୍ତ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଭ୍ୟ। ୧୯୫୭ରୁ ୧୯୬୭ ପର୍ଯ୍ୟନ୍ତ ଉତ୍କଳ ବିଶ୍ୱବିଦ୍ୟାଳୟ ସିନେଟ୍‌ର ସଭ୍ୟ ଥିବାବେଳେ ଓଡ଼ିଶା ବିଦ୍ୟାଳୟ ଶିକ୍ଷକ ସଂଘର ସଭାପତି ଥିଲେ। ସେ ବହୁ ଓଡ଼ିଆ ପୁସ୍ତକ ରଚନା କରିଛନ୍ତି। ମହାଭାରତୀୟ ମହାକାବ୍ୟ "ରାମାୟଣ" ଓ "ମହାଭାରତ"ର ପୁନର୍ଲିଖନ ସହ ସଂସ୍କୃତ "ଶ୍ରୀମଦ୍ ଭାଗବତ"ର ସଂପୂର୍ଣ୍ଣ ଗଦ୍ୟାନୁବାଦ ସେ କରିଛନ୍ତି। ବିଶେଷ କରି ସଂସ୍କୃତ ଓ ଅନ୍ୟାନ୍ୟ ଭାଷାରୁ ଓଡ଼ିଆ ଅନୁବାଦ ପୁସ୍ତକ ରଚନା ଓଡ଼ିଆ ଭାଷା ସାହିତ୍ୟକୁ ବଳିଷ୍ଠ କରିପାରିଥିବାବେଳେ ତାଙ୍କ ରଚିତ ଓଡ଼ିଆ ଓ ଇଂରାଜୀ ଭାଷାରେ ଗଳ୍ପ, ନିବନ୍ଧ ଆଦି ଲେଖା (୧ହଜାରରୁ ଊର୍ଦ୍ଧ୍ୱ) ବିଭିନ୍ନ ଓଡ଼ିଆ ଓ ଇଂରାଜୀ ପତ୍ରପତ୍ରିକାରେ ପ୍ରକାଶିତ। ସଂସ୍କୃତ ଭାଷାରୁ ଓଡ଼ିଆକୁ ଅନୁବାଦ କ୍ଷେତ୍ରରେ ତାଙ୍କର ଅଗାଧ ପାଣ୍ଡିତ୍ୟ ପାଇଁ ତାଙ୍କୁ ୩ନଭେମ୍ବର ୧୯୮୫ରେ ପୁରୀ ମୁକ୍ତି ମଣ୍ଡପ ପଣ୍ଡିତ ସଭା ଦ୍ୱାରା ସମ୍ମାନିତ କରାଯାଇଥିଲା ଓ ବିଶ୍ୱଭାରତୀ (ଶାନ୍ତି ନିକେତନ, କଲିକତା) ପକ୍ଷରୁ ୧୫ଫେବୃୟାରୀ ୧୯୮୭ରେ ସମ୍ମାନୀତ କରାଯାଇଥିଲା। ଓଡ଼ିଆ ଓ ସଂସ୍କୃତ ସାହିତ୍ୟକୁ ଅବଦାନ ପାଇଁ ବିଶେଷ କରି ଅନୁବାଦ୍ ପୁସ୍ତକ "ବୈରାଗ୍ୟ ସତକମ୍" ପାଇଁ ୧୯୮୬ରେ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଅର୍ପଣ କରାଯାଇଥିଲାବେଳେ ୨୦୦୧ରେ ବଙ୍କିମଚନ୍ଦ୍ର ଉପନ୍ୟାସ ମାଳାର ଅନୁବାଦ ପାଇଁ ସେ ପାଇଥିଲେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର। ଏଥିସହ ସଂଖ୍ୟାଧିକ ସାହିତ୍ୟ, ସାଂସ୍କୃତିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ବିଭିନ୍ନ ସମୟରେ ମାନପତ୍ର ଦିଆଯାଇ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଛି।

ଦେଶ ବିଦେଶରେ ସଂସ୍କୃତ ସାହିତ୍ୟ ଶିକ୍ଷାର ପ୍ରଚଳନ ଓ ପ୍ରସାର ପାଇଁ ସେ ବହୁ ଉଦ୍ୟମ କରିଥିଲେ। ଏଥିପାଇଁ ସେ ପୁରୀଠାରେ ୭ଜୁଲାଇ ୧୯୮୧ରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଇଥିଲେ। ଆହୁରି ମଧ୍ୟ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ଶିକ୍ଷା ପ୍ରଣାଳୀରେ ଏକ ଯୁଗାନ୍ତକାରୀ ବିପ୍ଳବ ସୃଷ୍ଟି କରି ସେ ସଂସ୍କୃତକୁ ବାଧ୍ୟତାମୂଳକ ବିଷୟ ଭାବେ ନିୟମ ପ୍ରଣୟନ କରିବା ସହ ସଂସ୍କୃତ ଅନୁଷ୍ଠାନମାନଙ୍କରେ ବହୁ ସଂସ୍କାର ଆଣିଥିଲେ। ସେହିପରି ଓଡ଼ିଶାର ସମସ୍ତ କାର୍ଯ୍ୟାଳୟରେ ଓଡ଼ିଆ ଭାଷା ପ୍ରଚଳନ ପାଇଁ ନିୟମ ପ୍ରଣୟନ କରିଥିଲେ ଓ ସଂସ୍କୃତ ବ୍ୟାକରଣ ଆଧାରରେ ନିଜର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେ ଇଂରାଜୀ-ଓଡ଼ିଆ ଶବ୍ଦକୋଷଗୁଡ଼ିକ ପ୍ରକାଶ କରିଚାଲିଥିଲେ।

ବାସ୍ତବରେ ସେ ଥିଲେ ଜଣେ ଯୋଗଜନ୍ମା ପୁରୁଷ ଓ ପ୍ରଗତିର କପୋତ। ବିଶ୍ୱରେ ଏମିତି ନେତା ବିରଳ, ଯିଏ ତାଙ୍କ ଭଳି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଛନ୍ତି। ମଣିଷ ପରି ମଣିଷଟିଏ ଥିଲେ ସିଏ, କୋଟିକରେ ଗୋଟିଏ। ୧୯୯୮ ମସିହା ସେପ୍ଟେମ୍ବର ୭ରୁ ମୁଁ ତାଙ୍କ ସଂସ୍ପର୍ଶରେ ଆସିଛି। ଓଡ଼ିଶାର ଏକ ପ୍ରତିଷ୍ଠିତ ଖବରକାଗଜରେ ପ୍ରକାଶିତ ମୋର ଏକ ରାଜନୀତିକ ନିବନ୍ଧକୁ ଯେଉଁଭଳି ସେ ପ୍ରଶଂସା କରି ଧନ୍ୟବାଦରେ ମତେ ପୋତି ପକାଇଲେ, ତାହା ମତେ ଅଭିଭୂତ କରିଥିଲା। ମୁଁ ଅଭିଭୂତ ହୋଇଛି ତାଙ୍କର ଅମାୟିକତ୍ୱ ଓ ମଣିଷପଣିଆ ଦେଖି। ଆହା, ନିର୍ଲିପ୍ତ ମଣିଷଟିଏ ! ମାନବିକତାର ପ୍ରଲେପ ସ୍ୱଷ୍ଟ ବାରି ହୁଏ ତାଙ୍କ ଭିତରେ। ହୁଏତ ସେ ଜୀବନର ଆରମ୍ଭରୁ ବୁଝିଥିଲେ ମଣିଷ ଭିତରର ଭାବଅଭାବ ଓ ଆବଶ୍ୟକତାକୁ। ସବୁବେଳେ ସେ ଜଣାପଡ଼ନ୍ତି ଯେମିତି ସବୁଥିରେ ଥାଇ କୋଉଥିରେ ନଥା'ନ୍ତି, ଲୋଭ, ମୋହ, ମାୟା, ବିଳାସର ବହୁ ଊର୍ଦ୍ଧ୍ୱରେ ! ସ୍ଥିତପ୍ରଜ୍ଞ ସାଧୁଟିଏ ଭଳି ! ତାଙ୍କଠାରେ ନଥିଲା ଜଣେ ଅନନ୍ୟ ପ୍ରତିଭାଧାରୀର ବେଶପୋଷାକ, ଚାଲିଚଳନୀ କି ଆଭିଜାତ୍ୟ ! ତାଙ୍କର ସାଧାରଣ ପୋଷାକ ତଳେ ଲୁକ୍କାୟିତ ମଣିଷତ୍ୱ ଅଭିଭୂତ କରୁଥିଲା ସବୁ ବର୍ଗର ଲୋକଙ୍କୁ। ସମସ୍ତଙ୍କ ପାଇଁ ସେ ପାଲଟି ଯାଇଥିଲେ ଯେମିତି ଏକ ସଫଳ ମଣିଷର ସଂଜ୍ଞା। ତାଙ୍କର ପାର୍ଥିବ ଶରୀର ସିନା ପଂଚଭୂତରେ ଲୀନ ହୋଇଯାଇଛି, ହେଲେ ତାଙ୍କର ବନ୍ଧୁବତ୍ସଳତା, କର୍ତ୍ତବ୍ୟପରାୟଣତା ଓ ହସ ହସ ମୁହଁ ତାଙ୍କୁ ଚିରଦିନ ପାଇଁ ଅମର କରି ରଖିବ। ଆଜି ତାଙ୍କର ୯୨ତମ ପବିତ୍ର ଜନ୍ମତିଥିରେ ତାଙ୍କର ଅମ୍ଳାନ କିର୍ତୀ ସମସ୍ତଙ୍କ ସାମ୍ନାରେ ଭାସି ଉଠୁଛି।

-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର,
ମୋ-୯୩୩୭୩୬୯୪୪୮

ଈଶ୍ୱରଙ୍କ ଅନୁଗ୍ରହ

ଅନ୍ତର୍ଯ୍ୟାମୀ ପଟ୍ଟନାୟକ

ମନୁଷ୍ୟ ପ୍ରତ୍ୟେକ ମୁହୂର୍ତ୍ତରେ ଆଗକୁ ପାଦ ବଢ଼ାଇବା ଉଚିତ। ଗତିହୀନ ଜୀବନ ତା' ପାଇଁ ସୁନ୍ଦର ନୁହେଁ। ଛାତ୍ରଟିଏ ଯଦି ସ୍କୁଲର ଗୋଟିଏ ଶ୍ରେଣୀରେ ବାରମ୍ବାର ରହିଯାଏ, କେତେ ଦିନ ଆମେ ସହ୍ୟ କରିବା ? ସେ ପ୍ରତିବର୍ଷ ଉଚ୍ଚତର ଶ୍ରେଣୀକୁ ଯିବା ଆବଶ୍ୟକ। ଆଧ୍ୟାତ୍ମିକ ସାଧକ ସେହିପରି ସାଧନାର ଗୋଟିଏ ସ୍ତରରେ ସ୍ଥିର ହୋଇ ରହିବା ଉଚିତ ନୁହେଁ। ମନୁଷ୍ୟ ପ୍ରଥମେ ପ୍ରତିମୂର୍ତ୍ତି ବା ମୂର୍ତ୍ତି ପୂଜା କରେ। ଷୋଡ଼ଶ ଉପଚାର ମାଧ୍ୟମରେ ସେ ଅର୍ଚ୍ଚନା କରିଥାଏ ଯଥା ଧ୍ୟାନ, ଆବାହନ, ଆସନ, ପାଦ୍ୟ, ଅର୍ଘ୍ୟ, ସ୍ନାନ, ବସ୍ତ୍ର, ଯଜ୍ଞୋପବୀତ, ଚନ୍ଦନ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ, ତାମ୍ବୁଲ, ନୀରାଜନା ପ୍ରଦକ୍ଷିଣ, ନମସ୍କାର। ଉତ୍ତମ ଚରିତ୍ର, ଉତ୍ତମ ବ୍ୟବହାର, ନୈତିକ ମହତ୍ୱପୂର୍ଣ୍ଣ ଜୀବନଯାପନ ସାଧକର ଯୋଗ୍ୟତା ହେବା ଉଚିତ। ଷୋଡ଼ଶ ଉପଚାର ଅର୍ଚ୍ଚନା ଏକ ଉତ୍ତମ ବିଧି। କିନ୍ତୁ ସାଧକ ଏହି ସ୍ତରରୁ ଆତ୍ମଉପଲବ୍ଧି ଆଡ଼କୁ ଅଗ୍ରସର ହେବା ଉଚିତ। ଈଶ୍ୱରଙ୍କୁ ସମର୍ପିତ ପୁଷ୍ପରାଜି ଖୁବ୍ ଶୀଘ୍ର ମଳିନ ହୋଇପାରେ। ପୁଷ୍ପାଞ୍ଜଳିର ସୁଫଳ ମଧ୍ୟ କ୍ଷଣସ୍ଥାୟୀ ହୋଇପାରେ। ତେଣୁ ମଣିଷ ଯେଉଁ ପୁଷ୍ପକୁ ନିଜ ଦକ୍ଷତା ଓ ନିଷ୍ଠା ମାଧ୍ୟମରେ ନିଜର ଜୀବନ ବୃକ୍ଷରେ ପ୍ରସ୍ଫୁଟିତ କରାଇଥାଏ ଈଶ୍ୱର ସବୁବେଳେ ସେହି ପୁଷ୍ପକୁ ଅଧିକ ଭଲ ପାଆନ୍ତି। ସେହି ନୈତିକ ପୁଷ୍ପରାଜି ତାହାରି ନିଜ ହୃଦୟ ବଗିଚାରେ ହିଁ ପ୍ରସ୍ଫୁଟିତ ହୋଇଥାଏ। ଏହିଗୁଡ଼ିକ ମଧ୍ୟରେ ଅହିଂସା ପ୍ରଥମ ପୁଷ୍ପ। କେବଳ ଜୀବନ୍ତ ପ୍ରାଣୀକୁ ଆଘାତ ନ କରିବାକୁ ଅହିଂସା କୁହାଯାଇ ନପାରେ। ଏହା ପ୍ରକୃତରେ ଏକ ଉଚ୍ଚତର ମୌଳିକ ମୂଲ୍ୟବୋଧ। କେବଳ କାର୍ଯ୍ୟରେ ହିଂସା ଆଚରଣ ନ କରିବା ଯଥେଷ୍ଟ ନୁହେଁ, ଚିନ୍ତା ବା ବାକ୍ୟରେ ମଧ୍ୟ ଆମେ ପ୍ରାଣୀଙ୍କୁ କଷ୍ଟ ଦେବା ଉଚିତ ନୁହେଁ। ଜଣେ ଅନ୍ୟକୁ କଷ୍ଟଦେବା ବା ଅପମାନିତ କରିବା ପାଇଁ ଚିନ୍ତା କରିବା ଉଚିତ ନୁହେଁ। ଇନ୍ଦ୍ରିୟ ନିଗ୍ରହ ଜୀବନ ବଗିଚାର ଦ୍ୱିତୀୟ ପୁଷ୍ପ। ଜଣେ ଇନ୍ଦ୍ରିୟାସକ୍ତ ହେବା ଉଚିତ ନୁହେଁ। ତୃତୀୟ ପୁଷ୍ପଟି ଦୟା। ସର୍ବଭୂତେ ଦୟା (ପ୍ରତ୍ୟେକ ଜୀବ ଓ ପଦାର୍ଥ ପ୍ରତି ଦୟା) କାରଣ ପ୍ରତ୍ୟେକ ପ୍ରାଣୀ ଓ ପଦାର୍ଥ ମଧ୍ୟରେ ଈଶ୍ୱର ବିଦ୍ୟମାନ। କୁହାଯାଇଛି ଯେ ସର୍ବଦେବ ନମସ୍କାରଂ କେଶବମ୍ ପ୍ରତିଗଚ୍ଛତି। ଯେଉଁ ପ୍ରଭୁଙ୍କୁ ପ୍ରଣାମ କଲେ ମଧ୍ୟ ତାହା ପରମାତ୍ମାଙ୍କଠାରେ ପହଞ୍ଚିଯାଏ। ସେହି ସତ୍ୟରେ ଏହା ମଧ୍ୟ କୁହାଯାଇପାରେ ଯେ 'ସର୍ବଜୀବ ତିରସ୍କାରମ୍ କେଶବମ୍ ପ୍ରତିଗଚ୍ଛତି' ଯେଉଁ ପ୍ରାଣୀକୁ କଷ୍ଟ ଦେଲେ ମଧ୍ୟ ତାହା ପରମାତ୍ମାଙ୍କୁ କଷ୍ଟ ଦେଲାଭଳି ହୁଏ। କ୍ଷମା, ଧୈର୍ଯ୍ୟ, ସାହସ, ଶାନ୍ତ ଚତୁର୍ଥ ପୁଷ୍ପ। ଧର୍ମ ପୁସ୍ତକରେ କ୍ଷମାକୁ ସତ୍ୟ, ଧର୍ମ, ଜ୍ଞାନ, ଅହିଂସା ତ୍ୟାଗ ଓ ଆନନ୍ଦରୁ ଅଭିନ୍ନ ବୋଲି କୁହାଯାଇଛି।

କ୍ଷମା ବ୍ୟତୀତ ମନୁଷ୍ୟ ଗୋଟିଏ ମୁହୂର୍ତ୍ତ ମଧ୍ୟ ଆନନ୍ଦ ପାଇପାରିବ ନାହିଁ। ଏହା ଐଶ୍ୱରିକ ଗୁଣ ବୃଦ୍ଧି କରେ। ଏହା ମନୁଷ୍ୟର ଦିବ୍ୟତ୍ୱ ପରିପ୍ରକାଶ କରେ। ଏହା ମଣିଷର ପ୍ରକୃତିଗତ ହୋଇଯିବା ଉଚିତ। ନିର୍ବିକାର ଭାବ ଶାନ୍ତିର ମୌଳିକଗୁଣ। ସମୁଦ୍ର ସମସ୍ତ ପଦାର୍ଥକୁ ଏକତ୍ର କରି ଧରିରଖିବାକୁ ଇଚ୍ଛା କରୁଥିବାରୁ ନିମ୍ନରେ ରହିଛି ମେଘ ସମସ୍ତ ତ୍ୟାଗ କରି ମୁକ୍ତ ହେବାକୁ ଚାହୁଁଥିବାରୁ ଆକାଶରେ ରହିଛି। ଶାନ୍ତି ମଣିଷକୁ ସ୍ଥିର ମନ ଓ ସ୍ଥିର ଦୃଷ୍ଟି ପ୍ରଦାନ କରେ। ଶାନ୍ତି ପ୍ରାର୍ଥନା ତିନିଥର ଉଚ୍ଚାରଣ କରାଯାଏ-ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ। ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସ୍ତରର ଶାନ୍ତି ପାଇଁ ଏହି ମନ୍ତ୍ରକୁ ତିନିଥର ଉଚ୍ଚାରଣ କରାଯାଏ। ମନୁଷ୍ୟ ରାଗିବା ଅଥବା ଭୟରେ ମୁଣ୍ଡ ନୁଆଁଇବା ଉଚିତ ନୁହେଁ। ଉପନିଷଦରେ ଜନକ ମହର୍ଷିଙ୍କ ଜୀବନରେ ଆଧାତ୍ମ କି ଶାନ୍ତିର ଉଦାହରଣ ଦିଆଯାଇଛି। ତାଙ୍କୁ ବିଦେହ କୁହାଯାଉଥିଲା। ଏହାର ଅର୍ଥ ନୁହେଁ ଯେ ତାଙ୍କର ଦେହ ନଥିଲା। ପ୍ରକୃତରେ ସେ ଶରୀର ଓ ଏହାର ଆବଶ୍ୟକତାକୁ ଭୁଲିଯାଇ ଜୀବନଯାପନ କରୁଥିଲେ। ସେ କେବଳ ଆତ୍ମା ଚେତନ ସ୍ତରରେ ଦେଖୁଥିଲେ, ଶୁଣୁଥିଲେ ଓ କଥାବାର୍ତ୍ତା କରୁଥିଲେ।

ଷଷ୍ଠ ପୁଷ୍ପଟି ହେଉଛି ତପ। ତପ ଅର୍ଥ ନୁହେଁ ସ୍ତ୍ରୀ, ସନ୍ତାନ ପ୍ରଭୃତିଙ୍କୁ ତ୍ୟାଗ କରି ଅରଣ୍ୟର ନିର୍ଜନତା ମଧ୍ୟକୁ ପଳାୟନ କରିବା। ପ୍ରକୃତ ତପ ହେଉଛି ଚିନ୍ତା, ଭାଷା ଓ କାର୍ଯ୍ୟ ମଧ୍ୟରେ ସମନ୍ୱୟ ରକ୍ଷାକରିବା। ଦୁଷ୍ଟ ପ୍ରକୃତିର ଲୋକ ଏହା କେବେ ଆଚରଣ କରିପାରିବେ ନାହିଁ କାରଣ ନିଜ ସହିତ ମଧ୍ୟ ସେ ମିଥ୍ୟାଚାର କରେ। ମନୁଷ୍ୟ ଯେତେବେଳେ ଏହି ତପର ଅଧିକାରୀ ହେବ ତା'ର ପ୍ରତ୍ୟେକ ବାକ୍ୟ ଏତେ ଶକ୍ତିଶାଳୀ ହେବ ଯେ ସେ ଯାହା ଉଚ୍ଚାରଣ କରିବ ତାହା ମନ୍ତ୍ରରେ ପରିଣତ ହୋଇଯିବ। ଆମର ସପ୍ତମ ପୁଷ୍ପଟି ହେଉଛି ଧ୍ୟାନ। ମୋ' ମସ୍ତକରେ ଯେତିକି କେଶ ଅଛି ସେତେ ପ୍ରକାର ଧ୍ୟାନର ପଦ୍ଧତି ଆଜିକାଲି ପ୍ରଚଳିତ। ପ୍ରତ୍ୟେକ ତାଙ୍କର ଇଚ୍ଛା ଅନୁଯାୟୀ ଏହାକୁ ବର୍ଣ୍ଣନା କରୁଛନ୍ତି। ଧୀରସ୍ଥିର ଭାବରେ ବସି ନିଜର ଭାବନା ଓ ଚିନ୍ତାଧାରାକୁ ଈଶ୍ୱରଙ୍କ ଉପରେ କେବଳ ନିବଦ୍ଧ କରିବା ଧ୍ୟାନ ନୁହେଁ। ଈଶ୍ୱରଙ୍କ ମାଧ୍ୟମରେ ନିଜର ଇଚ୍ଛା, ଅନୁଭବ ଓ ଭାବନା ଇତ୍ୟାଦିକୁ ଐଶ୍ୱରିକ କରିବା ଉଚିତ। ଈଶ୍ୱରଙ୍କୁ ନିଜ ସ୍ତରକୁ ଓହ୍ଲାଇ ଆଣିବା ଉଚିତ ନୁହେଁ ବରଂ ନିଜକୁ ଈଶ୍ୱରଙ୍କ ସ୍ତରକୁ ଉନ୍ନତି କରିବା ଉଚିତ।

ଅଷ୍ଟମ ପୁଷ୍ପଟି ସତ୍ୟ। ଏହି ସତ୍ୟ ସମୟ ସ୍ରୋତରେ ଅପରିବର୍ତ୍ତିତ ରହେ। କେବଳ ଈଶ୍ୱର ହିଁ ଅପରିବର୍ତ୍ତିତ ଭାବେ ଅତୀତରୁ ବର୍ତ୍ତମାନ ମଧ୍ୟ ଦେଇ ଭବିଷ୍ୟତ ପର୍ଯ୍ୟନ୍ତ ରହିପାରନ୍ତି। ଯେତେବେଳେ ଏହି ପୁଷ୍ପ ତୁମ ହୃଦୟ ମଧ୍ୟରେ ପ୍ରସ୍ଫୁଟିତ ହେବ ତାହା ତୁମକୁ ଅନନ୍ତ ସୌରଭରେ ପୂର୍ଣ୍ଣ କରିବ। ଈଶ୍ୱରଙ୍କୁ ଏହି ସମସ୍ତ ପୁଷ୍ପଦ୍ୱାରା ପୂଜା କରିବା। ପୂଜାରେ ଯଦି ଅନ୍ୟ ପୁଷ୍ପ ବ୍ୟବହାର କର ପୂଜା ଗୃହରୁ ବାହାରି ଆସିଲାକ୍ଷଣି ମନରେ ଭକ୍ତି ରହେନାହିଁ। ଉପରେ ବର୍ଣ୍ଣିତ ଅଷ୍ଟପୁଷ୍ପ ରୂପକ ଗୁଣଗୁଡ଼ିକ ଜଣେ ଆହରଣ କରି ନ ପାରିଲେ ଈଶ୍ୱରଙ୍କ ଅନୁଗ୍ରହ କିପରି ଆଶ କରିବ ? ତେଣୁ ବଗିଚାର ଫୁଲ ଈଶ୍ୱରଙ୍କୁ ଅର୍ପଣ କରିବା ପରିବର୍ତ୍ତେ, ଏହି ଗୁଣଗୁଡ଼ିକୁ ନିଜ ଜୀବନରେ ଅଭ୍ୟାସ କରି ଏବଂ ସେହି ପୁଷ୍ପରାଜିକୁ ଅର୍ପଣ କରି ସାଇ ଆଶ୍ରିତର ଯଥାର୍ଥତା ପ୍ରତିପାଦନ କରିବା ଉଚିତ।

-ଟ୍ରଷ୍ଟ କନ୍‌ଭେନର, ଶ୍ରୀସତ୍ୟସାଇ ସେବା ସଙ୍ଗଠନ, ଓଡ଼ିଶା, ଭୁବନେଶ୍ୱର,
ଦୂରଭାଷ : ୯୪୩୭୦୨୨୦୬୧

ମାନବ ସମାଜ ପାଇଁ ଆଧ୍ୟାତ୍ମିକ ଶିକ୍ଷା

---------କୁମୁଦ ଚନ୍ଦ୍ର ପଟ୍ଟନାୟକ--------

ପ୍ରାଚୀନ ଭାରତର ଗୁରୁକୁଳମାନଙ୍କରେ ଶିଷ୍ୟମାନେ ସବୁ ବିଦ୍ୟାରେ ପାଣ୍ଡିତ୍ୟ ଲାଭ କରିବା ପରେ ପବିତ୍ର ତପୋବନ ତ୍ୟାଗ କରିବା ସମୟରେ ପ୍ରେମମୟ ଗୁରୁ ସେମାନଙ୍କୁ ଆଶୀର୍ବାଦ କରୁଥିଲେ ଏବଂ ଜୀବନରେ କେତେକ ଅଭ୍ୟାସ ଓ ମନୋଭାବ ଅନୁଶୀଳନ କରିବାକୁ ଏବଂ କେତେକ ଆଦର୍ଶ ପାଳନ କରିବାକୁ ଉପଦେଶ ଦେଉଥିଲେ। ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବାହ୍ୟଜଗତରେ ପ୍ରବେଶ କରିବାକୁ ଯାଉଥିବା ଛାତ୍ରମାନଙ୍କୁ ଉପାଧି ପ୍ରଦାନ ଅବସରରେ ଆଜିକାଲି ଦିଆଯାଉଥିବା ଦୀକ୍ଷାନ୍ତ ଭାଷଣ ସେହି ଆଶୀର୍ବଚନ ଓ ସେହି ଉତ୍ସାହପ୍ରଦ ଉପଦେଶର ଏକ ଦୁର୍ବଳ ପ୍ରତିରୂପ।

ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟସମ୍ଭାଷଣରେ କହିଛନ୍ତି ଯେ, ''ସେତେବେଳେ ପ୍ରଦାନ କରାଯାଉଥିବା ସନ୍ଦେଶ ଅତ୍ୟନ୍ତ ଜ୍ଞାନଦୀପ୍ତ ଏବଂ ଦୈନନ୍ଦିନ ଜୀବନରେ ବ୍ୟାବହାରିକ ପ୍ରୟୋଗ ପାଇଁ ଉପଯୁକ୍ତ ଥିଲା ତଥା ପ୍ରତିଟି ବାଣୀ ଅମୃତୋପମ ଥିଲା। ପ୍ରତ୍ୟେକ ଉପଦେଶରେ ପ୍ରେରଣାର ଆଚ୍ଛାଦନ ରହିଥିଲା। ସନ୍ଦେଶର ସ୍ୱର ଓ ହିତକାରୀ ପ୍ରଭାବ ସମୟଗର୍ଭରେ ଲୀନ ହୋଇଯାଇଛି ଏବଂ ଏକ ବିସ୍ମିତ ସ୍ୱପ୍ନରେ ପରିଣତ ହୋଇଛି। ଛାତ୍ରମାନଙ୍କର କଲ୍ୟାଣ ପାଇଁ ତୈତ୍ତିରୀୟ ଉପନିଷଦର ଦିକ୍ଷାବଲ୍ଲୀର ଅମରବାଣୀ ଆବୃତ୍ତି କରାଯିବାବେଳେ ସେ କାଳର ଶିଷ୍ୟମାନେ ସେଗୁଡ଼ିକ ଦ୍ୱାରା ରୋମାଞ୍ଚିତ ଓ ରୂପାନ୍ତରିତ ହେଉଥିଲେ। ସେହି ସନ୍ଦେଶ ପ୍ରତି ଆଜିର ଛାତ୍ରମାନଙ୍କର ପ୍ରତିକ୍ରିୟା ବିଚିତ୍ର ଓ ବିସ୍ମୟର ଏକ ସମାହାର ମାତ୍ର। କିନ୍ତୁ ସେହି ସନ୍ଦେଶ ଅଲୀକ ଲକ୍ଷ୍ୟ ପ୍ରତି ଅବାଞ୍ଛିତ କାମନା ଓ ବ୍ୟର୍ଥ ଅନ୍ୱେଷଣ ଜନିତ ଚିନ୍ତା ଓ ଉଦ୍‌ବେଗର ଅସରନ୍ତି ତରଙ୍ଗରେ ଇତଃସ୍ତତ ହେଉଥିବା ଆଜିର ଛାତ୍ରମାନଙ୍କ ପାଇଁ ଆଲୋକ ସ୍ତମ୍ଭ ଭାବରେ କାମ କରିପାରେ। ଆଧୁନିକ ଶିକ୍ଷାପଦ୍ଧତିର ଉଲ୍ଲେଖନୀୟ ପରିଣାମ ହେଉଛି ସୋରିଷ ଆକାରର ଜ୍ଞାନ ଆହରଣ କରି କଖାରୁ ଆକାରର ଗର୍ବ କରିବା। ଛାତ୍ରମାନେ ଅସୀମ ପୁରସ୍କାର ପାଇଁ ଅଭିଳାଷ କରୁଛନ୍ତି। ଶିକ୍ଷା ନୈତିକ ଓ ଆଧ୍ୟାତ୍ମିକ ଉତ୍କର୍ଷ ବଢ଼ାଇବା ଉଚିତ। ଛାତ୍ରମାନେ ଚିତଶୁଦ୍ଧି କରିବାକୁ ନିଜ ଗୋଡ଼ରେ ଠିଆ ହେବାକୁ ଏବଂ ମନୁଷ୍ୟମାନଙ୍କର ସେବା କରିବାକୁ ଆବଶ୍ୟକ ବୁଦ୍ଧିର ଅନୁଶୀଳନ କରିବା ଉଚିତ। ନେପୋଲିୟନ ତାଙ୍କ ଲୋକମାନଙ୍କୁ କହୁଥିଲେ, 'ନିର୍ମଳ ହୁଅ, ତାହେଲେ ସବୁ କଥା ମିଳିଯିବ।' ନିର୍ମଳ ଓ ଦୃଢ଼ ମନ କଠିନତମ କାର୍ଯ୍ୟ ମଧ୍ୟ ସହଜରେ କରିପାରିବ।''

ଅତୀତରେ ଛାତ୍ରମାନେ ସରଳ ଜୀବନ ଓ ଉଚ୍ଚ ବିଚାରର ଅନୁଶୀଳନ କରୁଥିଲେ। କିନ୍ତୁ ଆଜି ସେମାନେ ଉଚ୍ଚ ଜୀବନ ଓ ହୀନ ବିଚାରରେ ନିୟୋଜିତ ଅଛନ୍ତି। ଉଚ୍ଚ ଜୀବନ ପାଇଁ ଧନ ଅର୍ଜନ ଓ ଠୁଳ କରିବା ଆବଶ୍ୟକ। ଯାହାକି ମୁଦ୍ରାସ୍ଫୀତି ଓ ମୂଲ୍ୟହ୍ରାସର ବିଷୟ। କିନ୍ତୁ ଜ୍ଞାନ ଓ ଚରିତ୍ରର ଧନ ଏ ଦୁଇଟିରୁ ମୁକ୍ତ। ଏହାକୁ ନିଆଁ ଜାଳିପାରିବ ନାହିଁ କି ଶାସକ ବାଜ୍ୟାପ୍ତ କରିପାରିବେ ନାହିଁ। ବଢ଼ି ଓଦା କରିପାରିବ ନାହିଁ କି ଚୋରମାନେ ନେଇ ପାରିବେ ନାହିଁ ବୋଲି ପ୍ରବାଦ ଅଛି। ଜ୍ଞାତିକୁଟୁମ୍ବମାନେ ଏହାଉପରେ ଦାବି କରିପାରିବେ ନାହିଁ। ଏହି ବିଶେଷ ଧନରେ ଅନ୍ୟମାନଙ୍କୁ ଭାଗ ଦିଅ। ଏହା ସରିଯାଏ ନାହିଁ, ମାତ୍ର ପ୍ରତ୍ୟେକ ଦାନରେ ବଢ଼ିଚାଲେ। ଧନ ଠୁଳ କଲେ ବନ୍ଧୁ ବୋଲି ଛଳନା କରୁଥିବା ଚାଟୁକାରଙ୍କ ଦ୍ୱାରା ଜଣେ ଦୁହିଁ ହୋଇଯିବ। ଆଜିକାଲି ଛାତ୍ରମାନଙ୍କ ମଧ୍ୟରେ ନାସ୍ତିକତା ଜୋରସୋରରେ ବଢ଼ି ଚାଲିଛି। ସେମାନେ ପ୍ରାକୃତିକ, ଭୌତିକ ଓ ଆଧ୍ୟାତ୍ମିକ ବିଜ୍ଞାନ ଉପରଠାଉରିଆ ଓ ଅମନଯୋଗୀ ଅଧ୍ୟୟନର ପରିଣାମସ୍ୱରୂପ ମୌଳିକ ମାନବୀୟ ଗୁଣଗୁଡ଼ିକର ମଧ୍ୟ ବିସ୍ମରଣ ଓ ଉପେକ୍ଷା କରୁଛନ୍ତି। ବୈଜ୍ଞାନିକମାନେ ଦେଖିବାକୁ ବିଶ୍ୱାସ କରିବା ବୋଲି କହୁଛନ୍ତି, କିନ୍ତୁ ଆଖିକୁ ବିଶ୍ୱାସ କରି ହେବ କି ? ବିଶ୍ୱାସ କରିବା ସକାଶେ ମନ, ଆନନ୍ଦ, ବିଷାଦ ଓ ଆତ୍ମାକୁ ଆଖିରେ ଦେଖିହେବ କି ? ଦେଖିବା ନୁହେଁ, ଅନୁଭୂତି କରିବା ହିଁ ବିଶ୍ୱାସ କରିବା। ସେହିପରି ଖୁବ୍ କମ୍ ଲୋକ 'ନେତି ନେତି'ର କଠୋର ସାଧନା ପରେ ଭଗବାନଙ୍କୁ ଉପଲବ୍ଧି କରିଛନ୍ତି, କିନ୍ତୁ ଅନେକ ସେମାନଙ୍କ କଥାକୁ ଯଥାର୍ଥ ଓ ସତ୍ୟ ରୂପେ ଗ୍ରହଣ କରନ୍ତି। ଭଗବତ ଦ୍ରଷ୍ଟାମାନେ ଯାହା ଦେଖିଛନ୍ତି ତାହା ବର୍ଣ୍ଣନା କରିଛନ୍ତି, କିନ୍ତୁ ଲୋକମାନେ ସେଗୁଡ଼ିକ ଉପରେ ବିଶ୍ୱାସ କରିବାବେଳେ ତାହାକୁ ଅନ୍ଧବିଶ୍ୱାସ ବୋଲି ନିନ୍ଦା କରାଯାଏ। ସତେଯେପରି ଛାୟାପଥରେ ଥିବା ଅସଂଖ୍ୟ ନକ୍ଷତ୍ରପୁଞ୍ଜଗୁଡ଼ିକୁ ଦେଖି ଘୋଷଣା କରୁଥିବା ଲୋକମାନଙ୍କ କଥା ଉପରେ ବିଶ୍ୱାସ ଅନ୍ଧବିଶ୍ୱାସ ନୁହେଁ। ଭଗବାନଙ୍କ ଉପରେ ବିଶ୍ୱାସ କର, ତା'ହେଲେ ତୁମେ ଭଗବାନଙ୍କର ଅନୁଭୂତି ଲାଭ କରିପାରିବ। ନିଜ ଉପରେ ବିଶ୍ୱାସ କର, ତା'ହେଲେ ତୁମେ ଭଗବାନଙ୍କୁ ବିଶ୍ୱାସ କରିପାରିବ। ଶ୍ରୀ ସତ୍ୟସାଇ ବାବା ସମ୍ଭାଷଣରେ ଉଲ୍ଲେଖ କରିଛନ୍ତି, ''ଜଗତ ଅଣୁରେ ଗଢ଼ା ବୋଲି ବୈଜ୍ଞାନିକମାନେ କହନ୍ତି। ଆଧ୍ୟାତ୍ମିକ ଋଷିମାନେ 'ଅଣୋରଣୀୟାନ୍ ମହିତୋ ମହୀୟାନ୍' ବୋଲି କହନ୍ତି। ସମୁଦ୍ରକୂଳରୁ ଲବଣପିଣ୍ଡ ମିଳେ। ସେହିପରି ସର୍ବବ୍ୟାପୀ ଦିବ୍ୟତ୍ୱର ଅବତାରର ରୂପ ଗ୍ରହଣ କରେ। ପିଣ୍ଡ ଅନେକ ଅଣୁରେ ଗଢ଼ା ହୁଏ। ସେହିପରି ଅବତାରତତ୍ତ୍ୱ ଅନେକ ଦିବ୍ୟ ଗୁଣରେ ଗଢ଼ା ହୋଇଛି। ଭୌତିକ ଓ ଆଧ୍ୟାତ୍ମିକ, ଦୁଇ ବିଜ୍ଞାନ ମଧ୍ୟରେ କଦାପି ବିଭେଦ ରହି ନ ପାରେ, ଏକ ଅନ୍ୟର ପରିପୂରକ କାରଣ ପ୍ରକୃତି ସହିତ ସମ୍ବନ୍ଧିତ ବିଜ୍ଞାନଗୁଡ଼ିକର ଅନତିକ୍ରମ୍ୟ ସୀମା ରହିଛି। ସେଗୁଡ଼ିକ କେବଳ ସୃଷ୍ଟି ବସ୍ତୁର ଅଧ୍ୟୟନ କରିପାରିବେ। ସ୍ରଷ୍ଟା ଧର୍ମ ପାଇଁ ଅଧ୍ୟୟନର ଏକ ବିଶେଷ କ୍ଷେତ୍ର ଅଟନ୍ତି। ଜଣେ ବୈଜ୍ଞାନିକ, ଆଉ ଜଣେ ଋଷି ମୂଳକୁ ଦେଖେ। ବୈଜ୍ଞାନିକ ଭୂମି ଉପରେ ଥିବା ଗଛକୁ ଦେଖେ।'' ଚିତ୍ତଶୁଦ୍ଧି ଲାଭ ନକଲେ କେହି ଆଧ୍ୟାତ୍ମିକ ଅନ୍ୱେଷଣାରେ ସଫଳତା ହାସଲ କରିପାରିବ ନାହିଁ। ନିଜର ସତ୍ତା, ଭଗବାନଙ୍କ ବିଷୟରେ ସଚେତନ ହେଲେ ହିଁ ଏହା ସମ୍ଭବ। ତରୁଣମାନଙ୍କର କୋମଳ ମନରେ ଏହି ଜ୍ଞାନ ଭରି ଦେବା ପାଇଁ କୌଣସି ଚେଷ୍ଟା କରାଯାଉ ନାହିଁ। ପୃଥିବୀର ସମସ୍ତ ମହାର୍ଘ ସମ୍ପତ୍ତି ଅପେକ୍ଷା ମନୁଷ୍ୟ ଅଧିକ ମୂଲ୍ୟବାନ, କାରଣ ପ୍ରତ୍ୟେକ ମନୁଷ୍ୟ ଶରୀର ସର୍ବଶକ୍ତିମାନ ଭଗବାନଙ୍କର ମନ୍ଦିର। ଦେଶ ବା ମାନବଜାତିର ସମୃଦ୍ଧି ପାଇଁ ବ୍ୟକ୍ତି ଶକ୍ତିଶାଳୀ ଓ ପବିତ୍ର ହେବା ଦରକାର। କର୍ମ ବିନା ଜ୍ଞାନ ନିରର୍ଥକ। ଜ୍ଞାନ ବିନା କର୍ମ ନିର୍ବୋଧତା। ଶିକ୍ଷା ବିବେକ ଓ ଆଧ୍ୟାତ୍ମିକତା ମାଧ୍ୟମରେ ଉଜ୍ଜ୍ୱଳ ହେବା ଉଚିତ।

-ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ,
କଳାବିକାଶକେନ୍ଦ୍ର ମାର୍ଗ, କଟକ,
ଦୂରଭାଷ: ୯୪୩୭୨୬୭୭୬୬

ଜିଲ୍ଲାସ୍ତରୀୟ ୭୧ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଜାନୁୟାରୀ ୨୨, ୨୩ ଏବଂ ୨୪ତାରିଖ ଦିନ ଅନୁଷ୍ଠିତ ହେବ ଅଭ୍ୟାସ ପରେଡ

ଜିଲ୍ଲା ସ୍ତରୀୟ
୭୧ତମ ସାଧାରଣତନ୍ତ୍ର ଦିବସ ପାଳନର
ପ୍ରସ୍ତୁତି ବୈଠକ

ବାଲେଶ୍ୱର-(ପିଏନ)-ଜିଲ୍ଲାସ୍ତରୀୟ ୭୧ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ଣ ପ୍ରାୟ ଘ୩.୦୦ମି ସମୟରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ଜାନୁୟାରୀ ୨୬ତାରିଖ ଦିନ ପାଳିତ ହେବାକୁ ଥିବା ସାଧାରଣତନ୍ତ୍ର ଦିବସର ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ବିସ୍ତୃତ ଆଲୋଚନା କରାଯାଇଥିଲା । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ସୁବାଷ ଚନ୍ଦ୍ର ନିଆଲ ସମସ୍ତଙ୍କୁ ଇଂରାଜୀ ନବବର୍ଷର ଅଭିନନ୍ଦନ ଜଣାଇବା ସହ ସାଧାରଣତନ୍ତ୍ର ଦିବସ ପାଳନ ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ । ଏହାପରେ ସାଧାରଣତନ୍ତ୍ର ଦିବସର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା । ସାଧାରଣତନ୍ତ୍ର ଦିବସ ଦିନ ପ୍ରତ୍ୟୁଷ ଘ୪.୦୦ମି ସମୟରେ ସହରରେ ଡାକବାଜି ଯନ୍ତ୍ର ଦ୍ୱାରା ରାମଧୂନ ପରିବେଷଣ କରାଯିବ । ଏହାପରେ ଘ୭.୩୦ମି ସୁଦ୍ଧା ବିଭିନ୍ନ ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତୋଳନ, ଛାତ୍ର-ଛାତ୍ରୀଙ୍କ ଦ୍ୱାରା ପ୍ରଭାତଫେରୀ, ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କରେ ଜାତୀୟ ପତାକା ଉତୋଳନ କରାଯିବ । ସକାଳ ଘ୮.୩୦ମି ସମୟରେ ପୁଲିସ ଲାଇନ ପଡିଆରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତୋଳନ କରିବା ସହିତ ସମ୍ମିଳିତ ପରେଡର ଅଭିବାଦନ ଗ୍ରହଣ କରି ସମବେତ ଜନତାଙ୍କୁ ଉଦବୋଧନ ଦେବେ । ଏତଦବ୍ୟତୀତ ପ୍ରାଚୀନ ସମରକଳା ପ୍ରଦର୍ଶନ, ବିଭାଗୀୟ ପ୍ରଜ୍ଞାପନ ମେଢ ପ୍ରଦର୍ଶନ ଏବଂ ଛାତ୍ର-ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯିବ । ପରେଡରେ ଶ୍ରେଷ୍ଠ ବିବେଚିତ ଦଳମାନଙ୍କୁ ସିଲଡ ଓ କପ ପ୍ରଦାନ ବ୍ୟତୀତ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିବେ । ପରେଡରେ ଅଂଶଗ୍ରହଣ କରିଥିବା ଛାତ୍ର-ଛାତ୍ରୀମାନଙ୍କୁ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ବିସ୍କୁଟ ଓ ଫଳ ବିତରଣ କରାଯିବ । ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅନ୍ତେବାସୀଙ୍କୁ ଫଳ ବଂଟନ, ହେଣ୍ଡିକେପଡ ଓ୍ୱେଲଫେୟାର ଇନଷ୍ଟିଚ୍ୟୁଟର ଛାତ୍ର-ଛାତ୍ରୀମାନଙ୍କୁ ବିସ୍କୁଟ ଓ କେକ ବଂଟନ, ଚିତ୍ରକଳା ପ୍ରଦର୍ଶନୀ, ପୁଷ୍ପ ପ୍ରଦର୍ଶନୀ, ରାଣୀପାଟଣାସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟ ଓ ପ୍ରୟାସ ଅନୁଷ୍ଠାନର ଛାତ୍ର-ଛାତ୍ରୀମାନଙ୍କୁ ବିସ୍କୁଟ ଓ କେକ ବଂଟନ, ବାମପଦା କୁଷ୍ଠାଶ୍ରମର ଅନ୍ତେବାସୀମାନଙ୍କୁ ଫଳ ବଂଟନ, ଉତ୍କଳ ବାଳାଶ୍ରମର ଅନ୍ତେବାସୀମାନଙ୍କୁ ମଧ୍ୟାହ୍ନ ଭୋଜନ, ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ, ମ୍ୟୁଜିକ ଚେୟାର ଇତ୍ୟାଦି ଅନୁଷ୍ଠିତ ହେବ । ସେହିପରି ସାଧାରଣତନ୍ତ୍ର ଦିବସ ପାଳନ ପରିପ୍ରେକ୍ଷୀରେ ଝୋଟି ପ୍ରତିଯୋଗିତା, ଛାତ୍ର-ଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ ଓ ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେବ । ଜାନୁୟାରୀ ୨୨, ୨୩ ଏବଂ ୨୪ତାରିଖ ଦିନ ପୁଲିସ ଲାଇନ ପଡିଆରେ ଅଭ୍ୟାସ ପରେଡ ଅନୁଷ୍ଠିତ ହେବ । ଆପତକାଳୀନ ଚିକିତ୍ସା, ଅଗ୍ନିଶମ ସେବା ବ୍ୟବସ୍ଥା ସମେତ ଉତ୍ସବର ସୁଚାରୁ ପରିଚାଳନା ଏବଂ ସଫଳ ଆୟୋଜନ ନିମନ୍ତେ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ ଉପସ୍ଥିତ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ସଙ୍ଗଠନର କର୍ମକର୍ତାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସାଧାରଣତନ୍ତ୍ର ଦିବସ ସନ୍ଧ୍ୟାରେ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ଗୋବିନ୍ଦ ସେଠୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଶିକ୍ଷାନୁଷ୍ଠାନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତା, ଗଣମାଧ୍ୟମର ପ୍ରତିନିଧି, ବରିଷ୍ଠ ନାଗରିକ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସକୁ ସଫଳ କରିବା ନିମନ୍ତେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ସୁବାଷ ନିଆଲ ସମସ୍ତଙ୍କର ସହଯୋଗ କାମନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

ଗୋଦରେଜ୍ ଆପ୍ଲାଏନ୍‌ସେସ୍ ଓଡ଼ିଶାରେ ନିଜର ଉପସ୍ଥିତିକୁ ସୁଦୃଢ଼ କରିଛି

ରାଉରକେଲା : ହୋମ୍ ଆପ୍ଲାଏନ୍‌ସେସ୍ କ୍ଷେତ୍ରରେ ଭାରତର ଅଗ୍ରଣୀ ସଂସ୍ଥା ଗୋଦରେଜ୍ ଆପ୍ଲାଏନ୍‌ସେସ୍ ଏହାର ଚ୍ୟାନେଲ୍ ପାର୍ଟନର୍ ଏମ୍/ଏସ୍ କ୍ୱାଲିଟି ଇଞ୍ଜିନିୟରିଂ ଓ୍ୱାର୍କସ୍ ସହ ସହଯୋଗିତାରେ ରାଉରକେଲା ଠାରେ ଏହାର ପ୍ରଥମ ବ୍ରାଣ୍ଡ୍ ଆଉଟ୍‌ଲେଟ୍‌କୁ ଖୋଲି ଓଡିଶାରେ ଏହାର ଉପସ୍ଥିତିକୁ ସୁଦୃଢ଼ କରିଛି । ଏହି ଉନ୍ମୋଚନ ସହିତ ଓଡ଼ିଶା ରାଜ୍ୟରେ ଏହି ବ୍ରାଣ୍ଡର ଇବିଓ ସଂଖ୍ୟା ୨୦ରେ ପହଂଚିଛି ।

ଯୋଗାଣ ଶୃଙ୍ଖଳକୁ ସୁଦୃଢ଼ କରିବା ଓ ରାଉରକେଲା ବଜାରର ଗ୍ରାହକଙ୍କ ପାଇଁ ପରବର୍ତି ପିଢ଼ିର ସପିଙ୍ଗ ଅନୁଭୂତି ସୃଷ୍ଟି କରିବା ଲାଗି, ଗୋଦରେଜ୍ ଆପ୍ଲାଏନ୍‌ସେସ୍ ପକ୍ଷରୁ ୧୮୦୦ ବର୍ଗଫୁଟ ସ୍ଥାନରେ ସ୍ୱତନ୍ତ୍ର ବ୍ରାଣ୍ଡ୍ ଆଉଟ୍‌ଲେଟ୍ ଖୋଲାଯାଇଛି । ଏହି ଇବିଓଟି ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲାର ବେଦବ୍ୟାସ ଠାରେ ଥିବା ଜମୁନାନାକି ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅବସ୍ଥିତ । ଏହି ଇବିଓ ସାରା ଦେଶରେ ଥିବା ଗୋଦରେଜ୍ ଆପ୍ଲାଏନ୍‌ସେସ୍‌ର ବ୍ୟାପକ ନେଟୱାର୍କକୁ ଆହୁରି ସୁଦୃଢ଼ କରିଛି ଏବଂ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହରରେ ଗ୍ରାହକମାନଙ୍କୁ ପ୍ରିମିୟମ୍ ଉତ୍ପାଦ ଆବଶ୍ୟକତାକୁ ପୂରଣ କରୁଛି ।

ଗ୍ରାହକମାନଙ୍କୁ ଆରାମଦାୟକ ଅନୁଭୂତି ପ୍ରଦାନ କରିବା ଲାଗି ନିଷ୍ଠାର ସହ ଉଦ୍ୟମ ସ୍ୱରୂପ, ଏହି ଇବିଓରେ ରେଫ୍ରିଜରେଟର, ଓ୍ୱାସିଂ ମେସିନ, ଏୟାର କଣ୍ଡିସନର, ଚେଷ୍ଟ ଫ୍ରିଜର୍ ଏବଂ ମାଇକ୍ରୋ ଓଭେନ୍ ଭଳି ଗୋଦରେଜ୍ ଆପ୍ଲାଏନ୍‌ସେସ୍‌ର ବ୍ୟାପକ ବର୍ଗର ଉତ୍ପାଦକୁ ପ୍ରଦର୍ଶିତ କରାଯିବ ।

ଏହି ଉନ୍ମୋଚନ ଅବସରରେ ଗୋଦରେଜ୍ ଆପ୍ଲାଏନ୍‌ସେସ୍ ମାର୍କେଟିଂର ମୁଖ୍ୟ ଶ୍ରୀଯୁକ୍ତ ସ୍ୱାତୀ ରାଠି କହିଛନ୍ତି ଯେ, "ଓଡ଼ିଶାରେ ଆମର ୨୦ତମ ବ୍ରାଣ୍ଡ୍ ଆଉଟ୍‌ଲେଟ୍‌ର ଉଦଘାଟନ ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି । ଇବିଓଗୁଡ଼ିକର ଆମର ଗୁରୁତ୍ୱପୂର୍ଣ୍ଣ ଅଭିଯାନ ଦେଶର କୋଣ ଅନୁକୋଣରେ ଥିବା ଗ୍ରାହକମାନଙ୍କ ପାଖରେ ପହଂଚିବା ପାଇଁ ସେଗୁଡ଼ିକ ଆମ ବ୍ରାଣ୍ଡର ପ୍ରମୁଖ ଟଚପଏଂଟ୍ । ଯେତେ ସମ୍ଭବ ଆମେ ଗ୍ରାହକଙ୍କ ସେତେ ନିକଟତର ହେବାକୁ ସର୍ବଦା ଉଦ୍ୟମ କରୁଛୁ ଏବଂ ସେଥିପାଇଁ ଆମେ ଏହି ଯାତ୍ରାର ଶୁଭାରମ୍ଭ କରିଛୁ ।''

ଗୋଦରେଜ୍ ଆପ୍ଲାଏନ୍‌ସେସ୍‌ର ପୂର୍ବ ଓବିଜେର ଜୋନାଲ୍ ବ୍ୟବସାୟ ମୁଖ୍ୟ ଶ୍ରୀଯୁକ୍ତ ରଘୁନାଥ ମିଶ୍ର କହିଛନ୍ତି ଯେ, "ଓଡ଼ିଶାର ୨୦ତମ ଓ ରାଉରକେଲାରେ ପ୍ରଥମ ସ୍ୱତନ୍ତ୍ର ବ୍ରାଣ୍ଡ୍ ଆଉଟଲେଟ୍ ଖୋଲିଥିବାରୁ ଆମେ ରୋମାଂଚିତ । ଆମର ନିଜସ୍ୱ ସ୍ୱତନ୍ତ୍ର ସୋ'ରୁମ୍ ଜରିଆରେ ଆମ ପାଖରେ ଗୋଟିଏ ସ୍ଥାନରେ ଆମର ସମ୍ପୂର୍ଣ୍ଣ ଶ୍ରେଷ୍ଠ ମାନର ଉତ୍ପାଦକୁ ପ୍ରଦର୍ଶିତ କରିବାର ସୁଯୋଗ ରହିଛି । ରାଉରକେଲା ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ଏବଂ ଆମେ ଆମର ଗ୍ରାହକଙ୍କୁ ଉଲ୍ଲସିତ କରିବା ଓ ସେମାନଙ୍କୁ ସର୍ବଦା ଶ୍ରେଷ୍ଠ ମାନର ସପିଙ୍ଗ ଅନୁଭୂତି ପ୍ରଦାନ କରିବାକୁ ଚାହୁଁଛୁ । ବର୍ତମାନ, ଓଡ଼ିଶାର ଇବିଓ ଭାରତରେ ମୋଟ ବିକ୍ରିକୁ ଏହି ଚ୍ୟାନେଲ୍ ଜରିଆରେ ୩୦% ଅବଦାନ ପ୍ରଦାନ କରୁଛି ।

ଏମ୍/ଏସ୍ କ୍ୱାଲିଟି ଇଞ୍ଜିନିୟରିଂ ଓ୍ୱାର୍କସ୍‌ର ତତ୍ତ୍ୱାବଧାୟକ ଶ୍ରୀଯୁକ୍ତ ପ୍ରଦୀପ କୁମାର ଶର୍ମା କହିଛନ୍ତି ଯେ, "ଗୋଦରେଜ୍ ଆପ୍ଲାଏନ୍‌ସେସ୍‌ର ସହଯୋଗୀ ହୋଇଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ ଯାହା ଏକ ଉଚ୍ଚ ବିଶ୍ୱାସଯୋଗ୍ୟ ଓ ସମ୍ମାନଜନକ ବ୍ରାଣ୍ଡ୍ । ଗ୍ରାହକଙ୍କୁ ଲାଭ ପ୍ରଦାନ କରିବା ଲାଗି ଆମର ବିଭିନ୍ନ ଆକର୍ଷଣୀୟ ଅଫର ରହିଛି । ଗୋଦରେଜ୍ ଆପ୍ଲାଏନ୍‌ସେସ୍ ତରଫରୁ ସ୍ୱତନ୍ତ୍ର ଉତ୍ପାଦ ଜରିଆରେ ଆମେ ରାଉରକେଲାର ଗ୍ରାହକମାନଙ୍କ ପାଇଁ ଏହି ଆଉଟଲେଟକୁ ନିଶ୍ଚିତ ରୂପେ ଶ୍ରେଷ୍ଠ ସ୍ଥାନରେ ରୂପାନ୍ତରିତ କରିବୁ ।''

"କୋଟି କୈବଲ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥ'' ପୁସ୍ତକ ଲୋକାର୍ପିତ

ନିଖିଳ ଭାରତ ଓଡ଼ିଆ ଅଧ୍ୟାପକ ସମ୍ମିଳନୀ ବାର୍ଷିକୋତ୍ସବ-୨୦୧୯
ଆଲୋଚନାଚକ୍ର : ଗାନ୍ଧୀ ଓ ଓଡ଼ିଆ ସାହିତ୍ୟ

ଭୁବନେଶ୍ୱର(ପିଏନ): ବି.ଜେ.ବି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅୟୋଜିତ ନିଖିଳ ଭାରତ ଓଡିଆ ଅଧ୍ୟାପକ ସମ୍ମେଳନ ଅବସରରେ ପ୍ରଫେସର ଡକ୍ଟର ପ୍ରେମାନନ୍ଦ ମହାପାତ୍ରଙ୍କ ରଚିତ "କୋଟି କୈବଲ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥ" ଏବଂ ବିଦ୍ୟାନଗରୀର ମହାନ୍ ସାଧକ: ସାମନ୍ତ ଚନ୍ଦ୍ର ଶେଖର ପୁସ୍ତକ ଦ୍ୱୟ ଓଡିଶାର ଉଚ୍ଚଶିକ୍ଷା, କୃଷି ଓ କୃଷକ ସଶକ୍ତି କରଣ ଏବଂ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗର ମାନ୍ୟବର ମନ୍ତ୍ରୀ ଡକ୍ଟର ଅରୁଣ କୁମାର ସାହୁଙ୍କ କର କମଳରେ ଲୋକାର୍ପିତ ହୋଇଯାଇଛି । ଏହି ଉତ୍ସବରେ କଲେଜର ଅଧ୍ୟକ୍ଷା ଡକ୍ଟର ସୁପ୍ରଭା ପଟ୍ଟନାୟକ, ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ଥିଲେ ।

ସଂକଟରେ ମାମୁଁ ଭଣଜା ପଥର

କେନ୍ଦୁଝର(ପିଏନ): ପ୍ରଶାସନର ନିର୍ଦ୍ଦେଶ ମାନୁ ନାହାଁନ୍ତି ବାଲିଘାଟ ଲିଜ୍‌ଧାରୀ । ନଦୀରୁ ମନଇଚ୍ଛା ବାଲି ଉତୋଳନକୁ ନେଇ ତେଜୁଛି ଅସନ୍ତୋଷ । ଆନନ୍ଦପୁରରେ ଲିଜ୍ ନେଇଥିବା ପଟ୍ଟାଦାର ଏବେ ଘଷିପୁରା ସୀମାରେ ପାଣି ଭିତରେ ପଶି ବାଲି ଉଠାଉ ଥିବା ଅଭିଯୋଗ ହୋଇଛି । ମନଇଚ୍ଛା ବାଲି ଉଠାଣ ଯୋଗୁଁ ନଦୀ ଶଯ୍ୟାରେ ଥିବା ଐତିହର ମୁକସାକ୍ଷୀ ମାମୁଁ ଭଣଜା ପଥର ଏବେ ସଙ୍କଟରେ । ବୈତରଣୀ ନଦୀ ଶଯ୍ୟାରେ ରହିଛି ମାମୁଁ ଭଣଜା ପଥର । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଅତୀତରେ ମାମୁଁ ଭଣଜା ନଦୀ ପାର ହୋଇ ଯାଉଥିବା ବେଳେ ଉଭୟେ ଏହି ସ୍ଥାନରେ ପ୍ରାଣ ହରାଇ ଥିଲେ । ଏଥିପାଇଁ ଏହି ପଥରର ନାମକରଣ ଏଭଳି କରାଯାଇଛି । ସେହିପରି ଶୀତ ଋତୁରେ ଏହି ପଥର ଉପରେ ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଥାଏ । ବେଧଡକ ବାଲି ଉତୋଳନ ଯୋଗୁଁ ପଥରର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ଏକ ଐତିହ ସମ୍ପନ୍ନ ସ୍ଥାନ ଲୁପ୍ତ ହେବାକୁ ଯାଉଛି । ପଥର ଚାରି ପାର୍ଶ୍ୱରେ ପାଣି ଭିତରୁ ମେସିନ୍ ମାଧ୍ୟମରେ ବାଲି ଖୋଳା ହେବା ଦ୍ୱାରା ଏହା ଏବେ ଅସୁରକ୍ଷିତ ହୋଇ ପଡିଛି । ଲିଜ୍‌ଧାରୀ ନିୟ ଉଲ୍ଲଙ୍ଘନ କରି ଘଷିପୁରା ତହସିଲ ସୀମାରୁ ବାଲି ଉତୋଳନ କରୁଥିବା ସ୍ଥାନୀୟ ଲୋକେ ତହସିଲଦାରଙ୍କୁ ଅବଗତ କରାଇଛନ୍ତି । ପ୍ରଶାସନ ତୁରନ୍ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣ ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

ଦାନ୍ତିଆରେ ମାତିଛନ୍ତି ପଥର ମାଫିଆ

କେନ୍ଦୁଝର(ପିଏନ): ଏନ୍‌କ୍ରିଟ୍ ଛାଟ ପରେ ପ୍ରଶାସନ ପକ୍ଷରୁ ତହସିଲ ମଦନପୁର ଠାରେ ଚାଲିଥିବା ବେଆଇନ୍ ଚୋରା ପଥର ଚାଲାଣ ଉପରେ ପ୍ରତିବନ୍ଧ ଲଗାଯାଇଥିବା ବେଳେ ଖାଦାନ ଚାରି ପାର୍ଶ୍ୱରେ ଟ୍ରେଂଚ ଖୋଳା ଯାଇ ସମସ୍ତ ରାସ୍ତାକୁ ବନ୍ଦ କରାଯିବା ପରେ ଏଠାରେ ପଥର କଟା ବନ୍ଦ ହୋଇଛି । ଗତ ୧ ତାରିଖରେ ତହସିଲ, ଜଙ୍ଗଲ ବିଭାଗ, ଖଣି ବିଭାଗ, ପ୍ରଦୂଷଣ ବିଭାଗର ଅଧିକାରୀମାନେ ମିଳିତ ଭାବେ ଏହି ଅଂଚଳ ଗସ୍ତ କରି ରିପୋର୍ଟ ସଂଗ୍ରହ କରିଥିଲେ । ଗତକାଲି କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳ ଭକ୍ତ ଚରଣ ପ୍ରଧାନ ଘଟଣାସ୍ଥଳ ପରିଦର୍ଶନ କରି ଏହାର ସମୀକ୍ଷା କରିଥିଲେ । କିନ୍ତୁ ଏପଟେ ମଦନପୁରରେ ଚୋରା କାରବାର ଉପରେ ଅଙ୍କୁଶ ଲାଗିବା ପରେ ଦାନ୍ତିଆ ଓ ପାଟିଲୋ ଠାରେ ମାଫିଆଙ୍କ କାରନାମା ଦେଖିବାକୁ ମିଳିଛି । ରାତ୍ରୀ ସମୟରେ ମେସିନ୍ ଗର୍ଜନରେ ଗ୍ରାମବାସୀ ଅତିଷ୍ଠ ହୋଇ ପଡୁଛନ୍ତି । ତହସିଲ ପକ୍ଷରୁ ଏହାର କୌଣସି ପଦକ୍ଷେପ ନିଆଯାଉ ନାହିଁ । ମାଫିଆଙ୍କ ରାତି ଅଧିଆ ପଥର ଚୋରା ଚାଲାଣ ଯୋଗୁଁ ଏଠାରେ ସଂରକ୍ଷିତ ଜଙ୍ଗଲ, ଚରାଭୁଇଁ, ଖେଳପଡିଆରେ ଖାଲ ସୃଷ୍ଟି ହୋଇ ଜନସାଧାରଣ ଓ ବନ୍ୟଜନ୍ତୁଙ୍କ ବିପଦ ସୃଷ୍ଟି ହୋଇଛି । ଅତୀତରେ ୩ ଜଣ ବ୍ୟକ୍ତି ଖାଦାନରେ ପଡି ପ୍ରାଣ ହରାଇଥିଲେ । ଅନେକ ବନ୍ୟଜନ୍ତୁଙ୍କ ଜୀବନ ଯାଇଛି । ଏହି ଘଟଣାକୁ ନେଇ ଗ୍ରାମରେ ଘୋର ଅସନ୍ତୋଷ ପ୍ରକାଶ ପାଇବାରୁ ମାଫିଆମାନେ ୨ଦିନ କାରବାର ବନ୍ଦ କରିଥିଲେ । କିନ୍ତୁ ଗତକାଲି ଠାରୁ ପୁଣି ପଥର ଖୋଳାକୁ ଜୋରଦାର କରିଛନ୍ତି । ଦାନ୍ତିଆ ସ୍କୁଲ ପଛ ପାଖ ଖେଳ ପଡିଆ ନିକଟରେ ୬ଟି ମେସିନ୍ ସାହାଯ୍ୟରେ ପଥର କଟା ଚାଲିଥିଲା । ତେଣୁ ପ୍ରଶାସନ ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

ଏମ୍ପେର ଭୀକିଲ ୨୩ ନୂତନ ଡିଲର୍ସିପ ସହ ଏହାର ପ୍ୟାନ-ଇଣ୍ଡିଆ ଇଭି ନେଟୱାର୍କ ସମ୍ପ୍ରସାରଣ

ଭୁବନେଶ୍ୱର : ଗ୍ରୀଭଜ କଟନ ଲିମିଟେଡର ସମ୍ପୂର୍ଣ୍ଣ ମାଲିକାନାରେ ଥିବା ଇଲେକ୍ଟ୍ରିକ ଗତିଶୀଳତା ସହଯୋଗୀ ଏମ୍ପେର ଭୀକିଲ ସାରା ଭାରତରେ ବ୍ରାଣ୍ଡର ଉପସ୍ଥିତି ଉପଲବ୍ଧ କରାଇବା ପାଇଁ ସେପ୍ଟେମ୍ବର ୨୦୧୯ ରୁ ୨୩ଟି ନୂତନ ଡିଲର୍ସିପ ସହିତ ସାରା ଦେଶରେ ଇଲେକ୍ଟ୍ରିକ ଯାନ ଆବଣ୍ଟନ ନେଟୱାର୍କର ସମ୍ପ୍ରସାରଣ ଘୋଷଣା କରିଛନ୍ତି । ନୂତନ ଡିଲର୍ସିପ ଷ୍ଟୋର ଯୋଗୁଁ ବର୍ତ୍ତମାନ କିଲୋମିଟର ପିଛା ୧୫ ପଇସା ଭଳି ନିମ୍ନ ଚାଳିତ ମୂଲ୍ୟରେ ପରିବେଶ-ଅନୁକୂଳିତ ଉଚ୍ଚ ପ୍ରଦର୍ଶନ କରୁଥିବା ଇ-ସ୍କୁଟରର ଏକ ଭିନ୍ନ ଶୃଙ୍ଖଳା ଗ୍ରାହକ ମାନଙ୍କ ନିକଟରେ ପହଞ୍ଚାଇବ । ଏହି ଇ-ସ୍କୁଟର କର୍ଣ୍ଣାଟକ, କେରଳ, ତାମିଲନାଡୁ, ଓଡ଼ିଶା, ପଶ୍ଚିମ ବଙ୍ଗ, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ ଓ ରାଜସ୍ଥାନ ଆଦି ସହରରେ ପାଇପାରିବେ ।

ଏହି ଅବସରରେ ଗ୍ରୀଭଜ କଟନ ଲିମିଟେଡର ଏମଡି ଓ ସିଇଓ ନାଗେଶ ବାସ୍ୱନହଲି କହିଛନ୍ତି ଯେ, "ଦୈନନ୍ଦିନ ଆଧାରରେ ଯାତ୍ରା କରୁଥିବା ଲୋକମାନଙ୍କ ପାଇଁ ଆମେ ଏକ ଆରମ ଦାୟକ ଓ ସୁବିଧା ଜନକ ପରିବର୍ତ୍ତନ ଆଣିବାକୁ ଚାହୁଁଛୁ ଏବଂ ଆମ ପାଇଁ ଏହି ଡିଲର୍ସିପ ସମ୍ପ୍ରସାରଣ ସେହି ଦିଗରେ ଏକ କଦମ ମାତ୍ର । ଆମର ୨୦୨୦ ଯାତ୍ରାରେ ଆମେ ଆମର ଉତ୍ପାଦ ବାସ୍କେଟ ଏବଂ ସର୍ଭିସ ଅଫରିଙ୍ଗ ନିରନ୍ତର ପ୍ରସାର କରୁଥିବା ଆପଣ ଦେଖିବାକୁ ପାଇବେ ।"

ଏହି ଅବସରରେ ଏମ୍ପେର ଭୀକିଲର ସିଓଓ, ପି ସଞ୍ଜିଭ କହିଛନ୍ତି ଯେ,"ଯୁବକରୁ ବୃଦ୍ଧା, ଯୁବସୁଲଭ ଟ୍ରେଣ୍ଡି କିଣାଳି ସମସ୍ତ ବର୍ଗର ଲୋକେ ଏହାକୁ ପସନ୍ଦ କରିବା ସହ ସାରା ଭାରତରେ ୫୦,୦୦୦ ବିକ୍ରି ପାର କରିଛି । ଆମେ ବର୍ତ୍ତମାନ ସୁଦ୍ଧା ୧୮୦ରୁ ଅଧିକ ସହରରେ ଏହା ଉପଲବ୍ଧ ।"

ହିରୋ ମୋଟୋକର୍ପ ଆରମ୍ଭ କରୁଛନ୍ତି ଦେଶର ପ୍ରଥମ 'ଏକ୍ସସେନ୍ସ ପ୍ରାଦ୍ୟୋଗୀକି' ସହିତପ୍ରୋଗ୍ରମ ହୋଇଥିବା ଏଫଆଇ ଚାଳିତ ୧୦୦-ସିସି ବିଏସ-ଭିଆଇ ମଟରସାଇକେଲ ଏଚଏଫ ଡିଲକ୍ସ ବିଏସ-ଭିଆଇ

ଭୁବନେଶ୍ୱର-ଏକ ରୋମାଂଚକର ଏବଂ ବ୍ୟାପକ ବିଏସ-ଭିଆଇ ଉତ୍ପାଦ ପୋର୍ଟଫୋଲିଓ ଗ୍ରାହକମାନଙ୍କ ପାଇଁ ଅତିଶୀଘ୍ର ଅନାବରଣ କରିବାକୁ ନିଜର ପ୍ରତିବଦ୍ଧତା ଦୋହୋରାଇ ବିଶ୍ୱର ବୃହତମ ଦୁଇ-ଚକିଆ ବିନିର୍ମାତା, ହିରୋ ମୋଟୋକର୍ପ ଆଜି ଏଂଟ୍ରି ସେଗମେଂଟରେ ପ୍ରଥମ ବିଏସ-ଭିଆଇ ମଟରସାଇକେଲ- ଏଚଏଫ ଡିଲକ୍ସ ବିଏସ-ଭିଆଇ ଲଂଚ କରିଛନ୍ତି ।

ପ୍ରଥମ ଥର ପାଇଁ କମ୍ପାନୀ ଲଂଚ କରିଥିବା ବିଏସ-ଭିଆଇ ଉତ୍ପାଦ- ସ୍ପ୍ଲେଣ୍ଡର ଆଇସ୍ମାର୍ଟ ର ଠିକ ପରେ ପରେ ଏଚଏଫ ଡିଲକ୍ସ ବିଏସ-ଭିଆଇ ର ବାହାରିବା ଆରମ୍ଭ ହେବା ଦ୍ୱାରା ନୂତନ ଉତ୍ସର୍ଜନ ପ୍ରଣାଳୀକୁ ଚାଲିଯିବାରେ ହିରୋ ମୋଟୋକର୍ପ ଦ୍ୱାରା ନିଭାଯାଉଥିବା ଡିଲରସିପ ଭୂମିକାକୁ ପୁନଃ-ସୁନିଶ୍ଚିତ କରିଛି ।

ଏସମସ୍ତ ଉତ୍ପାଦ ଗୋଟିଏ ପରେ ଗୋଟିଏ ଅତି ଶୀଘ୍ର ଆସିବା ଦ୍ୱାରା ହିରୋ ମୋଟୋକର୍ପ ଏହାର ବିଏସ-ଭିଆଇ ଉତ୍ପାଦର ପୋର୍ଟଫୋଲିଓ ଅତି ଶୀଘ୍ର ବୃଦ୍ଧି କରି ଖୁବ ଜଲଦି ଏହାର ସଂପୂର୍ଣ୍ଣ ଶୃଙ୍ଖଳାକୁ ବିଏସ- ଭିଆଇ ମାନଦଣ୍ଡକୁ ପରିବର୍ତନ କରିବା ପାଇଁ ଯୋଜନା କରିଛି ।

ଏଂଟ୍ରି ସେଗମେଂଟରେ ଭାରତର ସର୍ବାଧିକ ସଫଳ ଏବଂ ପ୍ରତିଷ୍ଠିତ ମଟରସାଇକେଲ, ଏଚଏଫ ଡିଲକ୍ସ ଦେଶର ହିରୋ ମୋଟୋକର୍ପ ଶୋରୁମରେ ସେଲ୍ଫ-ଷ୍ଟାର୍ଟ ମିଶ୍ରଧାତୁ ଚକ ଭେରୀଅଂଟ ପାଇଁ ୫୫,୯୨୫ ଟଙ୍କା ଏବଂ ସେଲ୍ଫ-ଷ୍ଟାର୍ଟ ମିଶ୍ରଧାତୁ ଚକ ଆଇ୩ଏସ ଭେରୀଅଂଟ ପାଇଁ ୫୭,୨୫୦ଟଙ୍କା ର (ଉଭୟ ମୂଲ୍ୟ ଏକ୍ସ-ଶୋରୁମ ଦିଲ୍ଲୀ) ଏକ ଆକର୍ଷକ ମୂଲ୍ୟରେ ଜାନୁଆରୀ ୨୦୨୦ ଆରମ୍ଭରୁ ଉପଲବ୍ଧ ହେବ ।

ବୃହତର ପ୍ରଦର୍ଶନ ଏବଂ ଇନ୍ଧନ-ଦକ୍ଷତା ଆଦି ମୂଳ ବ୍ରାଣ୍ଡ ଡିଏନଏ ଅକ୍ଷତ ରଖିବା ସହିତ ଏଚଏଫ ଡିଲକ୍ସ ବିଏସ-ଭିଆଇ 'ଏକ୍ସସେନ୍ସ ପ୍ରାଦ୍ୟୋଗୀକି' (୧୦ଟି ସେନ୍ସର) ସହିତ ବର୍ତମାନ ପ୍ରୋଗ୍ରାମ ହୋଇଥିବା ଇନ୍ଧନ-ଇଞ୍ଜେକ୍ସନ ଚାଳିତ ହୋଇ ଆଗ ପରିକ୍ଷା ଉଚ୍ଚତର ଇନ୍ଧନ-ଦକ୍ଷତା ଦେଇ (୯% ଉଚ୍ଚତର), ପ୍ରୟାସ ବିହୀନ ତ୍ୱରଣ, ଚିକ୍କଣ ରାଇଡ ଏବଂ ଯେକୌଣସି ସମୟରେ ଓ ଯେକୌଣସି ସ୍ଥାନରେ ସହଜ ଷ୍ଟାର୍ଟ (ଥଣ୍ଡାରେ ସହଜ ଷ୍ଟାର୍ଟ) ପ୍ରଦାନ କରୁଛି ।

ବିକ୍ରମ କାସେବକର, କାର୍ଯ୍ୟକାରୀ ନିର୍ଦ୍ଦେଶକ-ସଂଚାଳନ (ପ୍ଲାଂଟସ) ଏବଂ ମୁଖ୍ୟ ପ୍ରାଦ୍ୟୋଗୀକି ଅଫିସର, ହିରୋ ମୋଟୋକର୍ପ, କହିଲେ, "ହିରୋ ମୋଟୋକର୍ପରେ କେବଳ ଖାଲି ଆମ ପାଇଁ ନୁହେଁ ଆମର ସମସ୍ତ ହିତଧାରକ, ଉଦ୍ୟୋଗ, ଏବଂ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଭାବେ ଆମର ଗ୍ରାହକମାନଙ୍କ ପାଇଁ ବିଏସ- ଭିଆଇ ମାନଦଣ୍ଡ ଦିଗରେ ଏକ ଚିକ୍କଣ ପରିବର୍ତନ ସୁନିଶ୍ଚିତ କରିବା ପାଇଁ ଆମେ କାମ କରିଚାଲିଛୁ । ଏହି ପରିବର୍ତନ ସୋପାନର ଶେଷ ଚରଣରେ ଆମେ ଉପନୀତ ହୋଇଛୁ ଏବଂ ଏଚଏଫ ଡିଲକ୍ସ ଭଳି ଆମର ପୋର୍ଟଫୋଲିଓ ରେ ପ୍ରମୁଖ ଉତ୍ପାଦ ଗୁଡିକରେ ସୂଚାରୁ ଭାବେ ବୃଦ୍ଧି ସିନିଶ୍ଚିତ କରିବାକୁ ବର୍ତମାନ ପରିବର୍ତିତ କରାଯାଉଛି । ଆମର ବିଏସ-ଆଇଭି ଇନଭେନଟରୀ ନିମ୍ନ ଅଛି ଏବଂ ଆଗକୁ ଯାଇ ଏହାକୁ ଭର୍ତି କରାଯିବନାହିଁ । ଆଗାମୀ ସପ୍ତାହରେ ବିଏସ- ଭିଆଇ ଉତ୍ପାଦର ଏକ ବଡ ପରିମାଣ ଆମେ ଛାଡିବାକୁ ଯାଉଛୁ ।"

ଏହି ଅବସରରେ ଟିପ୍ପଣୀ କରିବାକୁ ଯାଇ ମେଲୋ ଲି ମେସନ, ମୁଖ୍ୟ-ଗ୍ଲୋବାଲ ପ୍ରଡକ୍ଟ ପ୍ଲାନିଙ୍ଗ, ହିରୋ ମୋଟୋକର୍ପ, କହିଲେ, "ଭାରତରେ ଏଚଏଫ ଡିଲକ୍ସ ସର୍ବାଧିକ ଲୋକପ୍ରିୟ ଏଂଟ୍ରି ସେଗମେଂଟ ମଟରସାଇକେଲ ଅଟେ । ଏବେ ସୁଦ୍ଧା ବାଇକ ଟି ୨-ମିଲିୟନ ବିକ୍ରି କ୍ଲବରେ ପ୍ରବେଶ କରିସରିଲାଣି ଏବଂ ତାର ବର୍ଗରେ ୨/୩ରୁ ଅଧିକ ବଜାର ଶେୟାର ଅକ୍ତିଆର କରି ରଖିଛି । ନୂତନ ଏଚଏଫ ଡିଲକ୍ସ ବିଏସ- ଭିଆଇରେ ପ୍ରୋଗ୍ରାମ ହୋଇଥିବା ଏଫଆଇ ପ୍ରାଦ୍ୟୋଗୀକି ଦ୍ୱାରା ଆମେ ମଟରସାଇକେଲର ପ୍ରଦର୍ଶନ ଏବଂ ଦକ୍ଷତା ଅଧିକ ବୃଦ୍ଧି କରିଛୁ । ଗୋଟିଏ ପରେ ଗୋଟିଏ ଅତି ଶୀଘ୍ର ଦୁଇଟି ନୂତନ ବିଏସ- ଭିଆଇ ମଟରସାଇକେଲ ବର୍ତମାନ ଆମେ ଲଂଚ କରିଛୁ ଏବଂ ନୂତନ ମାନଦଣ୍ଡକୁ ଆମର ସଂପୂର୍ଣ୍ଣ ପୋର୍ଟଫୋଲିଓ ତ୍ୱରିତ ପରିବର୍ତନ କରିବାକୁ ପ୍ରତିବଦ୍ଧ ହୋଇଛୁ ।"

କମ୍ପାନୀର ଆର ଓ ଡି ହାବ, ସେଂଟର ଅଫ ଇନୋଭେସନ ଏଣ୍ଡ ଟେକ୍ନୋଲୋଜି (ସିଆଇଟି) ଜୟପୁର, ରାଜସ୍ଥାନରେ ନୂତନ ଏଚଏଫ ଡିଲକ୍ସ ବିଏସ- ଭିଆଇ ସଂପୂର୍ଣ୍ଣ ଭାବେ ନିଜ ଦ୍ୱାରା ଡିଜାଇନ ଏବଂ ବିକାଶ କରାଯାଇଛି । ୬୦%ରୁ ଅଧିକ ବଜାର ଶେୟାର ସହିତ ମଟରସାଇକେଲ ସେଗମେଂଟରେ ହିରୋ ମୋଟୋକର୍ପ ଏକ ପ୍ରଭାବଶାଳୀ ବଜାର ନେତା ଅଟେ ।

ଚିକିତ୍ସାରେ ଅବହେଳା ଅଭିଯୋଗ

ପଂଚମ ଶ୍ରେଣୀ ଛାତ୍ରୀଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ

କେନ୍ଦୁଝର(ପିଏନ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଅନ୍ତର୍ଗତ ଖଜିରାପାଟ ପଂଚାୟତ ରାମଚନ୍ଦ୍ରପୁର ଆଶ୍ରମ ବିଦ୍ୟାଳୟର ଜଣେ ପଂଚମ ଶ୍ରେଣୀ ଛାତ୍ରୀ ଚିକିତ୍ସାଧିନ ଅବସ୍ଥାରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ହୋଇଛି । ଛାତ୍ରୀଙ୍କ ନାମ ତପସ୍ୱିନୀ ହେମ୍ବ୍ରମ(୧୧) ବୋଲି ଜଣାପଡିଛି । ଛାତ୍ରୀ ଜଣକ ନବୋଦୟ ଷଷ୍ଠ ଶ୍ରେଣୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ କରୁଥିବାବେଳେ ଏଭଳି ଅଭାବନୀୟ ଘଟଣା ଘଟିଛି । ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପରିଚାଳିତ ରାମଚନ୍ଦ୍ରପୁର ଆଶ୍ରମ ବିଦ୍ୟାଳୟରେ ୩୧ ତାରିଖ ଦିନ ୭ଜଣ ଛାତ୍ରୀ ଝାଡାବାନ୍ତିରେ ଆକ୍ରାନ୍ତ ହେବାରୁ ସେମାନଙ୍କୁ ଉଦୟପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ସକାଳ ୯ଟା ସମୟରେ ଚିକିତ୍ସା ପାଇଁ ନିଆଯାଇଥିଲା । ତେବେ ସେମାନଙ୍କ ସ୍ୱାସ୍ଥ୍ୟ ଉନ୍ନତି ପରିଲକ୍ଷିତ ହେବା ପରେ ବିଦ୍ୟାଳୟକୁ ଦିନ ୨ଟା ସମୟରେ ପଠାଇ ଦିଆଯାଇଥିଲା । ସେଠାରୁ ଫେରିବା ପରେ ତପସ୍ୱନୀର ଅବସ୍ଥାରେ ଅବନ୍ନତି ହେବାରୁ ତପସ୍ୱିନୀର କକା ଏବଂ ପିଉସୀ ବିଦ୍ୟାଳୟକୁ ଯାଇ ଅସୁସ୍ଥ ଅବସ୍ଥାରେ ତାକୁ ଦିନ ୩ଟା ସମୟରେ ନେଇଆସିଥିଲେ । ତାଙ୍କ ସହିତ ବିଦ୍ୟାଳୟର ଜଣେ ଶିକ୍ଷକ ନିଶିକାନ୍ତ କିସ୍କୁ ଯାଇଥିଲେ । ୩୧ ତାରିଖ ସଂଧ୍ୟାରେ ତପସ୍ୱିନୀର ଅବସ୍ଥା ଖରାପ ହେବାରୁ ତାକୁ ରାତି ୧୦ଟାରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତୀ କରାଯାଇଥିଲା । ଚିକିତ୍ସାଧିନ ଅବସ୍ଥାରେ ରାତି ପ୍ରାୟ ୩ଟା ସମୟରେ ତାର ମୃତ୍ୟୁ ହୋଇଥିଲା । ତେବେ କେଉଁ କାରଣରୁ ଛାତ୍ରୀର ମୃତ୍ୟୁ ଘଟିଛି ତାହା ଜଣାପଡିନଥିବାବେଳେ ଛାତ୍ରୀର ଶବ ବ୍ୟବଛେଦ କରାଯାଇନଥିବା ଜଣାପଡିଛି । ଛାତ୍ରୀକୁ ଘର ଲୋକ ବିଦ୍ୟାଳୟରୁ ଘରକୁ ଆଣିବା ସମୟରେ ବିଦ୍ୟାଳୟ କର୍ତୃପକ୍ଷ ତାଙ୍କୁ ବାରଣ ନକରି କିମ୍ବା କାଉନସିଲିଂ ନକରି ଗୁରୁତର ଅବସ୍ଥାରେ ଛାତ୍ରୀଙ୍କୁ ଘରକୁ ପଠାଇଦେବା ଘଟଣାର ତଦନ୍ତ ଦାବୀ ହୋଇଛି । ବିଦ୍ୟାଳୟ କର୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁଁ ଜଣେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହେଉଛି । ତପସ୍ୱିନୀଙ୍କ ଘର ସଦର ଥାନା ରାଇସୁଆଁ ତୋଟାସାହିରେ ବୋଲି ଜଣାପଡିଛି । ଛାତ୍ରୀନିବାସରେ ବୋରିଂ ଅଚଳ ହୋଇପଡିଥିବାରୁ ଅନ୍ତେବାସୀ ଅସ୍ୱଚ୍ଛ ପାଣି ପିଇ ଝାଡାବାନ୍ତିର ଶୀକାର ହୋଇଥିଲେ । ସମୟ ଉପଯୋଗୀ ଚିକିତ୍ସା ଏବଂ ଗୁରୁତର ଛାତ୍ରୀଙ୍କୁ ଘରକୁ ପଠାଇଦେବା କାରଣରୁ ଛାତ୍ରୀର ମୃତ୍ୟୁ ହେବା ଘଟଣାର ଉଚ୍ଚସ୍ତରୀୟ ଦାବୀ ହୋଇଛି । ଏହି ଆଶ୍ରମ ବିଦ୍ୟାଳୟରେ ୩୦ତାରିଖ ଦିନ ମଧ୍ୟ ୪ଜଣ ଛାତ୍ରୀଙ୍କ ଝାଡାବାନ୍ତି ହେବାରୁ ସେମାନଙ୍କୁ ବିଦ୍ୟାଳୟକୁ ଆସିଥିବା ଡାକ୍ତରୀ ଟିମ ଦ୍ୱାରା ପ୍ରାଥମିକ ଚିକିତ୍ସା ପରେ ଉଦୟପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ରେଫର କରାଯାଇଥିଲା । ଅସୁସ୍ଥ ଛାତ୍ରୀ କମ ପାଣି ପିଇବା କାରଣରୁ ଅସୁସ୍ଥ ହୋଇପଡୁଥିବା ପ୍ରଧାନ ଶିକ୍ଷକ ବିଶ୍ୱନାଥ ପାତ୍ର କହୁଥିବାବେଳେ ଘଟଣାର ଏକ ଡାକ୍ତରୀ ଟିମ ଦ୍ୱାରା ଚିକିତ୍ସା କରାଯିବାକୁ ଅଭିଭାବକମାନେ ଦାବୀ କରିଛନ୍ତି । ଜଣେ ଛାତ୍ରୀ ହଠାତ୍ ମୃତ୍ୟୁବରଣ କରିବା ପରେ ଅନ୍ତେବାସୀଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ୨ ତାରିଖ ଗୁରୁବାର ଦିନ ପୁଣି ୩ଜଣ ଅନ୍ତେବାସୀଙ୍କ ଝାଡାବାନ୍ତି ହେବାରୁ ଗୁରୁତର ଅବସ୍ଥାରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତୀ କରାଯାଇଛି । ଏ ସଂପର୍କରେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାସଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପାଇଁ ସାହାରପଡା ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଏସ୍.ଦେବଦର୍ଶିନୀ ପ୍ରିତୀରେଖାଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଛି । କେନ୍ଦୁଝର ଜିଲ୍ଲାରେ ଅନେକ ଆଶ୍ରମ ବିଦ୍ୟାଳୟ ଏବଂ ହାଇସ୍କୁଲରେ ଗୁରୁତର ଛାତ୍ରଛାତ୍ରୀଙ୍କୁ ଅଧିକ ଚିକିତ୍ସା ନକରି ପିତାମାତାଙ୍କୁ ଖବର ଦେଇ ଘରକୁ ପଠାଇ ଦିଆଯାଉଥିବାରୁ ଉପଯୁକ୍ତ ଚିକିତ୍ସା ନପାଇ ମୃତ୍ୟୁ ହେଉଥିବା ଅଭିଯୋଗ ହୋଇଛି । ନୂଆବର୍ଷ ପୂର୍ବଦିନ ରାତିରେ ତପସ୍ୱିନୀର ମୃତ୍ୟୁକୁ ନେଇ ରାଇସୁଆଁ ତୋଟା ସାହିରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ତପସ୍ୱିନୀର ପିତା ନବୀନ ହେମ୍ବ୍ରମ ଗୁଣି ଗାରେଡି ସନ୍ଦେହରେ ଜଣେ ମହିଳାଙ୍କୁ ଆକ୍ଷେପ ଅଭିଯୋଗରେ ଜେଲରେ ଅଛନ୍ତି । ମୃତ୍ୟୁପରେ ପରିବାର ଲୋକ ଶିଶୁକନ୍ୟାକୁ ଅନ୍ତିମ ସଂସ୍କାର ପାଇଁ ଘରକୁ ଆଣିଥିଲେ । ବାପା ନଥିବାରୁ ଅନ୍ତିମ ସଂସ୍କାର ୧୫ଘଂଟା ବିଳମ୍ବରେ ହେବା ପରେ ଗ୍ରାମବାସୀଙ୍କ ସହଯୋଗରେ ଅନ୍ତିମସଂସ୍କାର କରାଯାଇଥିଲା । ଝିଅର ମୃତ୍ୟୁ ପାଇଁ ପରିବାର ବିଦ୍ୟାଳୟ କର୍ତୃପକ୍ଷ ଦାୟୀ ବୋଲି ଅଭିଯୋଗ କରିଛନ୍ତି ପରିବାର ଲୋକ ।



ଭାରତରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ସର୍ବାଧିକ !

ଆଜିର ସମୟର କଥା ଯାହା ଜଣେ ଘରୁ ବାହାରିବା ପରେ ସୁରକ୍ଷିତ ଭାବେ ଯେ ଫେରିବ ଏହି ଗ୍ୟାରେଣ୍ଟି କେହି ବି ଦେଇପାରିବେ ନାହିଁ ! ରୋଗବ୍ୟାଧି ଅପେକ୍ଷା ସଡ଼କ ଦୁର୍ଘଟଣା ବର୍ତ୍ତମାନ ସମୟର ମର୍ମନ୍ତୁଦ ପ୍ରମୁଖ ମରଣ ଯନ୍ତା। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓ ବିଶ୍ୱ ରୋଡ୍ ସେଫ୍ଟି ଆୱାରନେସ ସଙ୍ଗଠନର ତଥ୍ୟ ଅନୁଯାୟୀ ସଡ଼କ ଦୁର୍ଘଟଣା ହେତୁ ବିଶ୍ୱରେ ପ୍ରତି ୨୩ ସେକେଣ୍ଡରେ ଜଣଙ୍କର ଜୀବନ ଯାଉଛି। ସବୁଠାରୁ ଅଭାବନୀୟ ଘଟଣା ହେଉଛି ଅଧିକାଂଶ ଶିଶୁ ଓ ଯୁବପିଢ଼ୀ ରୋଗବ୍ୟାଧି ନୁହେଁ ସଡ଼କ ଦୁର୍ଘଟଣା ପାଇଁ ଜୀବନ ହରାଉଛନ୍ତି। ଅନ୍ୟ ଦେଶ ତୁଳନାରେ ଭାରତରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ସର୍ବାଧିକ। ସମଗ୍ର ବିଶ୍ୱରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ଅତି ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି। ୨୦୧୩ ମସିହାରେ ୧.୨୫ ନିୟୁତ ଲୋକଙ୍କର ସଡ଼କ ଦୁର୍ଘଟଣାରେ ପ୍ରାଣହାନୀ ହୋଇଥିବାବେଳେ ୨୦୧୬ରେ ଏହି ସଂଖ୍ୟା ୧.୩୫ ନିୟୁତକୁ ବୃଦ୍ଧି ପାଇଛି। ସବୁଠାରୁ ଉଦ୍‌ବେଗଜନକ ଚିତ୍ର ହେଉଛି ସଡ଼କ ଦୁର୍ଘଟଣା ହେତୁ ଜୀବନ ହାରୁ ଥିବା ପ୍ରତି ୯ ଜଣରେ ଜଣେ ଭାରତୀୟ। ସେହିପରି ୫ରୁ ୨୯ବର୍ଷ ବୟସର ବ୍ୟକ୍ତିଙ୍କ ପାଇଁ ସଡ଼କ ଦୁର୍ଘଟଣା ମୃତ୍ୟୁର ବଡ଼ କାରଣ। ଶିଶୁ ସ୍ୱାସ୍ଥ୍ୟ ଏଜେଣ୍ଡାରେ ଏହାକୁ ଅଣଦେଖା କରାଯାଉଛି ଏ ନେଇ ପରିବର୍ତ୍ତନର ଜରୁରୀ ଆବଶ୍ୟକତା ରହିଛି। ଦୁଇଚକିଆ ଯାନ ଓ ଟ୍ରକ, ବସ୍ ଗୁଡ଼ିକ ଅଧିକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସଡ଼କ ସୁରକ୍ଷା ନୀତିନିୟମର ସଠିକ କାର୍ଯ୍ୟକ୍ରମ ନ ହୋଇପାରିବାରୁ ଦୁର୍ଘଟଣା ବଢୁଛି। ୨୦୧୬ରେ ଭାରତରେ ସଡ଼କ ଦୁର୍ଘଟଣା ହେତୁ ୧,୫୦,୭୮୫ ମୃତ୍ୟୁ ହୋଇଛି ବୋଲି ସରକାରୀ ରିପୋର୍ଟ କହୁଥିଲେ ବି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କିନ୍ତୁ ତଥ୍ୟ ରଖିଛି ଏହି ମୃତ୍ୟୁ ସଂଖ୍ୟା ହେଉଛି ୩ଲକ୍ଷ। ମୃତ୍ୟୁ ସଂଖ୍ୟା ଠାରୁ ଆହୁରି ଦୁଃଖଦ ଚିତ୍ର ହେଉଛି ବିକଳାଙ୍ଗ ହୋଇଯାଉଥିବା ଗୁରୁତର ଆହାତଙ୍କ ସଂଖ୍ୟା। ସେମାନଙ୍କ ସଂଖ୍ୟା ୬ଲକ୍ଷରୁ ଉର୍ଦ୍ଧ୍ୱ ବୋଲି ଏହି ରିପୋର୍ଟରେ ତଥ୍ୟ ରହିଛି। ଏଭଳି ପରିସଂଖ୍ୟାନ ନିଶ୍ଚିତ ରୂପେ ଉଦ୍‌ବେଗ ସୃଷ୍ଟି କରିବା ଭଳି ତଥ୍ୟ। ପ୍ରଥମଥର ପାଇଁ ସରକାର ଦୁର୍ଘଟଣାର କାରଣ ଓ ଦୁର୍ଘଟଣାର ଶିକାର ହେଉଥିବା ଲୋକମାନଙ୍କ ପରବର୍ତ୍ତୀ ଅବସ୍ଥା ସଂପର୍କରେ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରିଥିବା ପରି ମନେହୁଏ। ସର୍ବାଧିକ ସଡ଼କ ଦୁର୍ଘଟଣା ଘଟୁଥିବା ରାଜ୍ୟମାନଙ୍କ ତାଲିକାରେ ଉତ୍ତରପ୍ରଦେଶ, ତାମିଲନାଡ୍ରୁ, ମହାରାଷ୍ଟ୍ର, କର୍ଣ୍ଣାଟକ ଓ ରାଜସ୍ଥାନ ରହିଥିବାବେଳେ ଦୁର୍ଘଟଣାପ୍ରବଣ ମେଗା ସିଟି ତାଲିକାରେ ରାଜଧାନୀ ଦିଲ୍ଲୀ ପ୍ରଥମ ସ୍ଥାନରେ ରହିଛି। ଏହା ପଛକୁ ରହିଛନ୍ତି ଭୋପାଳ ଓ ଜୟପୁର। ଏଭଳି ପରିସଂଖ୍ୟାନ ଯେତିକି ଚିନ୍ତାର ବିଷୟ ନୁହେଁ, ତା'ଠାରୁ ଅଧିକ ଉଦ୍‌ବେଗର କାରଣ ହେଉଛି ଭାରତ ଦିନକୁ ଦିନ ଏକ ଦୁର୍ଘଟଣାପ୍ରବଣ ଦେଶରେ ପରିଣତ ହେବାକୁ ଯାଉଛି। ଆଗରୁ ଏହି ସ୍ଥିତି ସାଂଘାତିକ ଅବସ୍ଥା ସୃଷ୍ଟି କରିବ ଯାହାକୁ ନିୟନ୍ତ୍ରଣ କରିବା ସରକାରଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିବ। ସଡ଼କ ଦୁର୍ଘଟଣା ପରବର୍ତ୍ତୀ ମୁମୂର୍ଷୁଙ୍କ ପାଇଁ ପ୍ରତି ମିନିଟର ଅତୀବ ଗୁରୁତ୍ୱପୂର୍ଣ୍ଣ ମୂଲ୍ୟ ରହିଛି, କିନ୍ତୁ ସରକାରୀ ହେଉ ବା ବେସରକାରୀ ଦୁର୍ଘଟଣାଗ୍ରସ୍ତଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଟ୍ରଉମା କେୟାର ସେଣ୍ଟର ବା ଆବଶ୍ୟକୀୟ ଚିକିତ୍ସା ସେବା ବ୍ୟବସ୍ଥା ନାହିଁ। ବିଦେଶରେ ପ୍ରତି ଦ୍ରୁତଗାମୀ ସଡ଼କର ୩୦-୪୦ କିଲୋମିଟର ଅବଧି ଭିତରେ ସରକାରୀ ଟ୍ରଉମା ସେଣ୍ଟର ରହିଛି। ଭାରତରେ ଯେଉଁ କେତେକ ସ୍ଥାନରେ ଏହା ବି ରହିଛି କେଉଁଠି ବିଶେଷଜ୍ଞ ନାହାଁନ୍ତି ତ କେଉଁଠି ଆବଶ୍ୟକୀୟ ଭିତ୍ତିଭୂମି ନାହିଁ। ଚିକିତ୍ସା ବିଜ୍ଞାନ ସେବା ଭିତରେ ଆମେ ଭଲ ଭାବେ ଜାଣିଛୁ ଅଧାରୁ ଉର୍ଦ୍ଧ୍ୱ ମୁମୂର୍ଷୁ ଚିକିତ୍ସା ବିଳମ୍ବ ପାଇଁ ମୃତ୍ୟୁକୁ ସାମ୍ନା କରିଥାନ୍ତି କିମ୍ବା ଜୀବନ ତମାମ ବିକଳାଙ୍ଗତାକୁ ସାମ୍ନା କରିଥାନ୍ତି। ଏ ଦିଗକୁ ଜରୁରୀ ଭାବେ ଦୃଷ୍ଟି ଦେବା କଥା। ଏବେ ବାସ୍ତବ ପୃଷ୍ଠଭୂମିକୁ ଆସିବା। ବିଶ୍ୱର ଅନ୍ୟସବୁ ଦେଶରେ ତ ପ୍ରାଚୁର୍ଯ୍ୟ ବଢୁଛି। ସେଥିସହ ସେ ଦେଶରେ ଯାନବାହାନ ଚଳାଚଳ ନିଶ୍ଚିତ ରୂପେ ବଢୁଥିବ। ସେସବୁ ଦେଶରେ ତା'ହେଲେ ଏହି ମାତ୍ରାରେ ଦୁର୍ଘଟଣା ବଢ଼ିବା କଥା। ହେଲେ ବାସ୍ତବ ଚିତ୍ର ତାହା ନୁହେଁ। କିନ୍ତୁ ଭାରତ ଏବେ ବିଶ୍ୱର ଅନ୍ୟତମ ଦୁର୍ଘଟଣାପ୍ରବଣ ରାଷ୍ଟ୍ରରେ ପରିଣତ ହୋଇଛି ଓ ଖୁବ୍ ଶୀଘ୍ର ଏହା ହୁଏତ ଏକନମ୍ବର ସ୍ଥାନ ଅଧିକାର କରିପାରେ। ପୂର୍ବବର୍ଣ୍ଣିତ ତଥ୍ୟରୁ ଜଣାପଡ଼ିଛି, ବିପଜ୍ଜନକ ବେଗରେ ଓ ଦାୟିତ୍ୱହୀନ ଭାବେ ଯାନବାହନ ଚାଳନା ଭାରତରେ ସଡ଼କ ଦୁର୍ଘଟଣାର ମୁଖ୍ୟ କାରଣ। ଯଦି ଏହା ସତ୍ୟ ହୋଇଥାଏ, ତା'ହେଲେ ଆମକୁ ଏକଥା ସ୍ୱୀକାର କରିବାକୁ ପଡ଼ିବ ଯେ ଅଧିକାଂଶ ଦୁର୍ଘଟଣା ମାନବକୃତ। କାରଣ ନିଜର ଯାନଟିକୁ କେଉଁ ପ୍ରକାରେ ସର୍ବସାଧାରଣ ରାସ୍ତାରେ ଚଳାଇବାକୁ ପଡ଼ିବ ଓ ତାହାକୁ କିପରି ଭାବେ ନିୟନ୍ତ୍ରଣ ରଖାଯିବ ସେକଥା ହୁଏତ ପରାମର୍ଶ ଦିଆଯାଇପାରେ, କିନ୍ତୁ ତାକୁ ମାନି ଗାଡ଼ିଚାଳନା କରିବା ଦାୟିତ୍ୱ ଆମ ସମସ୍ତଙ୍କର। ବେଳେବେଳେ ଏପରି ଘଟେ ଯେ ଏହା ଏକ ସାମୁହିକ ଦାୟିତ୍ୱ ବୋଲି ଭାବି ଆମେ ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇ ଦେଇଥାଉ। ଏହା ଏକ ବିପଜ୍ଜନକ ଓ ରୁଗ୍ଣ ମାନସିକତା। ଏ ବିକୃତି ଆମକୁ ଧୀରେ ଧୀରେ ଗୋଟାପଣେ ଗ୍ରାସ କରିବାକୁ ବସିଲାଣି। ୧୯୮୦ ଦଶକରେ ଦେଶରେ ଯାନବାହନ ସଂଖ୍ୟା ଯେତିକି ଥିଲା ଏବେ ତାହା ଶହେଗୁଣ ବଢ଼ି ସାରିଲାଣି। ପ୍ରତିଦିନ ଭାରତୀୟ ସଡ଼କକୁ ପ୍ରାୟ ୧୦ ହଜାରରୁ ଅଧିକ ନୂଆ ଗାଡ଼ି ଓହ୍ଲାଏ। ସେଥିରୁ ଅର୍ଦ୍ଧାଧିକ ହେଲା ଦୁଇଚକିଆ ଯାନ। ଏକଥା ସଡ଼କ ପରିଚାଳନା ବିଶେଷଜ୍ଞମାନେ ବିଶ୍ୱବ୍ୟାପୀ ସ୍ୱୀକାର କରିଛନ୍ତି ଯେ ଯେଉଁ ସଡ଼କରେ ଅଧିକ ଦୁଇଚକିଆ ଯାନ ଚାଲେ, ସେଠାରେ ଦୁର୍ଘଟଣା ଅଧିକ ଘଟେ। ଭାରତ ଏହାର ଏକ ଜ୍ୱଳନ୍ତ ଉଦାହରଣ। ଏକଥା ସ୍ୱୀକାର୍ଯ୍ୟ ଯେ ଦେଶର ସଡ଼କଗୁଡ଼ିକର ଅବସ୍ଥା ଗୁଣାତ୍ମକ ମାନ ଢ଼େର ବୃଦ୍ଧି ପାଇଛି। କିନ୍ତୁ ଏହାର ମଧ୍ୟ ଏକ ବିପରୀତମୁଖୀ ପ୍ରଭାବ ରହିଛି। ତାହା ହେଲା ସଡ଼କ ଭଲ ହେଲେ ଯାନବାହନର ବେଗ ମାତ୍ରାଧିକ ଭାବେ ବଢ଼ିଯାଉଛି। ଏହି ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ଦେଶରେ ଘଟୁଥିବା ଦୁଇଚକିଆ ଯାନ ଦୁର୍ଘଟଣାର ସିଂହଭାଗ ହେଲେ ଯୁବଚାଳକ। ମାତ୍ରାଧିକ ବେଗରେ ଗାଡ଼ି ଚାଳନା, ଟ୍ରାଫିକ ନିୟମ ସଂପର୍କରେ ସୀମିତ ଜ୍ଞାନ ଅଥବା ଏହାକୁ ଆଦୌ ନମାନିବା ଦ୍ୱାରା ଏପରି କାଣ୍ଡ ଘଟୁଛି। ସଡ଼କ ଦୁର୍ଘଟଣା ଆମ ଦେଶରେ ପ୍ରତିବର୍ଷ ପ୍ରାୟ ଅଢ଼େଇ ଲକ୍ଷ ଲୋକଙ୍କୁ ସାରା ଜୀବନ ପାଇଁ ବିକଳାଙ୍ଗ କରିଦେଉଛି। ତାହା ପୁଣି ମାସ ମାସର ମହାର୍ଘ ଚିକିତ୍ସା ପରେ। କାରଣ ଦୁର୍ଘଟଣାର ଶିକାର ହେଉଥିବା ଅଧିକାଂଶ ଗାଡ଼ି ଚାଳକଙ୍କ ମସ୍ତିଷ୍କରେ ଜୋର ଆଘାତ ଲାଗିଥାଏ। ସେଥିପାଇଁ ସେମାନଙ୍କ ଠାରେ ଅସ୍ତ୍ରୋପଚାର କିମ୍ବା ଦୀର୍ଘଦିନର ଚିକିତ୍ସା କରିବାକୁ ପଡ଼ିଥାଏ। ଏଭଳି ଗୁରୁତର ଆହତଙ୍କ ଚିକିତ୍ସା ସବୁ ସ୍ଥାନରେ ଓ ସମସ୍ତଙ୍କ ପାଇଁ ଏଯାବତ୍ ଉପଲବ୍ଧ ହୋଇପାରିନାହିଁ। ତା'ଛଡ଼ା ଆଜିକାଲି ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପ୍ରାୟ ସମାନ ମାତ୍ରାରେ ଗୁରୁତର ଦୁର୍ଘଟଣା ଘଟୁଥିବା ଅଧ୍ୟୟନରୁ ଜଣାପଡ଼ିଛି। ତା' ଅର୍ଥ ଅନିୟନ୍ତ୍ରିତ ଓ କ୍ଷିପ୍ର ଡ୍ରାଇଭିଂ ହିଁ ଏହାର ଏକମାତ୍ର କାରଣ। ବିଶେଷକରି ଦୁଇଚକିଆ ଯାନ ଓ ଟ୍ରକ ସର୍ବାଧିକ ଦୁର୍ଘଟଣାପ୍ରବଣ ଯାନ ବୋଲି ଜଣାପଡ଼ିଛି। ସମାଜଶାସ୍ତ୍ରୀମାନଙ୍କ ଚିନ୍ତା ଯେ, ଯେହେତୁ ଦୁର୍ଘଟଣାରେ ଅଧିକାଂଶ ଯୁବବର୍ଗର ଲୋକ ଶରବ୍ୟ ହୋଇପଡୁଛନ୍ତି, ସେମାନେ ଚିକିତ୍ସା ପରେ ସୁଦ୍ଧା ସଂପୂର୍ଣ୍ଣ ଉପାର୍ଜନକ୍ଷମ ହୋଇନପାରି ପରିବାର ଓ ଆତ୍ମୀୟଙ୍କ ଉପରେ ନିର୍ଭରଶୀଳ ହେବାକୁ ବାଧ୍ୟ ହେଉଛନ୍ତି। ଆଞ୍ଚଳିକ ପରିବହନ ଅଧିକାରୀ ମାନଙ୍କର ଆମ ଦେଶରେ ଦାୟିତ୍ୱ ରହିବା ଦରକାର ଯେ ନୂତନ ଭାବରେ ପଞ୍ଜୀକୃତ ହେଉଥିବା ଦୁଇ ଚକିଆ ଅଥବା ଚାରି ଚକିଆ ଯାନ ଚାଳକ ମାନଙ୍କର ସଠିକ ଭାବରେ ଶାରୀରିକ ଓ ମାନସିକ ପରୀକ୍ଷା ହେବା ସହ ଉପଯୁକ୍ତ ତାଲିମ ଦେଇ ସେମାନଙ୍କୁ ଲାଇସେନ୍ସ ପ୍ରଦାନ କରିବା। ଏହା ନହେଲେ ବହୁତ ଅଘଟଣମାନ ନିତିଦିନିଆ ରାସ୍ତା ଦୁର୍ଘଟଣାରେ ଆମେ ଦେଖିବାକୁ ପାଉଛୁ। ତାର ଏକ ଜ୍ୱଳନ୍ତ ଉଦାହରଣ ହେଲା ଆଜିକାଲି ରାସ୍ତା ପ୍ରସସ୍ତ ହୋଇ ଛଅଥାକିଆ ଓ ଆଠ ଥାକିଆ ରାସ୍ତା ହେଲାପରେ ବି ଗାଡ଼ି ଚାଳକ ମାନଙ୍କର କେଉଁ ଲେନ୍‌ରେ କେଉଁ ଗାଡ଼ି ଯିବାକଥା ତାହା ଧାରଣା ନାହିଁ। ଯାହାଦ୍ୱାରା ଦୁଇଚକିଆ ଗାଡ଼ି ଚାଳକମାନେ ବହୁତ ସମୟରେ ବିନା ହେଲମେଟରେ, ବିନା ସ୍ତୁ ପିନ୍ଧି, ତିନିଜଣିଆ ମୋଟର ସାଇକେଲରେ ବସି ସ୍ପିଡ ଗାଡ଼ି ବା କାର ପାଇଁ ଉଦ୍ଦିଷ୍ଟ ଥିବା ଟ୍ରାକ୍‌ରେ ଯାଉଛନ୍ତି। ଯାହାଫଳରେ ସାଧାରଣତଃ ସେହିମାନେ ହିଁ ସଡ଼କ ଦୁର୍ଘଟଣାର ଶିକାର ହେଉଛନ୍ତି। ହେଲମେଟ ନଥିବାରୁ ବହୁତ ସମୟରେ ଜୀବନ ହାନି ଘଟିବାର ନଜିର ରହିଛି।

ନାରାୟଣ ଚନ୍ଦ୍ର ବିଶ୍ୱାଳ, କଟିକଟା, ମଙ୍ଗଳପୁର, ଯାଜପୁର

ଜାନୁୟାରୀ ୮ରେ ‘ଅଶୀରେ ବସନ୍ତ ଉତ୍ସବ'

ଭୁବନେଶ୍ୱର (ପିଏନ୍): ଓଡ଼ିଶାର ବରିଷ୍ଠ ସାମ୍ବାଦିକ, ଜନପ୍ରିୟ ସ୍ତମ୍ଭକାର ଏବଂ ‘ଓଡ଼ିଶା ସାହିତ୍ୟ ଏକାଡ଼େମୀ' ପୁରସ୍କାରପ୍ରାପ୍ତ ସାହିତ୍ୟିକ ବସନ୍ତ ଦାସଙ୍କ ଅଶୀବର୍ଷ ପୂର୍ତ୍ତି ଉପଲକ୍ଷେ ‘ଅଶୀରେ ବସନ୍ତ ଉତ୍ସବ'ର ଆୟୋଜନ କରାଯାଇଛି। ଆସନ୍ତା ଜାନୁୟାରୀ ୮ ତାରିଖ ବୁଧବାର ପୂର୍ବାହ୍ନ ୧୧ଟା ସମୟରେ ସ୍ଥାନୀୟ ଇଡ଼କଲ ଅଡ଼ିଟୋରିୟମରେ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବକୁ ଉଦ୍‌ଘାଟନ କରିବା ପାଇଁ ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ନିବେଦନ କରାଯାଇଛି। କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ୍ ଓ ଇସ୍ପାତ ବିଭାଗ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଥିରେ ମୁଖ୍ୟ ଅତିଥି, ଓଡ଼ିଶା ସୂଚନା ଓ ଲୋକସମ୍ପର୍କ ଏବଂ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଓ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ଅବସରରେ ‘ଅଶୀରେ ବସନ୍ତ' ଶୀର୍ଷକ ଏକ ପୁସ୍ତକ ଲୋକାର୍ପିତ ହେବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଉତ୍ସବ କମିଟିର ଆବାହକ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର କହିଛନ୍ତି। ୧୯୬୫ ମସିହାରେ ସାମ୍ବାଦିକତା ଜୀବନ ଆରମ୍ଭ କରିଥିବା ଶ୍ରୀ ଦାସ ଓଡ଼ିଆ, ବଙ୍ଗଳା ଓ ଇଂରାଜୀ ସମ୍ବାଦପତ୍ରର ପ୍ରତିନିଧିତ୍ୱ କରି ୧୯୯୬ ମସିହାରେ ‘ଅମୃତ ବଜାର ପତ୍ରିକା' ଗ୍ରୁପର ଓଡ଼ିଶା ବ୍ୟୁରୋ ଭାବରେ ଅବସର ଗ୍ରହଣ କରିଥିଲେ। ଏହି ସମୟ ମଧ୍ୟରେ ଓଡ଼ିଆ ଓ ଇଂରାଜୀ ଭାଷାରେ ସେ ରଚନା କରିଥିବା ଷୋଳଖଣ୍ଡ ପୁସ୍ତକ ମଧ୍ୟରେ ‘ଓଡ଼ିଶା ରାଜନୀତିର ଗୋପନ କଥା' ଏବଂ ‘ଫୁଟ ପ୍ରିଣ୍ଟସ ଅଫ ଇଭେଣ୍ଟଫୁଲ୍ ଡେଜ୍: ୧୮୦୩-୨୦୦୩'କୁ ଓଡ଼ିଶା ରାଜନୀତିର ଚଳନ୍ତି ଇତିହାସ ଭାବରେ ବିର୍ଚ୍ଚର କରଯାଏ। ଶ୍ରୀ ଦାସ ବିଶ୍ୱର କୋଡ଼ିଏଟି ରାଷ୍ଟ୍ର ଭ୍ରମଣ କରି ସେହି ଅନୁଭୂତି ଆଧାରରେ ଲେଖିଥିବା ଭ୍ରମଣ କାହାଣୀ ପୁସ୍ତକ ‘ଯେ ଦେଶ ଯାଇ ସେ ଫଳ ଖାଇ' ଓଡ଼ିଶା ସାହିତ୍ୟ ଏକାଦେମୀ ପୁରସ୍କାର ଲାଭ କରିଛି। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ‘ମିଡ଼ିଆ ଏକାଡ଼େମୀ' ପକ୍ଷରୁ ସାମ୍ବାଦିକ ବୃତ୍ତିରେ ନବାଗତମାନଙ୍କୁ ବିଭିନ୍ନ ତଥ୍ୟ ଓ ତାମିଲ୍ ଯୋଗାଇବା ସହିତ ପ୍ରତିବର୍ଷ ରାଜ୍ୟର ଜଣେ ଲବ୍ଧପ୍ରତିଷ୍ଠ ସାମ୍ବାଦିକଙ୍କୁ ମିଡ଼ିଆ ଏକାଡ଼େମୀ ସମ୍ମାନ ପ୍ରଦାନ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

ଓଡ଼ିଆ ଭାଷା ପ୍ରତି ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଶେଷୋକ୍ତି

ଯେଉଁ ଆଲୋକଟି ୩ ଜାନୁୟାରୀ ୧୯୨୭ରେ ବତୀ ଧରିଥିଲା ତତ୍‌କାଳୀନ ପୁରୀ ଜିଲ୍ଲାର ୫ ନମ୍ବର ରାଜପଥ କଡ଼ରେ ମଲାଗୁଣୀ ନଦୀ କୁଳର ସବୁଜ ପାହାଡ଼ ତଳ ବନାନୀରେ, ସେଇ ବତୀଟି ହଠାତ୍ ଲିଭିଥିଲା ଓଡ଼ିଶାଠୁ ସୁଦୂରରେ ତିରୁପତି ସହରରେ। ଏହି ବ୍ୟକ୍ତିଙ୍କୁ ରାଷ୍ଟ୍ରମୁଖ୍ୟ, ରାଜ୍ୟମୁଖ୍ୟ ଏବଂ ମହାମାନ୍ୟମାନଙ୍କଠାରୁ ସାଧାରଣ ଜନତା ଯିଏଁ ଯେଉଁ ପ୍ରକାର ଅଶ୍ରୁଳ ଭାଷାରେ ତାଙ୍କ ହୃଦୟ ପ୍ରକାଶ କଲେ, ତାକୁ କୌଣସି କାଗଜକଲମରେ ସ୍ଥାନିତ କରିହେବ ନାହିଁ। ଏହା ଖାଲି ଅସରନ୍ତି ଇତିହାସ।

ସାର୍ଥକ ନାଁଟିଏ ବାପାମା' ବାଛିବାଛି ନେଇଥିଲେ: ଜାନକୀ, ଜାନକୀବଲ୍ଲଭ ଏବଂ ସର୍ବ କ୍ରମେ ଜାନକୀବଲ୍ଲଭ ପଟ୍ଟନାୟକ। ରାଜନୀତିର ସର୍ବୋଚ୍ଚ ଆସନରେ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଆରମ୍ଭ କରି ତିନିତିନିଥର ଥିଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ଶେଷରେ ଆସାମର ରାଜ୍ୟପାଳଭାବେ ଅବସର ନେଇଥିଲେ।

ଛାତ୍ରାବସ୍ଥାରୁ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟରୁ ତାଙ୍କର ନେତୃତ୍ୱ ଜାହିର ହୁଏ। ଡ. ହରେକୃଷ୍ଣ ମହତାବଙ୍କର ପରବର୍ତ୍ତୀ ସମୟରେ ସେ ପାଲଟି ଯାଆନ୍ତି ପଟ୍ଟଶିଷ୍ୟ। ପାଲଟିଯାଆନ୍ତି ସାଂବାଦିକ, ତହିଁପରେ ପ୍ରଜାତନ୍ତ୍ରର ଦୀର୍ଘକାଳୀନ ସଂପାଦକ। ସମ୍ଭ୍ରାନ୍ତ ପତ୍ରିକା ପୌରୁଷର ସେ ପ୍ରତିଷ୍ଠାତା-ସମ୍ପାଦକ।

ବହୁମୁଖୀ ପ୍ରତିଭାର ଅଧିକାରୀ ସେ। ସ୍ଥିତିପ୍ରଜ୍ଞା, ଅବିଚଳିତ ଏବଂ କର୍ମମୁଖର ଜୀବନ ତାଙ୍କର ରାଜନୀତିର ପଶାପାଲିରେ ସେ ଜଣେ ପୋଖତ ଖେଳଓ୍ୱାର୍ଡ଼, କୁଟନୀତିରେ କୁଟୀଳତା କାରଣରୁ ସେ ଯଥାର୍ଥରେ କୌଟିଲ୍ୟ ବା ଚାଣକ୍ୟ ଭାବରେ ବିଦିତ।

ରାଜନୀତିରେ ସଂପୃକ୍ତି ଥିଲେ ବି ସାହିତ୍ୟ ଥିଲା ତାଙ୍କ ଜୀବନ। ଅଗାଧ ପାଣ୍ଡିତ୍ୟ; ଓଡ଼ିଆ ଓ ସଂସ୍କୃତ ସହ ସେ ଅନେକ ଭାଷାର ଅଧିକାରୀ ଥିଲେ। ଅନୁବାଦ କଳାରେ ସେ ଥିଲେ ଦକ୍ଷ। ସର୍ବୋପରି ସେ ଥିଲେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପୂଜକ/ରକ୍ଷକ। ତାଙ୍କରି ଲେଖନୀରେ ଓଡ଼ିଆ ସହିତ୍ୟ ହୋଇଛି ସମୃଦ୍ଧ। ଏହି ଭାଷାର ଉନ୍ନତିକଳ୍ପେ ଯତ୍‌ପରୋନାସ୍ତି ସେ କରିଛନ୍ତି ଆପ୍ରାଣ ଚେଷ୍ଟା। ଓଡ଼ିଆମାନେ ଓ ସେମାନଙ୍କର ମାତୃଭାଷା ବିଶ୍ୱସ୍ତରରେ ପ୍ରତିଷ୍ଠିତ ଥୁହନ୍ତୁ, ତାହାହିଁ ଥିଲା ତାଙ୍କ ଆନ୍ତରିକ କାମନା। ସେଥିପାଇଁ ଅନେକ ସମୟରେ ଆମ ପାଇଁ ଛାଡ଼ି ଯାଇଛନ୍ତି ଅନେକ ବାର୍ତ୍ତା, ଉଦ୍‌ବୋଧନ ଏବଂ ଲିପିବଦ୍ଧ ଦଲିଲ୍।

ଗତ ୧୮ ମାର୍ଚ୍ଚ ୨୦୧୫ରେ ଆମ ଅନୁଷ୍ଠାନର ପତ୍ରିକା ପାଇଁ ବାର୍ତ୍ତାଟିଏ ଅନୁରୋଧ କରିଥିଲୁ। ସେ ତାଙ୍କ ବ୍ୟକ୍ତିଗତ ସହଯୋଗୀକୁ ବାର୍ତ୍ତାଟିଏ ପ୍ରସ୍ତୁତ କରିବାକୁ କହିଲେ। ସେ ପ୍ରସ୍ତୁତ କରି ଯେତେବେଳେ ତାଙ୍କ ଦସ୍ତଖତ ପାଇଁ ଦେଲେ, ସେ ସେଇଟିକୁ କାଟିଦେଲେ ଏବଂ ନିଜେ ଏପରି ଲେଖିଦେଲେ:

ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ: ବିପିନବିହାରୀ ପାଠାଗାର, ଜଟଣୀ ବାର୍ଷିକ ଉତ୍ସବ ପାଳନ କରିବା ସହ ଏକ ସ୍ମରଣିକା, ‘ଉତ୍ତ୍ରଜା' ପ୍ରକାଶ ପାଉଥିବା ଜାଣି ଆନନ୍ଦିତ ହେଲି। ଓଡ଼ିଆ ଭାଷାକୁ ପରିପୁଷ୍ଟ କରିବାରେ ସମସ୍ତ ଆଞ୍ଚଳିକ ଭାଷାଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଓଡ଼ିଆଭାଷାରେ ରହିଥିବା ମୂଲ୍ୟବାନ ଓ ଜନପ୍ରିୟ ଗ୍ରନ୍ଥ ସବୁକୁ ଭାରତୀୟ ଭାଷାରେ ଅନୁବାଦ କରାଯିବା ଉଚିତ୍। ଅଧିକ ଓଡ଼ିଆମାନେ ରହୁଥିବା ଅନ୍ୟସବୁ ରାଜ୍ୟରେ ଓଡ଼ିଆ ଭାଷାସାହିତ୍ୟ ମହୋତ୍ସବ ଆୟୋଜନ କରାଗଲେ ଭଲ ହେବ ଓ ଓଡ଼ିଆ ଭାଷା ସଂପର୍କରେ ସଚେତନତା ବୃଦ୍ଧି ପାଇବ।

ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ଓ ସ୍ମରଣିକାର ସକଳ ସଫଳତା କାମନା କରିବା ସହ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରୁଛି।

ସ୍ୱା: ଜାନକୀ ବଲ୍ଲଭ ପଟ୍ଟନାୟକ

ଆମେ ଜାଣିବାରେ ଓଡ଼ିଆ ଜାତି ଓ ଓଡ଼ିଶା ଭାଷା ସାହିତ୍ୟପ୍ରତି ଏହାଥିଲା ତାଙ୍କ ଶେଷବାର୍ତ୍ତା। ତାଙ୍କ କହିବାରେ ଓଡ଼ିଆ ଭାଷା କହିଲେ ଆଞ୍ଚଳିକ ଭେଦରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ତଥା ଓଡ଼ିଶା ବାହାରେ କୁହାଯାଉଥିବା ଓଡ଼ିଆ ଭିତିକ ସମସ୍ତ ଭାଷା, କେବଳ ପ୍ରାମାଣିକ ଓଡ଼ିଆ ଭାଷା ନୁହେଁ, ସମସ୍ତ ଓଡ଼ିଶାର ଭାଷା। ସବୁଭାଷା ବଂଚୁ ଏବଂ ଏମାନଙ୍କ ଭିତରେ ଥିବା ମୂଲ୍ୟବାନ ଗ୍ରନ୍ଥଗୁଡ଼ିକ ଅନ୍ୟଭାଷାକୁ ଭାଷାନ୍ତର ହେଉ। ଅନ୍ୟମାନେ ଓଡ଼ିଶାକୁ ଏବଂ ଓଡ଼ିଆକୁ ବୁଝନ୍ତୁ। ଏହାହିଁ ତାଙ୍କର ଯଥାର୍ଥ ଦୂରଦୃଷ୍ଟିର ଭାଷା ପ୍ରୀତି।

ଏମିତି ମହାନ୍ ପ୍ରତିଭାଙ୍କୁ ଏ ଜାତି କେବେ ବି ଭୁଲିପାରିବ ନାହିଁ। ଏହା ହିଁ ସତ୍ୟ।

ବିପିନବିହାରୀ ମହାନ୍ତି,
ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶ ନଗର, ଜଟଣୀ, ଖୋର୍ଦ୍ଧା,
ମୋ., ୯୯୩୮୩୪୪୧୩୮

ଅଶ୍ଳୀଳତାକୁ କଳିଙ୍ଗ ସେନାର ବିରୋଧ

ଭୁବନେଶ୍ୱର (ପିଏନ୍): ପାଶ୍ଚାତ୍ୟ ଶୈଳୀରେ ନୂଆବର୍ଷ ପାଳନକୁ କଳିଙ୍ଗ ସେନାର ବିରୋଧ ନ୍ୟୁ ଇୟର ସେଲିବ୍ରେସନ ପାଇଁ ରାଜଧାନୀର ବିଭିନ୍ନ ହୋଟେଲ ଓ ରେସ୍ତୋରେଁ କରିଥିବା ପ୍ରସ୍ତୁତିରୁ ଅପସଂସ୍କୃତି ଓ ଅଶ୍ଳୀଳତାକୁ ବାଦ୍ ଦେବାକୁ ଆହ୍ୱାନ ଦେଇଛି ଦଳ। ନିଜ ସଂସ୍କୃତି ଓ ପରମ୍ପରାକୁ ବଳି ଦେଇ ଯୁବ ପିଢ଼ି ଏସବୁ ମାୟାରେ ନପଡ଼ିବାକୁ କଳିଙ୍ଗ ସେନା ନିବେଦନ କରିଛି। ରାଜଧାନୀ ଭୁବନେଶ୍ୱରର କିଛି ହୋଟେଲ ଏବଂ ରେସ୍ତୋରେଁ ନୂଆବର୍ଷରେ ଅଶ୍ଳୀଳ ନୃତ୍ୟ ପରିବେଷଣ କରିବାକୁ ଯାଉଥିବା ସୂଚନା ପାଇବା ପରେ କଳିଙ୍ଗ ସେନା ଏହାର ତୀବ୍ର ବିରୋଧ କରିଛି। ସେନାର ଶତାଧିକ ନେତା ଓ କର୍ମୀ, ମାଷ୍ଟର କ୍ୟାଣ୍ଟିନ ଛକରୁ ବିଶାଳ ରାଲିରେ ଆସି ଖାରବେଳ ନଗର ସ୍ଥିତ ଏବଂ ସତ୍ୟନଗରର ସ୍ଥିତ ସନ ଗ୍ରୀନ ହୋଟେଲ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଶ୍ଳୀଳ ନୃତ୍ୟ ଏବଂ ଅପସଂସ୍କୃତିକୁ ବାଦ ଦେଇ ନୂଆବର୍ଷ ପାଳନ କରିବାକୁ ଉଭୟ ହୋଟେଲ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ଯେଉଁଥିରେ ହୋଟେଲ କର୍ତ୍ତୃପକ୍ଷ ମଧ୍ୟ ସମ୍ମତ ହୋଇଛନ୍ତି। ଏହି ବିକ୍ଷୋଭ ରାଲିରେ କଳିଙ୍ଗ ସେନାର ସାଧାରଣ ସମ୍ପାଦକ ବିଜୟ ରାଜ୍, ସ୍ୱାତୀଶ ରଞ୍ଜନ ସାହୁ, ସମ୍ପାଦକ ଅବଦ୍ଦୁଲ କୟିମ ଖାନ୍, ସୁଧାକର ବେହେରା ଏବଂ ମହିଳା ନେତ୍ରୀ ଦୀପ୍ତିମୟୀ ମହାପାତ୍ର ଓ ଜାନକୀ ରାଉତ ପ୍ରମୁଖ ସାମିଲ ହୋଇଥିଲେ। ଡିସେମ୍ବର ୩୧ ଓ ଜାନୁଆରୀ ପହିଲା, ଦୁଇ ଦିନ ଧରି ଦଳର ନେତା ଓ କର୍ମୀମାନେ ଭୁବନେଶ୍ୱରର ବିଭିନ୍ନ ହୋଟେଲ୍, ରେସ୍ତୋରେଁ, ମଲ ଏବଂ ପାର୍କ ଉପରେ ନଜର ରଖିଥିଲେ। ଯେଉଁଠାରେ ଅଶ୍ଳୀଳତାର ସୁରାକ ମିଳିବ, ତୁରନ୍ତ ପୋଲିସକୁ ଅବଗତ କରାଇ ତାହା ରୋକିବାକୁ ଚେଷ୍ଟା କରିବେ ବୋଲି କଳିଙ୍ଗ ସେନା ପକ୍ଷରୁ କୁହାଯାଇଥିଲା। ନୂଆବର୍ଷରେ ଅପସଂସ୍କୃତି ଓ ଅଶ୍ଳୀଳ ନୃତ୍ୟକୁ ବିରୋଧ କରି ଦୁଇ ଦିନ ତଳେ କଳିଙ୍ଗ ସେନା ପକ୍ଷରୁ ଭୁବନେଶ୍ୱର ଡିସିପି ଅନୁପ ସାହୁଙ୍କୁ ଏକ ଦାବିପତ୍ର ଦିଆ ଯାଇଥିଲା। ଯେଉଁଥିରେ ରାଜଧାନୀରେ ନୂଆବର୍ଷ ପାଳନ ବେଳେ କମିଶନରେଟ ପୋଲିସ ଅଧିକ ଦାୟିତ୍ୱସମ୍ପନ୍ନ ହୋଇ ଆଇନ ଶୃଙ୍ଖଳା ରକ୍ଷା କରିବାକୁ ଅନୁରୋଧ କରିଥିଲା ସେନା। ଏଥିସହିତ ଜନସାଧାରଣ ମଧ୍ୟ ପୋଲିସକୁ ସହଯୋଗ କରିବାକୁ ଦଳର ସଭାପତି ହେମନ୍ତ ରଥ ନିବେଦନ କରିଥିଲେ। ତେବେ ପବ୍ଲିକ ଇଣ୍ଟେରେଷ୍ଟ ଦର୍ଶାଇ କଟକ, ଭୁବନେଶ୍ୱର ଏବଂ ପୁରୀରେ (ଡିସେମ୍ବର ୩୧ ଓ ଜାନୁଆରୀ ପହିଲା) ରାତି ଗୋଟାଏ ଯାଏ ମଦ ବିକ୍ରି ପାଇଁ ହୋଟେଲ୍, ରେସ୍ତୋରେଁ, ଦୋକାନ ଏବଂ ବାରଗୁଡ଼ିକୁ ସରକାର ଦେଇଥିବା ଅନୁମତିକୁ କଳିଙ୍ଗ ସେନା ନିନ୍ଦା କରିଥିଲା। ଦେଶରେ ନୂଆ ମୋଟର ଯାନ ଆଇନ ଲାଗୁ ହୋଇଥିବା ଜାଣି ସରକାର କାହିଁକି ଏଭଳି ଅବିଚାରିତ ନିଷ୍ପତ୍ତି ନେଇଛନ୍ତି ବୋଲି କଳିଙ୍ଗ ସେନା ପ୍ରଶ୍ନ କରିଥିଲା। ଗୋଟିଏ ପଟେ ସରକାର, ଲୋକଙ୍କୁ ମଦ ପିଆଇ ରାଜସ୍ୱ ଆଦାୟ କରିବେ ଏବଂ ଅନ୍ୟପଟେ ପୋଲିସ ଦ୍ୱାରା ସେମାନଙ୍କ ଠାରୁ ଭଲ ରକମ ମୋଟା ଅଙ୍କର ଜରିମାନା ଝାଡ଼ିବେ। ଯାହା ସରକାରଙ୍କ ସୁଚିନ୍ତିତ ଚାଲ। ତେବେ ଯୁବ ଗୋଷ୍ଠୀ, ସରକାରଙ୍କ ଷଡ଼ଯନ୍ତ୍ରର ଶିକାର ନହେବାକୁ କଳିଙ୍ଗ ସେନାର ସଭାପତି ହେମନ୍ତ ରଥ ଅନୁରୋଧ କରିଥିଲେ।

ନୂଆବର୍ଷରେ ଜଙ୍ଗଲ ସୁରକ୍ଷା ପାଇଁ ନୂଆ ସଂକଳ୍ପ

ଭୁବନେଶ୍ୱର (ପିଏନ୍): ବିଦାୟ ନେଇଛି ୨୦୧୯। ଇଂରାଜୀ ନବବର୍ଷକୁ ସ୍ୱାଗତ କରିବାକୁ ରେସ୍ତୋରାଁ, ପଞ୍ଚତାରକା ହୋଟେଲ ଓ କ୍ଲବରେ ଜିରୋ ନାଇଟ୍ ସେଲିବ୍ରେସନ ଚାଲିଥିଲା ବେଳେ ପାର୍କ, ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ଭୋଜିଭାତର ଆସର ଦେଖିବାକୁ ମିଳିଥିଲା। ଭିନ୍ନ ଭିନ୍ନ ଢଙ୍ଗ ଓ ପରମ୍ପରାରେ ଇଂରାଜୀ ନବବର୍ଷକୁ ସ୍ୱାଗତ କରାଯାଇଥିଲା। ଘରେ, ଅଫିସ୍‌ରେ ସବୁଠି ମିଠା ବଣ୍ଟନ ସାଙ୍ଗକୁ ଉପହାର ଫୁଲତୋଡ଼ା ସହ ଗ୍ରୀଟିଙ୍ଗ୍‌ସ କାର୍ଡ଼, ଇମେଲ୍, ମୋବାଇଲ୍, ହ୍ୱାଟସ୍‌ଆପରେ ପରସ୍ପରକୁ ଶୁଭେଚ୍ଛାର ସୁଅ ଦେଖିବାକୁ ମିଳିଥିଲା। ଏସବୁକୁ ବ୍ୟତିକ୍ରମ ଘଟାଇ ସ୍ମାର୍ଟ ସିଟି ଭୁବନେଶ୍ୱରଠାରୁ ଅଳ୍ପ ଦୂରରେ ଥିବା ଛତାବର ପଞ୍ଚାୟତ ଅଧିନସ୍ଥ ଚନ୍ଦକା-ଡ଼ମପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ଥିବା କନ୍ଦଲେଇ ଆଦିବାସୀପଲ୍ଲୀରେ ନୂଆବର୍ଷକୁ ନିଆରା ଢଙ୍ଗରେ ପାଳନ କରାଯାଇଥିଲା। ଯେଉଁଠି ଦିନକୁ ଦୁଇବେଳା ଖାଦ୍ୟ ଯୋଗାଡ଼ କରିବା କଷ୍ଟକର ହୋଇଥାଏ। ସେମାନଙ୍କ ପାଇଁ ନୂଆବର୍ଷର ମାନେ କ'ଣ ? ସେମାନଙ୍କ ପାଖରେ କ'ଣ ମହତ୍ୱ ରଖେ ଜିରୋ ନାଇଟ୍, ବଲିଉଡ୍ ସୋ। ନୂଆଦିଲ୍ଲୀର ସାମାଜିକ ଅନୁଷ୍ଠାନ ‘ଆଶ୍ରା' ପକ୍ଷରୁ ପଲ୍ଲୀର ପିଲାମାନଙ୍କୁ ବେଲୁନ୍, ବିସ୍କୁଟ, ଚକୋଲେଟ ବଣ୍ଟନ ସହ ପାରମ୍ପରିକ ନାଚଗୀତ ସହ ବେଲୁନ୍ ଫୁଟାଇ ନୂଆବର୍ଷକୁ ପାଳନ କରିଥିଲେ। ନୂଆବର୍ଷରେ ଜଙ୍ଗଲ ସୁରକ୍ଷା ପାଇଁ ନୂଆ କାର୍ଯ୍ୟକ୍ରମ କରିବା ପାଇଁ ବିଦ୍ୟାର୍ଥୀମାନେ ସଂକଳ୍ପ ନେଇଥିଲେ। ସମାଜର ମୁଖ୍ୟ ସ୍ରୋତରେ ଏମାନଙ୍କୁ ସାମିଲ୍ କରିବା ଆମର ମୂଳ ଲକ୍ଷ୍ୟ ଓ ସଂକଳ୍ପ ବୋଲି ଏହି ଅବସରରେ ସାମାଜିକ କର୍ମୀ ସୁଶାନ୍ତ ସାହୁ କହିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ କନ୍ଦଲେଇର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପବିତ୍ର ମୋହନ ନାୟକ, ବାଲୁକା ଶିଳ୍ପୀ ସୁବଳ ମହାରଣା, ସାମାଜିକ କର୍ମୀ ପ୍ରଦୀପ୍ତ ରଞ୍ଜନ ରାଉତ, ତ୍ରିଲୋଚନ ବେଉରା, ପ୍ରିୟବ୍ରତ ପଣ୍ଡା ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀଙ୍କ ସ୍ୱନକ୍ଷତ୍ରରେ ସାମୂହିକ ଦୀପଦାନ

ଭୁବନେଶ୍ୱର (ପିଏନ୍)- ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ଦିବ୍ୟ ଜୀବନ ସଂଘର ରାଷ୍ଟ୍ରୀୟ ଉପସଭାପତି ତଥା ପୂର୍ବାଶ୍ରମରେ ଓଡିଶାର ବରିଷ୍ଠ ପ୍ରଶାସକ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀଙ୍କ ୭୮ତମ ସ୍ୱନକ୍ଷତ୍ର ଉତ୍ସବ ଉପଲକ୍ଷେ ‘ପୂଜ୍ୟ ପ୍ରଣାମ' ଟ୍ରଷ୍ଟ ପକ୍ଷରୁ ସ୍ୱାମୀଜୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରି ଏକ ସାମୂହିକ ଦୀପଦାନ କାର୍ଯ୍ୟକ୍ରମ ବୁଦ୍ଧ ମନ୍ଦିର, ଭୁବନେଶ୍ୱରଠାରେ ଅନୁଷ୍ଠାନର ଅଧ୍ୟକ୍ଷ ଡକ୍ଟର ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡକ୍ଟର ବିମଳେନ୍ଦୁ ମହାନ୍ତି କହିଲେ ଯେ ସମାଜରେ ପୂଜ୍ୟପୂଜାର ଏକ ବାତାବରଣ ସୃଷ୍ଟି ହେଲେ ଆମ ଉତରଦାୟାଦଙ୍କ ଭିତରେ ଏକ ନୂତନ ଉଦ୍ଦୀପନା ସୃଷ୍ଟି ହେବ। ଅନ୍ୟତମ ଅତିଥି ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ କହିଲେ ଯେ ସ୍ୱାମୀ ନିର୍ଲିପ୍ତାନନ୍ଦ ମହାରାଜ ଛାତ୍ର ଜୀବନରୁ ଆଧ୍ୟାତ୍ମିକତାକୁ ଆପଣେଇ ନେଇଥିଲେ। ସାଧୁତାର ସମସ୍ତ ଲକ୍ଷଣ ସ୍ୱାମୀଜୀଙ୍କ ଠାରେ ବିଦ୍ୟମାନ। ସମାଜର ମଙ୍ଗଳ ପାଇଁ ଆଦିଶଙ୍କର ଯେଉଁ ଦଶନାମୀ ସଂପ୍ରଦାୟର ବ୍ୟବସ୍ଥା କରିଥିଲେ ତାହା ଆଜିର ସମାଜରେ ମଧ୍ୟ ଆବଶ୍ୟକତା ରହିଛି। ଜ୍ୟୋର୍ତିବିଦ୍ ଡକ୍ଟର ମନୋଜ ଲେଙ୍କା ସ୍ୱାଗତ ଭାଷଣ ଦେଇଥିବା ବେଳେ ସୁଶାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ବସନ୍ତ ଦାସ, ଶିକ୍ଷାବିତ୍ ଡକ୍ଟର ବଦ୍ରିନାଥ ପଟ୍ଟନାୟକ, ଯୋଗଗୁରୁ ନାରାୟଣ ଚନ୍ଦ୍ର ନନ୍ଦ, ଓଡିଶା କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ ଡିନ ଡକ୍ଟର ବୁଦ୍ଧଦେବ ମିଶ୍ର, ମହାବୋଧି ସୋସାଇଟିର ଟ୍ରଷ୍ଟି ଡକ୍ଟର ସୌରେନ୍ଦ୍ର କୁମାର ମହାପାତ୍ର, ସମାଜସେବୀ ନିରଦ ବରଣ ଖୁଂଟିଆ, ଗିରିଧାରୀ ନାୟକ, ରବିନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ସ୍ୱାମୀଜୀଙ୍କ ପ୍ରତି ଶ୍ରଦ୍ଧା ଓ ଶୁଭେଚ୍ଛା ପ୍ରକଟ କରିଥିଲେ।

DISPLAY CLASSIFIED

FOR ADVERTISEMENT
CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ବଡ଼ଚଣାରେ ଆଉଏକ ଅଭିନବ ଲୁଟ: ଫନୀ ସହାୟତାରୁ ୨୫ଲକ୍ଷରୁ ଉର୍ଦ୍ଧ୍ୱ ଉଡ଼ପ

ଚଣ୍ଡିଖୋଲ ୨/୧(ପି.ଏନ.)-ଯାଜପୁର ଜିଲାର ବଡ଼ଚଣା ବ୍ଲକରେ ଇନ୍ଦୀରା ଆବାସ ଠାରୁ ଆରମ୍ଭ କରି ବିଭିନ୍ନ ଯୋଜନାରେ ଗରିବ ହିତାଧିକାରୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ସହାୟତା ରାଶୀ ଆତ୍ମସାତ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଏବେ ଫନୀ ବାତ୍ୟା ଘରଭଙ୍ଗା ସହାୟତାରେ ବ୍ୟାପକ ଅର୍ଥଲୁଟ ପାଟ ହୋଇଥିବା ଘଟଣା ପଦାକୁ ଆସିଛି । ପୁର୍ବରୁ ବିଭିନ୍ନ ଆବାସ ଯୋଜନାରେ ସହାୟତା ରାଶି ପାଇଥିବା ୯ଶହରୁ ଉର୍ଦ୍ଧ୍ ଅଯୋଗ୍ୟ ହିତାଧିକାରୀ ଚଞ୍ଚକତା କରି ଏବେ ଫନୀ ସହାୟତା ଅର୍ଥ ହଡ଼ପ କରି ନେଇଯାଇଥିବା ଜଣାପଡ଼ିଛି । ଏହି ଚଞ୍ଚକତାରେ ସିଧା ସଳଖ ଦାୟୀତ୍ୱରେ ଥିବା କେତେକ ସରକାରୀ ଅଧିକାରୀ ସମ୍ପୃକ୍ତ ରହି ଗରିବ ଓ ବାସହରାଙ୍କ ପାଇଁ ଉଦ୍ଦିଷ୍ଟ ଏହି ସରକାରୀ ଅର୍ଥ ଲୁଟ ପାଟକୁ ପ୍ରୋସ୍ଥାହନ ଦେଇଥିବା ଅଭିଯୋଗ ହୋଇଛି । ଗତ ଫନୀ ବାତ୍ୟା ପରେ ବଡ଼ଚଣା ବ୍ଲକ ତଥା ପର୍ଦଣ ତହସିଲର ୪୩ଟି ପଞ୍ଚାୟତରେ କ୍ଷୟକ୍ଷତିର ୩ ଥାକିଆ ସର୍ବେ କରାଯାଇଥିଲା । ଏହି ସର୍ବେ ଅନୁଯାୟୀ ସମଗ୍ର ବ୍ଲକରେ ମୋଟ ୧୭୪୧ଟି ବାସଗୃହ ଓ ଗୁହାଳଘର କ୍ଷତିଗ୍ରସ୍ଥ ହୋଇଥିବା ଦର୍ଶାଯାଇଥିଲା । ସରକାରୀ ରିପୋର୍ଟ ଅନୁଯାୟୀ, ମୋଟ ୧୭୪୧ କ୍ଷତିଗ୍ରସ୍ଥ ଘର ମଧ୍ୟରୁ ୧୬ ଟି ଘର ସଂମ୍ପୂର୍ଣ୍ଣ ଭାଙ୍ଗିଥିବା ଦର୍ଶାଯାଇଥିବା ବେଳେ ୨୨୦ ଟି ଗୁହାଳଘର ସହ ପ୍ରାୟ ୧୫୫ଟି କୋଠାଘର ଆଂଶିକ ଓ ଅବଶିଷ୍ଟ ୧୩ଶହରୁ ଉର୍ଦ୍ଧ କଚ୍ଚା ଚାଳଘର ଭାଙ୍ଗିଥିବା ଦର୍ଶାଯାଇଥିଲା । ସରକାରୀ ରିପୋର୍ଟ ଆଧାରରେ ସଂମ୍ପୂର୍ଣ୍ଣ ଭାଙ୍ଗିଥିବା ଘର ପାଇଁ ପ୍ରତ୍ୟେକଙ୍କୁ ୯୫ହଜାର ଘରଭଙ୍ଗା ସହାୟତା ସହ ୩ହଜାର ୬ଶହ ଟଙ୍କା ଗୃହୋପରଣ ପାଇଁ, ଗୁହାଳ ପାଇଁ ପ୍ରତ୍ୟେକଙ୍କୁ ୨୧ଶହ ଏବଂ ଆଶିଂକ ପକ୍କାଘର ଭାଙ୍ଗିବା ପାଇଁ ୫ହଜାର ୨ଶହ ଓ କଚ୍ଚାଚାଳ ଘର ପାଇଁ ପ୍ରତ୍ୟେକଙ୍କୁ ୩ହଜାର ୨ଶହ କରି ମୋଟ ୬୮ଲକ୍ଷ ଟଙ୍କା ସହାୟତା ରାଶି ତହସିଲ ପକ୍ଷରୁ ପ୍ରଦାନ କରାଯାଇଥିଲା । ତେବେ କଚ୍ଚା ଚାଳଘର ଭାଙ୍ଗିଥିବାର ଯେଉଁ ରିପୋର୍ଟ ହୋଇଛି, ସେଥିରେ ବ୍ୟାପକ ଚଞ୍ଚକତା କରାଯାଇଥିବା ସ୍ୱତନ୍ତ୍ର ଅନୁସନ୍ଧାନରୁ ଜଣାଯାଇଛି । ଯେଉଁ ୧୩ଶହରୁ ଉର୍ଦ୍ଧ କଚ୍ଚା ଚାଳଘର ଭାଙ୍ଗିଥିବା ସରକାରୀ ଭାବେ ରିପୋର୍ଟରେ ଦର୍ଶାଯାଇଛି । ପ୍ରକୃତରେ ସେଥିରୁ ୯ଶହରୁ ଉର୍ଦ୍ଧ ଲୋକ ଏଥି ପୁର୍ବରୁ ବିଭିନ୍ନ ଆବାସ ଯୋଜନାରେ ପକ୍କା ଗୃହ ହାତେଇ ନେଇଥିବା ଜଣାପଡ଼ିଛି । ସରକାରଙ୍କ ନିୟମ ଅନୁଯାୟୀ କଚ୍ଚା ଚାଳଘର ଥିବା ଯେଉଁ ଲୋକ ମାନଙ୍କୁ ପୁର୍ବରୁ ଆବସ ଯୋଜନାରେ ସାମିଲ କରାଯାଇଛି, ସେମାନେ ଆଉ କଚ୍ଚା ଚାଳଘର ଦେଖାଇ ଫନୀ ଘର ଭଙ୍ଗା ସହାୟତାରେ ସାମିଲ ହୋଇପାରିବ ନାହିଁ । କାରଣ ସରକାରୀ ତଥ୍ୟ ଅନୁଯାୟୀ ସେମାନଙ୍କର ଏବେ ପକା ଘର ରହିଛି । ତେବେ ଏହି ତଥ୍ୟକୁ ଗୁପ୍ତ ରଖି ସେମାନେ ଏବେ ୨୫ଲକ୍ଷରୁ ଉର୍ଦ୍ଧ ଫନୀ ଘରଭଙ୍ଗା ସହାୟତା ଲୁଟି ନେଇଥିବା ଅଭିଯୋଗ ହୋଇଛି । ବିଶେଷ କରି ରାଜସ୍ୱ ଓ ପଞ୍ଚାୟତିରାଜ ବିଭାଗ ପୂର୍ବ ରେକର୍ଡ ଏକାଠି କରି ସମୀକ୍ଷା ହେଉନଥିବାର ଗଳା ବାଟକୁ ଆୟୁଧ କରି ଫନୀ କ୍ଷୟକ୍ଷତି ଆକଳନରେ ନିଯୁକ୍ତ ସରକାରୀ ଅଧିକାରୀ ମାନେ ଅଯୋଗ୍ୟ ହିତାଧିକାରୀଙ୍କ ସହ ସଲାସୁତରା କରି ଏହି ଲୁଟପାଟକୁ ପ୍ରୋତ୍ସାହିତ କରିଥିବା ଗୁରୁତର ଅଭିଯୋଗ ହୋଇଛି । ସଂପୃକ୍ତ ତଦନ୍ତକାରୀ ଅଧିକାରୀ ମାନେ ସରକାରଙ୍କ ସମସ୍ତ ନିୟମ ଓ ଫନୀ ସହାୟତା ପାଇବାର ମାନଦଣ୍ଡ ବିଷୟରେ ଅବଗତ ଥିଲେ ମଧ୍ୟ ଜାଣିଶୁଣି ସରକାରୀ ଅର୍ଥ ହଡ଼ପ ପାଇଁ କାମ କରିଥିବା ଅଭିଯୋଗ ହୋଇଛି । ବଡ଼ଚଣା ର ବିଜେପି ନେତା ଅମର ନାୟକ ସମଗ୍ର ବ୍ଲକରୁ ପଞ୍ଚାୟତ ୱାରୀ ତଥ୍ୟ ସଂଗ୍ରହ କରିବା ପରେ ଏହି ଗୁରୁତର ଅଭିଯୋଗ କରିଛନ୍ତି । ଏ ସଂପର୍କରେ ଶ୍ରୀ ନାୟକ ସ୍ୱତନ୍ତ୍ର ରିଲିଫ କମିସନରଙ୍କୁ ଭେଟି ସମସ୍ତ ଦସ୍ତାବିତ ଦେଇ ଏହା ଉପରେ ତଦନ୍ତ ଓ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ କରିଥିବା ବେଳେ ଅଯୋଗ୍ୟ ହିତାଧିକାରୀଙ୍କ ଠାରୁ ସହାୟତା ରାଶୀ ଅସୁଲ କରିବାକୁ ଦାବୀ କରିଛନ୍ତି । ଏହି ଅଭିନବ ଲୁଟପାଟର ଖୁଲାସା ହେବା ପରେ ବଡ଼ଚଣାରେ ଚର୍ଚ୍ଚା ଜୋର ଧରିଛି ।

ସାମ୍ବାଦିକ ଅନିରୁଦ୍ଧ ସାମନ୍ତରାୟଙ୍କ ଅକାଳ ବିୟୋଗରେ ଧର୍ମଶାଳା ପ୍ରେସକ୍ଲବ୍ ପକ୍ଷରୁ ଶୋକସଭା

ଧର୍ମଶାଳା ,୧/୧(ପି.ଏନ) ଯାଜପୁର ଜିଲ୍ଲାର ବରିଷ୍ଟ ଏମ.ବି.ସି ର ସାମ୍ବାଦିକ ଅନିରୁଦ୍ଧ ସାମନ୍ତରାୟଙ୍କ(୫୧) ମଙ୍ଗଳବାର ରାତି୧୧ ଟାରେ ହୃଦ୍‌ଘାତରେ ଅକାଳ ବିୟୋଗରେ ଆଜି ଧର୍ମଶାଳା ପ୍ରେସକ୍ଲବ୍ ପକ୍ଷରୁ ସଭାପତ ଇନ୍ଦ୍ରମଣି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକସଭାରେ ଉପଦେଷ୍ଟା ସାମ୍ବାଦିକ ରମାକାନ୍ତ ଜେନା ,ବଟକୃଷ୍ଣ ପରିଡ଼ା , ସଂପାଦକ ପୂର୍ଣ୍ଣଚନ୍ଦ୍ର ଶତପଥୀ , ସୀତାକାନ୍ତ ସାମଲ୍ , ବିକ୍ରମ କେଶରୀ ମହାନ୍ତି ,ପ୍ରଶାନ୍ତ ଗନ୍ତାୟତ ,ବିବେକାନନ୍ଦ ରାୟ , ଅବିନେଶର୍ ଶତପଥୀ,କ୍ଷୀରୋଦ ମୁଦୁଲି ପ୍ରମୁଖ ସ୍ୱର୍ଗତ ସାମନ୍ତରାୟ ଜଣେ ଏକାଧାରାରେ ସାମ୍ବାଦିକ, ସାହିତ୍ୟକ ନାଟ୍ୟକାର ,ସମାଜସେବୀ ସାଲିସ୍ ବିହୀନ ଓ ବହୁମୁଖୀ ପ୍ରତିଭା ସଂପର୍କରେ ବର୍ଣ୍ଣନା କରିଥିଲେ ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ମାନସ ରଞ୍ଜନ ଜେନା ,ଅଖିଳ କୁମାର ସ୍ୱାଇଁ, କପିଳେନ୍ଦ୍ର ରାଉତ, ପସନ୍ନ କୁମାର ପାଣି, କିଶୋର ରାଉତ,ଅକ୍ଷୟ କୁମାର ରାଉତ,ବିନୋଦ ବିହାରୀ ସାହୁ, ରଞ୍ଜନକୁମାର ରାୟ ,ସବ୍ୟସାଚୀ ବେହେରା , ସମେତ ଅନ୍ୟସମସ୍ତ ସଭ୍ୟ ମାନେ ଶୋକବ୍ୟକ୍ତ କରିଥିଲେ ।

ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ବର୍ଷ ପୂର୍ତ୍ତୀ କବିତା ପାଠୋତ୍ସବ

ଧର୍ମଶାଳା ,୨/୧(ପି.ଏନ) ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ଗୋକର୍ଣ୍ଣେଶ୍ୱର ମନ୍ଦିର ପରିସରରେ ମଙ୍ଗଳବାର ବର୍ଷ ପୂର୍ତ୍ତି କବିତା ପଠୋତ୍ସବ ସଭାପତି ଡ଼. ଜଗନ୍ନାଥ ଜେନା ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବ କୁ ଧର୍ମଶାଳା ପୂର୍ବତନ ବିଧାୟକ ରବିଲାବଣ୍ୟ ଉଦ୍‌ଘାଟନ କରିଥିଲେ ମୁଖ୍ୟଅତିଥୀ ଭାବେ ଅବସର ପ୍ରାପ୍ତ ପ୍ରାଧାପକ ଡ଼.ନୃସିଂହ ଚରଣ ଷଡ଼ଗୀ ଅନ୍ୟତମ ଅତିଥୀ ଭାବେ ଡ଼. ସୁର୍ଯ୍ୟମଣି ଖୁଣ୍ଟିଆ ଯୋଗ ଦେଇଥିଲେ । ଏହି ଅବସରରେ ରାଜକିଶୋର ପାଢୀ ପୁସ୍ତକ "ରଫ୍‌ଖାତା" ଧ୍ରୁବଚରଣ ବିଶାଳ ପ୍ରବଦ ପୁସକ ତତ୍ତ୍ୱକଳିକା, ଗୋଲକ ଚନ୍ଦ୍ର ପଲେଇ କବିତା ପୁସକ "ସେବାରେ ଜୀବନ", ଅତିଥୀ ଆସିଥିଲେ କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକ ଅତିଥୀ ପରିଚୟ ପ୍ରଦାନ କରିଥିବା ବେଳେ କାହ୍ନୁଚରଣ ଦାଶ ସ୍ୱାଗତ ଭାଷଣ ଦେଇଥିଲେ ସାଧାରଣ ସମ୍ପାଦକ ଡ଼.ପ୍ରଶାନ୍ତ କୁମାର ସ୍ୱାଇଁ ସଂପାଦକୀୟ ବିବରଣୀ ପାଠ କରିଥିଲେ ଡ଼.ରାଜକିଶୋର ପାଢୀ ଅତିଥି ମାନକୁ ସମ୍ବର୍ଦ୍ଧିତ କରିଥିଲେ । ଉନ୍ମୋଚିତ ପୁସ୍ତକ ଉପରେ ଅବସର ପ୍ରାପ୍ତ ପ୍ରାଧାପକ ମନୋରଞ୍ଜନ ମହାନ୍ତି, ଅର୍ଜୁନ ପୃଷ୍ଟି, ପ୍ରଶାନ୍ତ କୁମାର ସ୍ୱାଇଁ ସମିକ୍ଷା କରିଥିଲେ । ଏହି ଅବସରରେ ବହୁ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ଅବସରପ୍ରାପ୍ତ ଶିକ୍ଷାବିତ୍ ଯୁଧିଷ୍ଠିର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

ଧର୍ମପ୍ରାଣା ମହିଳାଙ୍କ ପରଲୋକ

ବାଲିଚନ୍ଦ୍ରପୁର ୨୧ ବାଲିଚନ୍ଦ୍ରପୁର ଥାନା ଅଣକା ପଞ୍ଚାୟତ ଅନ୍ତର୍ଗତ ଭୁଲୁକା ଗ୍ରାମର ଧର୍ମପ୍ରାଣା ମହିଳା ସୁନ୍ଦରୀ ସିଂହ(୭୫)ଙ୍କ ହୃଦଘାତରେ ପରଲୋକ ହୋଇଯାଇଛି । ସ୍ୱର୍ଗତା ସିଂହ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ଆଧ୍ୟାତ୍ମିକବାଦୀ ମହିଳା ଭାବେ ବେଶ ପରିଚିତ ଥିଲେ । ତାଙ୍କ ମୃତ୍ୟୁ ଖବରରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ୍ୟ ପରିକ୍ରମା କରାଯାଇ ଗ୍ରାମ ଶ୍ମସାନରେ ଦାହ କରାଯାଇଥିଲା ପୁତ୍ର ଭରତ ମୁଖାଗ୍ନି ଦେଇଥିଲେ ।

ଚଳିତ ଦିପାବଳୀରେ ଦି ବଡ଼ି ସପ୍‌ରୁ ପାଆନ୍ତୁ ଆକର୍ଷଣୀୟ ଉପହାର ସମ୍ଭାର

ଦିପାବଳୀ ହେଉଛି ସବୁଠାରୁ ଅଧିକ ଆକର୍ଷଣୀୟ ଏବଂ ଅନେକ ଦିନରୁ ଅପେକ୍ଷା କରାଯାଉଥିବା ପର୍ବ, ଯେଉଁଥିରେ ଫ୍ୟାନ୍ସି ଆଲୋକ, ମିଠା, ସାଜସଜ୍ଜା ଏବଂ ଉପହାର ନେବା ଦେବାର ପରମ୍ପରା ରହିଆସିଛି । ଯେବେକି ଉକ୍ତ ପର୍ବ ଅତିନିକଟରେ, ସେତେବେଳେ ଦି ବଡ଼ି ସପ୍ ପକ୍ଷରୁ ଉକ୍ତ ଉପଯୁକ୍ତ ଅବସରରେ ଆକର୍ଷଣୀୟ ରେଞ୍ଜର ଉପହାର ବିକଳ୍ପ ଉପଲବ୍ଧ । ମିଠା ବକ୍ସ ଏବଂ ପାରମ୍ପରିକ ଡ୍ରାଏ ଫ୍ରୁଟସ୍ ବଦଳରେ ଏକ ଅନନ୍ୟ ଉପାୟରେ ସୁନ୍ଦରଭାବେ ସଜ୍ଜିତ ହୋଇଥିବା ଦି ବଡ଼ି ସପ୍‌ର ଉପହାର ବକ୍ସକୁ ଦିଅନ୍ତୁ ।ସୁନ୍ଦରଭାବେ ସଜ୍ଜିତ ହୋଇଥିବା ଉପହାର ବାକ୍ସରେ ଦି ବଡ଼ି ସପ୍ ପକ୍ଷରୁ ସମ୍ପୂର୍ଣ୍ଣ ବିଶ୍ୱରୁ ବିଭିନ୍ନ ଉତ୍ପାଦ ସୃଙ୍ଖଳ ଯେପରିକି, ବ୍ରିଟିସ୍ ରୋଜ୍, ଆଲମଣ୍ଡ ମିଲ୍କ ଏବଂ ମହୁ,ଷ୍ଟ୍ରବେରୀ ଜସମିନ ମୋରିଙ୍ଗା, ଆରଗାନ ଏବଂ ଆହୁରି ଅଧିକ । ଆକର୍ଷଣୀୟ ଆଗରୁ ତିଆରି ହୋଇଥିବା ଉପହାରରେ କିମ୍ବା ଆପଣଙ୍କ ପ୍ୟାକେଜିଂ ପାଇଁ ଅଣାଯାଇଥିବା ଏହି ସମ୍ଭାରରେ ଦି ବଡ଼ି ସପ୍‌ରୁ ଆପଣଙ୍କର ପସନ୍ଦ ମୁତାବକ ଉତ୍ପାଦ ସହିତ ଷ୍ଟୋରରେଥିବା ବିଶେଷ ପାକେଜ୍ ସହିତ ଉପଲବ୍ଧ । ଦି ବଡ଼ି ସପ୍‌ରେ, ଆମ୍ଭେମାନେ ବିଶ୍ୱାସ କରୁକି, ଜଣେ ସର୍ବଦା ଭିତରୁ ଏବଂ ବାହାରୁ ସୁନ୍ଦର ହେବା ଆବଶ୍ୟକ । ଆମ ମାନଙ୍କ ପାଇଁ ପରିସ୍କାର ଚେହେରା ହେଉଛି ସୁନ୍ଦର ଚେହେରା ଅପେକ୍ଷା ବହୁତ ଭଲ । ଏହା ହେଉଛି ଖୁବ୍ ଭଲ ଅନୁଭବ କରିବା ଏବଂ ଭଲ କରିବା ପାଇଁ ମଧ୍ୟ । ଆମ୍ଭେମାନେ ସଚ୍ଚୋଟତାର ସହିତ ବ୍ୟବସାୟ କରୁଛୁ, ତେଣୁ ଗୋଷ୍ଠୀ ଏବଂ ସର୍ବୋପରି ଆମର ଗ୍ରାହକମାନେ ମଧ୍ୟ ଏଥିରୁ ଉପକାର ପାଇପାରୁଛନ୍ତି । ଆମ୍ଭେମାନେ ଆମିଷ ବିରୁଦ୍ଧରେ ଏବଂ ଆମର ସମସ୍ତ ଉତ୍ପାଦ ଗୁଡ଼ିକ ହେଉଛି ୧୦୦% ସାକାହାରୀ । ଚଳିତ ଦିପାବଳୀ ଅବସରରେ ଦି ବଡ଼ି ସପର ସମ୍ପୂର୍ଣ୍ଣ ସୌନ୍ଦର୍ଯ୍ୟ ଉପହାର ପ୍ରଦାନ କରନ୍ତୁ ଏବଂ କୌଣସି ତ୍ରୁଟିନଥିବା, ପ୍ରାକୃତିକ ଏବଂ ନୈତିକ ଉପହାରକୁ ଉପଭୋଗ କରନ୍ତୁ ।

ନୂତନ ବର୍ଷରେ ଓଳାଶୁଣୀରେ ପର୍ଯ୍ୟଟକଙ୍କ ଭିଡ

ଭୁତ କୋଠି ପାଲଟିଲାଣି ପର୍ଯ୍ୟଟକ ସୁବିଧା କେନ୍ଦ୍ର

ବାଲିଚନ୍ଦ୍ରପୁର (ପିଏନ)- ପ୍ରସିଦ୍ଧ ପରିବେସ ପର୍ଯ୍ୟଟନସ୍ଥଳୀ ତଥା ସନ୍ଥସାଧକ ମହାପୁରୁଷ ଅରକ୍ଷିତ ଦାସଙ୍କ ସମାଧିପୀଠ ଭାବେ ପରିଚିତ ଯାଜପୁର ଜିଲ୍ଲା ବଡଚଣା ବ୍ଲକ ର ଓଳାଶୁଣୀରେ ଦିନକୁ ଦିନ ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମିଳିଛି । ଏହି ଓଳାଶୁଣୀ ପାହାଡର ପ୍ରାକୃତିକ ଶୋଭା ସାଙ୍ଗକୁ ସନ୍ଥ ଅରକ୍ଷିତ ଦାସଙ୍କ ସମାଧି ମନ୍ଦିର ଦର୍ଶନ ପାଇଁ ବର୍ଷତମାମ ଏଠାରେ ରାଜ୍ୟ ଏବଂ ରାଜ୍ୟ ବାହାରର ପର୍ଯ୍ୟଟକମାନଙ୍କ ଭିଡ ଦେଖିବାକୁ ମିଳିଥାଏ । ବିଶେଷ କରି ଏହି ପୀଠରେ ଆମିଶ ନିରାମିଶ ର କୌଣସି ବାଛ ବିଚାର ନଥିବାରୁ ଏଠାରେ ପର୍ଯ୍ୟଟକ ମାନେ ଆମିଷ ଭୋଜି ପାଇଁ ବେଶ ଭିଡ ଜମାଇଥାନ୍ତି । ତେବେ ପ୍ରତ୍ୟେକ ବର୍ଷ ନଭେମ୍ବର ମାସର ପ୍ରଥମ ସପ୍ତାହଠାରୁ ଫେବୃଆରି ଶେଷ ପର୍ଯ୍ୟନ୍ତ ଏଠାରେ ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମିଳିଥାଏ । ଏହାଛଡା ମାଘ ଏକାଦଶୀ ତିଥିରେ ସନ୍ଥଅରକ୍ଷିତ ଦାସଙ୍କ ମହାପ୍ରୟାଣ ଦିବସ ଅବସରରେ ଅନୁଷ୍ଠିତ ହେଉଥିବା ପ୍ରସିଦ୍ଧ ଓଳାଶୁଣୀ ମେଳା ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷ ଲକ୍ଷ ସଂଖ୍ୟାରେ ଭକ୍ତ,ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନଙ୍କର ସମାଗମ ହୋଇଥାଏ । ତେବେ ବୁଧବାର ନୂତନ ବର୍ଷ ଅବସରରେ ଏଠାରେ ପର୍ଯ୍ୟଟକଙ୍କ ନାହିଁ ନଥିବା ଭିଡ ଦେଖିବାକୁ ମିଳିଥିଲା । ପାଖାପାଖି ୫୦ ହଜାର ପର୍ଯ୍ୟଟକଙ୍କ ଭିଡ ହୋଇଥିବା ଆକଳନ କରାଯାଇଛି । ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକ ଏହିପୀଠକୁ ଆସୁଥିବା ବେଳେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଭିତ୍ତିଭୂମୀ ସଜାଡିବାକୁ ସେମିତି କିଛି ଆଖି ଦୃଶିଆ ପଦକ୍ଷେପ ନିଆ ଯାଉନଥିବା ଅଭିଯୋଗ ହେଉଛି । ଏହି ପୀଠରେ ପାନୀୟ ଜଳ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଥିବା ବେଳେ ଆଜି ଯାଏ ଏହାର ସମାଧାନ ହୋଇପାରୁନାହିଁ । ପ୍ରତ୍ୟେକ ବର୍ଷ ଓଳାଶୁଣୀ ମେଳା ନିମନ୍ତେ ଅନୁଷ୍ଠିତ ହେଉଥିବା ପ୍ରଶାସନିକ ବୈଠକରେ କେବଳ ଏବିଷୟରେ ଆଲୋଚନା ହୁଏ ଏବଂ ପ୍ରଶାସନ ଏହାର ସମାଧାନ ପାଇଁ ପ୍ରତିଶୃତି ଦେଇଥାଏ ମାତ୍ର ପ୍ରତିଶୃତି ହିଁ ଦୀର୍ଘ ବର୍ଷ ହେବ ପ୍ରତିଶୃତିରେ ରହିଯାଇଛି । ସେହିପରି ୨୦୧୪ ଜୁନ ମାସରେ ଓଳାଶୁଣୀର ପୂର୍ବ ପାର୍ଶ୍ୱରେ ତତ୍କାଳୀନ ପର୍ଯ୍ୟଟନ ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ପର୍ଯ୍ୟଟକ ସୁବିଧା କେନ୍ଦ୍ର ସେହିଦିନ ଠାରୁ ଅଜି ଯାଏ ତାଲା ଝୁଲୁଛି ଏବେ ଏହା ଭୁତକୋଠିରେ ପରିଣତ ହେଲାଣି । ଆଜି ଯାଏ ଏଥିରେ ବିଦ୍ୟୁତ ସଂଯୋଗ କିମ୍ବା ପାନୀୟ ଜଳର କୌଣସି ବ୍ୟବସ୍ଥା କରାଯାଇନାହିଁ ଯାହା ନିଜର ମୂଳ ଲକ୍ଷ ଠାରୁ ବହୁ ଦୂରକୁ ଚାଲିଯାଉଛି । ସେହିପରି ପାହାଡର ପଶ୍ଚିମ ପାର୍ଶ୍ୱରେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ନିର୍ମାଣ କରାଯାଇଥିବା ମନୋରମ ପରିବେଶ ପର୍ଯ୍ୟଟନ କେନ୍ଦ୍ର ଏବେ ନଷ୍ଟ ହେବାକୁ ବସିଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନାହିଁ । ଆଗକୁ ପ୍ରସିଦ୍ଧ ମେଳା ରହିଥିବା ବେଳେ ପାହାଡର ଉଭୟ ପାର୍ଶ୍ୱର ରାସ୍ତା ମରାମତି, ଆଲୋକିକରଣ ଆଦି କାର୍ଯ୍ୟ ଏବେବି ବାକି ରହିଛି । ମେଳାପୂର୍ବରୁ ପ୍ରଶାସନ ପକ୍ଷରୁ ପର୍ଯ୍ୟଟକଙ୍କ ସୁବିଧା ନିମନ୍ତେ ରହିଥିବା ଭିତ୍ତି ଭୁମୀ ସଜାଡିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

ହିମାଳୟ ପ୍ୟୁରିଫାଇଙ୍ଗ ନିମ ଫେସୱାସ ପକ୍ଷରୁ ଭୁବନେଶ୍ୱରରେ ସର୍ବ ଭାରତୀୟ ଅଭିଯାନ "ମାଇଁ ଫାର୍ଷ୍ଟ ପିମ୍ପଲ" ର ତୃତୀୟ ପର୍ଯ୍ୟାୟ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଫେସୱାସ ବ୍ରାଣ୍ଡ ହିମାଳୟାନ ପ୍ୟୁରିଫାଇଙ୍ଗ ନିମ ଫେସ ୱାସ ପକ୍ଷରୁ ଅଭିଯାନ "ମାଇଁ ଫାର୍ଷ୍ଟ ପିମ୍ପଲ" ର ତୃତୀୟ ପର୍ଯ୍ୟାୟ ସାନ୍ତନୁ ଇଂରାଜୀ ମିଡିୟମ ବିଦ୍ୟାଳୟରେ ଆୟୋଜିତ ହୋଇଛି । "ମାଇଁ ଫାର୍ଷ୍ଟ ପିମ୍ପଲ" ଅଭିଯାନ ଏକ ସ୍ୱତନ୍ତ୍ର ପଦକ୍ଷେପ ଯାହା ୧୩-୧୪ ବର୍ଷର କିଶାରୀ ମାନଙ୍କ ସହ ସଂଯୋଗ ସ୍ଥାପନ କରି ସେମାନଙ୍କ ବର୍ଦ୍ଧିଷ୍ଣୁ ଅବସ୍ଥାରେ ସେମାନେ ସାମ୍ନା କରୁଥିବା ବ୍ରଣ ସମସ୍ୟା ସମେତ ମାନସିକ ଏବଂ ଶାରିରୀକ ସମସ୍ୟା ଗୁଡ଼ିକୁ ସମାଧାନ କ୍ଷେତ୍ରରେ ପ୍ରୋତ୍ସାହିତ କରିବାର ଉଦ୍ଦେଶ୍ୟ ରଖିଥାଏ । ଭୁବନେଶ୍ୱର ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାନ୍ତନୁ ଇଂରାଜୀ ମିଡିୟମ ବିଦ୍ୟାଳୟର ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି । ଏହି ଅବସରରେ ଅତିଥି ବକ୍ତା ଭାବେ ଆନ୍ତର୍ଜାତୀୟ କରାଟେ ପ୍ରଶିକ୍ଷକ ଭାଲେନା ଭାଲେଣ୍ଟିନା, ହିମାଳୟ ଡ୍ରଗ କମ୍ପାନୀ, ଉପଭୋକ୍ତା ଉତ୍ପାଦ ବିଭାଗ, ଫେସ ୱାସ ବ୍ରାଣ୍ଡର ପରିଚାଳକ, କିର୍ତ୍ତୀକା ଦାମୋଧରନ ମଧ୍ୟ ଉପସ୍ଥିତ ଥିଲେ । ଏହି ବ୍ୟସ୍ତତାମୟ ଅଧିବେସନ ମାଧ୍ୟମରେ ଭାଲେନା ଛାତ୍ରଛାତ୍ରୀ ମାନଙ୍କ ସହ ଯୋଡ଼ି ହୋଇଥିଲେ ଏବଂ ସେ କିଭଳି ନିଜର କିଶୋର ଅବସ୍ଥାରେ ସବୁବେଳେ ସକାରାତ୍ମକ ରହିବାର ପ୍ରୟାସ କରୁଥିଲେ ଏବଂ କୌଣସି ବାଧାବିଘ୍ନରେ ମଧ ଭାଙ୍ଗି ପଡୁନଥିଲେ ସେହି ବିଷୟରେ ବର୍ଣ୍ଣନା କରିଥିଲେ । ଏହି ସ୍ୱତନ୍ତ୍ର ପଦକ୍ଷେପ ସହ ନିଜର ସଂଯୋଗ ସମ୍ପର୍କରେ ଭାଲେନା ଭାଲେଣ୍ଟିନା କହିଛନ୍ତି, "ପ୍ରତ୍ୟେକ ନିଜର ଗଠନାତ୍ମକ ଅବସ୍ଥାରେ ଏହି ବ୍ରଣ ଜନିତ ସମସ୍ୟାକୁ ଅନୁଭୂତି କରନ୍ତି ଏବଂ ରୂପ ଚେହେରାର କ୍ରମାଗତ ବ୍ୟସ୍ତତା ସେମାନଙ୍କ ମନୋବଳକୁ ମଧ ପ୍ରଭାବିତ କରିଥାଏ ।

ଇନଫୋସିସ ଫିନାକେଲ ଡିଜିଟାଲ ବ୍ୟାଙ୍କ ପକ୍ଷରୁ ଶିବାଲିକ ବ୍ୟାଙ୍କରେ କ୍ଲାଉଡ ପ୍ରଯୁକ୍ତିର ବ୍ୟବହାର

ଭୁବନେଶ୍ୱର : ଏଜଭର୍ବେ ସିଷ୍ଟମର ଅଂଶ ଇନଫୋସିସ ଫିନାକେଲ ଯାହା ଇନଫୋସିସର ଏକ ପୂର୍ଣ୍ଣ ସହାୟକ କମ୍ପାନୀ, ଶିବାଲିକ ମର୍କାଣ୍ଟାଇଲ କୋଅପରେଟିଭ ବ୍ୟାଙ୍କ ଲିମିଟେଡ ସହ ମିଶି କ୍ଲାଉଡ ମାଧ୍ୟମରେ ଏହା ଫିନାକେଲ ଡିଜିଟାଲ ବ୍ୟାଙ୍କିଙ୍ଗ ସୁଟର ସ୍ଥାପନା କରିଛି । ଏହା ବ୍ୟାଙ୍କର ଆବଶ୍ୟକତା ସହ ବଢୁଥିବା ଉତ୍ପାଦ ଏବଂ ସେବାକୁ ସିଠିକ ରୂପେ ପରିଚାଳନା କରିବା ପ୍ରତି ଗ୍ରାହକଙ୍କୁ ଏକ ଅବିରତ ସେବାର ଅନୁଭବ ପ୍ରଦାନ କରିବ ।ଏକ ସବକ୍ରିପସନ ଭାବେ, ଏହି ସେବାରେ ଫିନାକେଲ କୋର ବ୍ୟାଙ୍କିଙ୍ଗ ଏବଂ ଫିନାକେଲ ଡିଜିଟାଲ ଚ୍ୟାନେଲ ସହ ମୋବାଇଲ ଏବଂ ଇଣ୍ଟରନେଟ ବ୍ୟାଙ୍କିଙ୍ଗ ସେବା ମିଳି ପାରୁଛି । ବର୍ତ୍ତମାନ ସୁଧା ଏହି ସୁବିଧାକୁ ୩ ଲକ୍ଷରୁ ଉର୍ଦ୍ଧ ଗ୍ରାହକ ଆପଣାଇ ସାରିଛନ୍ତି । ବ୍ୟାଙ୍ଗ ବର୍ତ୍ତମାନ ଏହାର ବ୍ୟାଙ୍କିଙ୍ଗ ପ୍ଲାଟଫର୍ମକୁ କ୍ୟାପିଟାଲ ଏକ୍ସପେନ୍ସ ମଡେଲରୁ ଅପରେସନାଲ ଏକ୍ସପେନ୍ସ ସେବା ମଡେଲକୁ ପରିବର୍ତ୍ତନ କରିଛି । ଯାହା ଦ୍ୱାରା ବ୍ୟାଙ୍କ କୌଣସି ଅଗ୍ରିମ ନିବେଶ ନକରି ବ୍ୟବହାର ଅନୁଯାୟୀ ପୈଠ କରେ । ଏହା ଇନ.ବିଲ୍ଟ ପ୍ରଡକ୍ଟ ପ୍ୟାକ୍ଟରି କ୍ଷମତା, ବ୍ୟାଙ୍କକୁ ବଦଳୁଥିବା ପରବେଶରେ ଗ୍ରାହକଙ୍କ ଆବଶ୍ୟକତା ଅନୁଯାୟୀ ନୂତନ ସେବା ଉତ୍ପାଦ ଦେବାରେ ସାହାର୍ଯ୍ୟ କରେ । ଏହା ଉନ୍ନତ ଏପିଆଇ ବ୍ୟାଙ୍କକୁ ଓପନ ବ୍ୟାଙ୍କିଙ୍ଗ ବ୍ୟବହାର ଏବଂ ଅନ୍ୟାନ୍ୟ ଆର୍ଥିକ ପ୍ରତିଷ୍ଠାନ ସହ ସହଭାଗିତା ରକ୍ଷା କରିବାରେ ସାହାର୍ଯ୍ୟ କରେ ।

ଏହି ଅବସରରେ ଇନଫୋସିସ୍ ଫିନାକେଲର ବରିଷ୍ଠ ଉପାଧକ୍ଷ ଏବଂ ସେଲ୍ସର ଗ୍ଲୋବାଲ ହେଡ୍, ଭେଙ୍କଟରମନ୍ ଗୋସାଭି କହିଛନ୍ତିଯେ, 'ଆର୍ଥିକ ଅନ୍ତର୍ଭୂକ୍ତିକରଣ ପରିଚାଳନା ଏବଂ ଅର୍ଥନୈତିକ ସମ୍ପ୍ରସାରଣରେ ସହାୟତା କରିବା ପାଇଁ ଗୋଷ୍ଠୀ ସଂପୃକ୍ତି ଏବଂ ବ୍ୟକ୍ତିଗତ ଗ୍ରାହକ ସେବା ସହିତ ସମବାୟ ବ୍ୟାଙ୍କ ଗୁଡ଼ିକ ହେଉଛନ୍ତି ମୁଖ୍ୟ ସୂତ୍ରଧର । ଆମର କ୍ଲାଉଡ଼ ସୁବିଧା ବ୍ୟବସାୟରେ ରୂପାନ୍ତରୀକରଣ ଏବଂ ହେବାକୁଥିବା ସୁବିଧାରେ ନମନୀୟତା ପ୍ରଦାନ କରିବା ପାଇଁ ଏକ ବ୍ୟୟସାପେକ୍ଷ ମାର୍ଗ ପ୍ରଦାନ କରୁଛି । ଆମ୍ଭେମାନେ ଶିବାଲିକ୍ ବ୍ୟାଙ୍କର ବ୍ୟବସାୟ ସହିତ ଅଗ୍ରଣୀ ଇନଫୋସିସ୍ ଫିନାକେଲ ସଲ୍ୟୁସନ୍‌ର ସହବନ୍ଧନକୁ ନେଇ ଅତ୍ୟନ୍ତ ଉତ୍ସାହିତ ।'

ଏଗାର ଦିନ ବ୍ୟାପି ହେବ ଓଳାଶୁଣି ମେଳା

ଯାଜପୁର ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ବୈଠକ

ବାଲିଚନ୍ଦ୍ରପୁର (ପିଏନ)- ମାହନ ସନ୍ଥସାଧକ ମହାପୁରୁଷ ଅରକ୍ଷିତ ଦାସଙ୍କ ମହାପ୍ରୟାଣ ତିଥୀ ତଥା ପବିତ୍ର ମାଘ କୃଷ୍ଣଏକାଦଶୀ ତିଥୀ ଠାରୁ ରାଜ୍ୟର ପ୍ରମୁଖ ଧାର୍ମିକ ପର୍ଯ୍ୟଟନ ସ୍ଥଳୀ ଓଳାଶୁଣୀ ଠାରେ ପ୍ରତିବର୍ଷ ପରି ଚଳିତ ବର୍ଷ ପ୍ରସିଦ୍ଧ ଓଳାଶୁଣି ମେଳା ଚଳିତ ମାସ ୨୦ ରୁ ଆରମ୍ଭ ହେବାକୁ ଯାଉଛି । ଏହି ପ୍ରସିଦ୍ଧ ଓଳାଶୁଣୀ ମେଳା ପାଇଁ ଗୁରୁବାର ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଓଳାଶୁଣୀ ସ୍ଥିତ ଗଣେଷ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ଉପଜିଲ୍ଲା ପାଳ ନାରାୟଣ ଚନ୍ଦ୍ର ଧଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପ୍ରଶାସନିକ ବୈଠକରେ ମେଳା ସୁପରିଚାଳାନ ପାଇଁ ପ୍ରଶାସନ ପକ୍ଷରୁ ନିଆଯାଇଥିବା ସମସ୍ତ ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ । ଚଳିତ ବର୍ଷ ଏହି ପ୍ରସିଦ୍ଧମେଳା ୧୧ ଦିନ ବ୍ୟାପି ଚାଲିବ । ଏହି ପ୍ରସିଦ୍ଧ ମେଳାରେ ରାଜ୍ୟ ତଥା ରାଜ୍ୟ ବାହରୁ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବ୍ୟାପକ ପୋଲି ବନ୍ଦୋବସ୍ତ, ପାନୀୟଜଳ, ସ୍ୱାସ୍ଥ୍ୟସେବା ଆଦି ବିଭିନ୍ନ ବିଷୟରେ ଆଲୋଚାନ କରାଯାଇ ସଂପୃକ୍ତ ବିଭାଗ ମାନଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ମେଳା ଦିବାରାତ୍ରି ଅନୁଷ୍ଠିତ ହେଉଥିବାରୁ ପାହାଡର ପାଦଦେଶରୁ ଶୀର୍ଷ ଦେଶ ପର୍ଯ୍ୟନ୍ତ ଉଜ୍ୱଳ ଆଲୋକ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ମେଳା ସମୟରେ ମହାପୁରୁଷ ଙ୍କ ସମାଧି ମନ୍ଦିରରେ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ପ୍ରକାଶ ପାଇବା ସହ ମନ୍ଦିର ବେଢା ପରିସର ,ବଡଦାଣ୍ଡ ଓ ଗହଳି ସ୍ଥାନ ମାନଙ୍କରେ ସିସିଟିଭିର ବ୍ୟବସ୍ଥା କରାଯିବାକୁ ପୋଲିସ ପକ୍ଷରୁ ସୂଚନା ଦିଆଯାଇଥିଲା । ମେଳାରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱେଚ୍ଛାସେବୀ ଭାବେ ସାମିଲ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏଥିରେ ବିଭିନ୍ନ ବିଭାଗର ଅଧିକାରୀ ମାନେ ସାମିଲ ହୋଇ ନିଜର ମତ ରଖିଥିଲେ । ଆଜିର ପ୍ରଶାସନକ ବୈଠକ ନେଇ ସ୍ଥାନୀୟ ସାମ୍ବାଦିକ ମାନଙ୍କୁ ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଇନଥିଲା ଯାହାକୁ ନେଇ ସାମ୍ବାଦିକ ମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ ପରେ ପ୍ରଶାସନିକ ଅଧିକାରୀ ଅଧରକାରୀ ଓ ସାମ୍ବାଦିକ ମାନଙ୍କ ଙ୍କ ମଧ୍ୟରେ ଆଲୋଚନା ହୋଇ ଘଟଣାର ସମାଧାନ ହୋଇଥିଲା । ପ୍ରାରମ୍ଭରେ ଓଳାଶୁଣୀ ମଠ ମହନ୍ତ ନାମାନନ୍ଦ ଦାସ ସମସ୍ତଙ୍କୁ ଆର୍ଶୀବଚନ ପ୍ରଦାନ କରିବା ସହିତ ମେଳାର ସୁପରିଚାଳନା ପାଇଁ ସମସ୍ତଙ୍କ ସହ ଯୋଗ କାମନା କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୁଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଦର୍ପଣ ତହସିଲଦାର ବରଣ୍ୟେନ୍ଦୁ ମହାନ୍ତି, ଯାଜପୁର ରୋଡ ଏସ.ଡି.ପି.ଓ. ଚିନ୍ମୟ ନାୟକ, ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସୁକାନ୍ତ କୁମାର ପାତ୍ର, ଓ କଟକ ଜିଲ୍ଲାର ପ୍ରଶାସନିକ ଅଧିକାରୀ ମାନେ ସାମିଲ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ବ୍ରଜ ମୋହନ ସାମଲ, ଜିଲ୍ଲାପରିଷଦ ସଭ୍ୟ ବିପିନ ବିହାରୀ ଜେନା,ମହେନ୍ଦ୍ର ସିଂହ, ରୁଦ୍ର ନାରାୟଣ ସିଂହ, ଦିଲ୍ଲିପ ସାମଲ, ଶ୍ୟାମସୁନ୍ଦର ମହାରଣା, ରବିନ୍ଦ୍ର କୁମାର ସାମଲ, ମହେନ୍ଦ୍ର କୁମାର ରଣସିଂହ, ଦେବାଶିଷ ସିଂହ ଙ୍କ ସମେତ ବହୁ ଜନପ୍ରତିନିଧି ଓ ଓଳାଶୁଣୀ ଉନ୍ନୟନ ପରିଷଦର କର୍ମ କର୍ତ୍ତାମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ସାମସଙ୍ଗ ପକ୍ଷରୁ ନୂତନ ଗ୍ୟାଲେକ୍ସି ଏ୫୦ଏସ ଏବଂ ଏ୩୦ଏସର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ କଞ୍ଜ୍ୟୁମର ଇଲେକ୍ଟ୍ରୋନିକ ଏବଂ ସ୍ମାର୍ଟଫୋନ ବ୍ରାଣ୍ଡ ସାମସଙ୍ଗ ପକ୍ଷରୁ ଆଜି ଏହା ନୂତନ ପ୍ରିମିୟମ ଡିଜାଇନର ଗ୍ୟାଲେକ୍ସି ଏ୫୦ଏସ ଏବଂ ଏ୩୦ଏସର ଶୁଭାରମ୍ଭ କରାଯାଇଛି । ଏହି ନୂତନ ସ୍ମାର୍ଟଫୋନ ଦ୍ୱୟ ନାଇଟ ମୋଡ, ସୁପର ଷ୍ଟେଡି ମୋଡ, ସାମସଙ୍ଗ ପେ, ୪,୦୦୦ ଏମଏଏଚ ବ୍ୟାଟେରୀ, ୧୫ୱାଟ ଦ୍ରୁତ ଚାର୍ଜିଙ୍ଗ କ୍ଷମତା ଏବଂ ଶକ୍ତିଶାଳୀ ପ୍ରୋସେସର ସହ ଗେମ ବୁଷ୍ଟର ଭଳି ଉନ୍ନତ ଜ୍ଞାନକୌଶଳ ସହ ସ୍ୱତନ୍ତ୍ର ବୈଶିଷ୍ଟ୍ୟମାନଙ୍କ ସହ ସର୍ବୋତ୍ତମ ପ୍ରଦର୍ଶନ କରିଥାଏ । ଏହି ଗ୍ୟାଲେକ୍ସି ଏ୫୦ଏସ ଏବଂ ଏ୩୦ଏସ ସୁରକ୍ଷିତ ହୋଲୋଗ୍ରାଫିକ ଇଫେକ୍ଟ ସହ ପ୍ରିସମ କ୍ରସ ବ୍ଲାକ, ପ୍ରିସମ କ୍ରସ ହ୍ୱାଇଟ ଏବଂ ପ୍ରିସମ କ୍ରସ ଭାୟୋଲେଟ ଭଳି ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ ହେଉଛି । ଗ୍ୟାଲେକ୍ସି ଏ୫୦ଏସ ଏହାର ନୂତନ ଏବଂ ଶକ୍ତିଶାଳୀ ୪୮ ଏମପି କ୍ୟାମେରା ଏବଂ ଗ୍ୟାଲେକ୍ସି ଏ୩୦ଏସ ଏକ ବିକଶିତ ୨୫ଏମପି ମୁଖ୍ୟ କ୍ୟାମେରା, ୮ଏମପି ଅଲଟ୍ରା ୱାଇଡ କ୍ୟାମେରା ଏବଂ ଏକ ନୂତନ ୫ଏମପି ଡେପ୍‌ଥ କ୍ୟାମେରା ଭଳି ତିନୋଟି ବିଶିଷ୍ଟ ପଛ କ୍ୟାମେରାରେ ସୁସଜ୍ଜିତ ହୋଇ ଆସିଛି । ଏହି ଅବସରରେ ସାମସଙ୍ଗ ଇଣ୍ଡିଆ, ମୋବାଇଲ ବିଜନେସ, ବରିଷ୍ଠ ଉପାଧକ୍ଷ ତଥା ମାର୍କେଟିଙ୍ଗ ମୁଖ୍ୟ ଶ୍ରୀ ରଞ୍ଜିବଜିତ ସିଂହ କହିଛନ୍ତି ଯେ, "ଜ୍ଞାନକୌଶଳରେ ବିଶ୍ୱସ୍ତରୀୟ ଅଗ୍ରଣୀ କମ୍ପାନୀ ରୂପେ ଆମେ ଆମ ଉପଭୋକ୍ତାଙ୍କୁ ଅର୍ଥପୂର୍ଣ୍ଣ ଅଭିନବୀକରଣ ପ୍ରଦାନ କରିବା ନିମନ୍ତେ ସମର୍ପିତ ଅଟୁ । ଆମର ସବୁଠାରୁ ଉନ୍ନତ ଗ୍ୟାଲେକ୍ସି ଏ୫୦ଏସ ଏବଂ ଏ୩୦ଏସ ଲକ୍ଷ ଲକ୍ଷ ଯୁବକଙ୍କୁ ଶ୍ରେଷ୍ଠ ସ୍ମାର୍ଟଫୋନ ଅନୁଭୂତି ପ୍ରଦାନ କରିବା ପାଇଁ ପ୍ରସ୍ତୁତ ହୋଇଛି ।" ଗ୍ୟାଲେକ୍ସି ଏ୫୦ଏସର ୬/୧୨୮ଜିବି ସଂସ୍କରଣର ମୂଲ୍ୟ ମାତ୍ର ୨୪,୯୯୯ ଟଙ୍କା, ୪/୧୨୮ ଜିବି ର୍ୟାମ ବିଶିଷ୍ଟ ସଂସ୍କରଣର ମୂଲ୍ୟ ମାତ୍ର ୨୨,୯୯୯ ଟଙ୍କା ଏବଂ ଗ୍ୟାଲେକ୍ସି ଏ୩୦ଏସର ୪/୬୪ ଜିବି ସଂସ୍କରଣର ମୂଲ୍ୟ ମାତ୍ର ୧୬,୯୯୯ଟଙ୍କା ଥିବା ବେଳେ ଚଳିତ ବର୍ଷ ସେପ୍ଟେମ୍ବର ୧୧ରୁ ଉକ୍ତ ଡିଭାଇସ ଗୁଡ଼ିକ ସମସ୍ତ ଅଫଲାଇନ ଚ୍ୟାନେଲ, ସାମସଙ୍ଗ ଅପେରା ହାଉସ, ସାମସଙ୍ଗ ଇ-ସପ ଏବଂ ଅଗ୍ରଣୀ ଅନଲାଇନ ପୋର୍ଟାଲ ଗୁଡ଼ିକରେ ଉପଲବ୍ଧ ହୋଇଯିବ । ଏହି ନୂତନ ଗ୍ୟାଲେକ୍ସି ଏ ସିରିଜ ମଡେଲ ଗୁଡ଼ିକ ପାଇଁ ଜିଓ ବ୍ୟବହାରକାରୀ ମାନେ ଟ.୧୯୮ ଏବଂ ଟ.୨୯୯ର ପ୍ଲାନ ଉପରେ ଦୁଇଗୁଣ ଡାଟା ଉପଭୋଗ କରିପାରିବେ (ସର୍ବାଧିକ: ୧୨ଟି ରିଚାର୍ଜରେ) ।

ରୟାଲ ଷ୍ଟାଗ୍ ବ୍ୟାରେଲର ରାଜ ସିଂ ଚୌଧୁରୀ ଙ୍କ ଲାର୍ଜସଟ୍ ଫିଲ୍ମ "ଦି ଲାଷ୍ଟ ଚାପ୍ଟର"

ଭୁବନେଶ୍ୱର : ରୟାଲ ଷ୍ଟାଗ୍ ବ୍ୟାରେଲ ସିଲେକ୍ଟ ଲାର୍ଜସଟ୍ ଫିଲ୍ମ "ଦି ଲାଷ୍ଟ ଚାପ୍ଟର" ର ଉପସ୍ଥାପନା କରୁଛନ୍ତି । ବଲିଉଡର ନାମୀ ଅଭିନେତା ରାଜ ସିଂ ଚୌଧୁରୀ ଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରରେ ପ୍ରମୁଖ ଭୂମିକାରେ କେ.କେ. ମେନନ୍ ରହିଛନ୍ତି । ଏହି ଚଳଚ୍ଚିତ୍ରରେ ଜଣେ ପିତା ଏବଂ ଝିଅ ମଧ୍ୟରେ ଥିବା ଏକ ଦୁଃଖ ଦାୟକ ଓ ଜଟିଳ ସଂପର୍କକୁ ପ୍ରଦର୍ଶନ କରାଯାଇଛି । ଭୁଲରେ ହଉ ଅଥବା ରାଗରେ ନାୟକ ଦେଖାଇଥିବା ବିରୋଧାଭାଷ ଏଥିରେ ଦର୍ଶକଙ୍କୁ ଏହା ଚିନ୍ତା କରିବାକୁ ଦେଉଛି ଯେ, ଆମେ ନେଉଥିବା ପଦକ୍ଷେପ କିଭଳି ଆମ ଚାରିପାଖରେ ଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଭାବିତ କରୁଛି, ତାହା ଏହି ଫିଲ୍ମରେ କେ.କେ. ମେନନ୍ ପ୍ରତିପାଦିତ କରିଛନ୍ତି ।

ଚଳଚ୍ଚିତ୍ରର କାହାଣୀର ରଚୟିତା ଚଳିତ ବର୍ଷର ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହେଇଛନ୍ତି । "ଦି ଲାଷ୍ଟ ଚାପ୍ଟର" ର ମୁଖ୍ୟ ଚରିତ୍ର ହେଉଛନ୍ତି ଡ. ବିନାୟକ ସତ୍ୟା ଯେ କି ଜଣେ ଜଣାଶୁଣା ସାମାଜିକ କର୍ମୀ ସର୍ବଦା ମହିଳା ମାନଙ୍କ ସମସ୍ୟା ବିଷୟରେ ସ୍ୱର ଉତୋଳନ କରନ୍ତି । ଚଳଚ୍ଚିତ୍ରର ଅନ୍ୟ ଜଣେ ଚରିତ୍ର "ରୋଶନୀ" ଯେ କି ଡ.ସତ୍ୟା ଙ୍କ ଜଣେ ଅବୈଧ କନ୍ୟା ଏବଂ ଜଣେ ଯୌନକର୍ମୀ । ଜୀବନର ଅନେକ ଘଟଣା ଚକ୍ରରେ ରୋଶନୀର ଡ.ସତ୍ୟାଙ୍କ ସହ ମୁହାଁମୁହିଁ ହୁଏ, ଯେଉଁଥିରେ ବାଙ୍ଗଲାଦେଶୀ ପ୍ରବାସୀଙ୍କ ପ୍ରତି ରହିଥିବା ଡ.ସତ୍ୟାଙ୍କର ନୈତିକତାର ଅଭାବ ବାରି ହୋଇଯାଏ । ଏହି ସଂପର୍କରେ ପରନୋଡ ରିକାର୍ଡ ଇଣ୍ଡିଆର ମୁଖ୍ୟ ବିପଣନ ଅଧିକାରୀ କାର୍ତିକ ମହିନ୍ଦ୍ରା କୁହନ୍ତି ଯେ, କ୍ଷୁଦ୍ର ଚଳଚିତ୍ର ଶିଳ୍ପର ନାଟକୀୟ ଅଭିବୃଦ୍ଧି ଘଟିଛି । ରୟାଲ ଷ୍ଟାଗ୍ ବ୍ୟାରେଲ ସିଲେକ୍ଟ ଲାର୍ଜସଟ୍ ଫିଲ୍ମ ଦର୍ଶକଙ୍କ ମଧ୍ୟରେ ପରିବର୍ତନ ଆଣିବାରେ ଆଗରେ ରହିବ । ଆମର ପ୍ଲାଟଫର୍ମରେ "ଦି ଲାଷ୍ଟ ଚାପ୍ଟର" ର ଶୁଭ ମୁକ୍ତିକୁ ନେଇ ବେଶ୍ ଉତ୍ସାହିତ ।

ରୟାଲ ଷ୍ଟାଗ୍ ବ୍ୟାରେଲ୍ 'ମେକ୍ ଇଟ୍ ପରଫେକ୍ଟ' ଉପରେ ବିଶ୍ୱାସ କରିଥାଏ । ଏହା ବଲିଉଡ୍‌ର ସୃଜନଶୀଳ ନିର୍ଦ୍ଦେଶକଙ୍କୁ ମୁଖ୍ୟସ୍ରୋତରେ ସାମିଲ୍ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ରୟାଲ ଷ୍ଟାଗ୍ ବ୍ୟାରେଲ୍ ଏକ ସଫଳ ପ୍ଲାଟଫର୍ମ ଭାବରେ ବେଶ୍ ଖ୍ୟାତି ହାସଲ କରିପାରିଛି ଏବଂ ଫିଲ୍ମ ନିର୍ମାତାଙ୍କୁ ପ୍ରୋତ୍ସାହିତ କରିପାରୁଛି ।

ରୟାଲଷ୍ଟାଗ୍ କ୍ଷୁଦ୍ର ଫିଲ୍ମ ଶୁଭମୁକ୍ତ କାର୍ଯ୍ୟ ଜାରି ରଖିଛି । ଇତି ମଧ୍ୟରେ ଏହା ଦ୍ୱାରା ଅହଲ୍ୟା, ଇଂଟରିଅର୍ କେଫ୍-ନାଇଟ୍, ଓଉଚ୍, ଚଟ୍‌ନି, ଅନୁକୂଳ, ମୁମ୍ବାଇ ବାରାଣସୀ ଏକ୍ସପ୍ରେସ୍, ଖୁଲ୍ ୱାଲି ଚିଠି, ଦି ସ୍କୁଲ ବ୍ୟାଗ୍, ବ୍ରୁନୋ ଆଣ୍ଡ୍ ଜୁଲିଏଟ୍, ଶୁନ୍ୟତା, ଜୁଇସ୍, ମା', ଚୁରୀ, ହର୍ ଫାଷ୍ଟ୍ ଟାଇମ୍, ଇକତରଫା ଆଦି ଚଳଚ୍ଚିତ୍ର ଶୁଭମୁକ୍ତି ହୋଇ ପାରିଛି ।

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK ପର୍ଯ୍ୟବେକ୍ଷକ

ଅଚ୍ୟୁତ ସାମନ୍ତ ଭାରତୀୟ ଭଲିବଲ୍ ଫେଡେରେସନ୍‌ର ମୁଖ୍ୟ ପୃଷ୍ଠପୋଷକ ମନୋନୀତ

68th Senior
Volley
Champion
Men &

ଭୁବନେଶ୍ୱର, ୨୧(ପିଏନ): କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଭାରତୀୟ ଭଲିବଲ୍ ଫେଡେରେସନ୍‌ର ମୁଖ୍ୟ ପୃଷ୍ଠପୋଷକ ମନୋନୀତ ହୋଇଛନ୍ତି। ଗୁରୁବାର କିଟ୍ ପରିସରରେ ଅନୁଷ୍ଠିତ ୬୮ତମ ବରିଷ୍ଠ ଜାତୀୟ ଭଲିବଲ୍ (ପୁରୁଷ ଓ ମହିଳା) ଚାମ୍ପିଅନ୍‌ସିପ ୨୦୧୯ର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଫେଡେରେସନ୍‌ର ମହାସଚିବ ରାମଅବତାର ସିଂହ ଝାକର ଘୋଷଣା କରିଛନ୍ତି। ଭାରତୀୟ ଭଲିବଲ୍ ଫେଡେରେସନ୍‌ର କାର୍ଯ୍ୟକାରୀ କମିଟି ନିଷ୍ପତ୍ତି ନେବା ପରେ ଏଥିପାଇଁ ଶ୍ରୀ ସାମନ୍ତଙ୍କୁ ଅନୁରୋଧ କରିଥିଲେ। ଏଥିରେ ଶ୍ରୀ ସାମନ୍ତଙ୍କ ସମ୍ମତି ପରେ ତାଙ୍କୁ ଫେଡେରେସନ୍‌ର ମୁଖ୍ୟ ପୃଷ୍ଠପୋଷକ ଘୋଷଣା କରାଯାଇଛି। କ୍ରୀଡ଼ା କ୍ଷେତ୍ରରେ ଶ୍ରୀ ସାମନ୍ତଙ୍କ ଉଲ୍ଲେଖନୀୟ ଅବଦାନ ଓ କ୍ରୀଡ଼ା ଓ କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହନକୁ ଦୃଷ୍ଟିରେ ରଖି ଫେଡେରେସନ୍ ତାଙ୍କୁ ମୁଖ୍ୟ ପୃଷ୍ଠପୋଷକ ଭାବେ ମନୋନୀତ କରିଛନ୍ତି। ଶ୍ରୀ ସାମନ୍ତଙ୍କ ପୃଷ୍ଠପୋଷକତାରେ ଭାରତୀୟ ଭଲିବଲ୍ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ନୂତନ କୀର୍ତ୍ତିମାନ ସ୍ଥାପନ କରିବ ବୋଲି ଶ୍ରୀ ଝାକର କହିଥିଲେ। ଭାରତୀୟ ଭଲିବଲ୍ ଫେଡେରେସନ୍‌ର ବିକାଶ ନିମନ୍ତେ ଫେଡେରେସନ୍ ପକ୍ଷରୁ ଯେଉଁ ସବୁ କାର୍ଯ୍ୟକ୍ରମ ହାତକୁ ନିଆଯିବ ସେସବୁ ପାଇଁ ଶ୍ରୀ ସାମନ୍ତଙ୍କ ପରାମର୍ଶ ଗ୍ରହଣ କରାଯିବ। ଏହା ବ୍ୟତୀତ ଭଲିବଲ୍‌ର ବିକାଶ ନିମନ୍ତେ ଶ୍ରୀ ସାମନ୍ତ ଯେଉଁ ସବୁ ପରାମର୍ଶ ଦେବେ ତାହାକୁ ଫେଡେରେସନ୍ ପକ୍ଷରୁ କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀ ଝାକର କହିଥିଲେ। ଏଥିରେ ଖୁସି ବ୍ୟକ୍ତ କରି ଶ୍ରୀ ସାମନ୍ତ କହିଲେ, ତାଙ୍କୁ ଭାରତୀୟ ଭଲିବଲ୍ ଫେଡେରେସନ୍‌ର ମୁଖ୍ୟ ପୃଷ୍ଠପୋଷକ ମନୋନୀତ କରାଯାଇଥିବାରୁ ଭଲିବଲ୍ ଫେଡେରେସନ୍‌କୁ ଧନ୍ୟବାଦ ଦେବା ସହ ଭାରତୀୟ ଦଳ ଅଲିମ୍ପିକ୍‌ରେ କିଭଳି ସଫଳତା ହାସଲ କରିବ ସେ ଦିଗରେ ଚେଷ୍ଟା କରିବେ।

ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍ ପକ୍ଷରୁ ଦକ୍ଷତା ସଂପ୍ରସାରଣ ପାଇଁ ଆଉ ୭୦୦ କୋଟି ନିବେଶ କରାଯିବ

ଭୁବନେଶ୍ୱର: ହୋମ୍ ଆପ୍ଲାଏନ୍‌ସେସ୍ କ୍ଷେତ୍ରରେ ଦେଶର ଅଗ୍ରଣୀ ସଂସ୍ଥା ଗୋଦରେଜ୍ ଆପ୍ଲାଏନ୍‌ସେସ୍ ପକ୍ଷରୁ ଆସନ୍ତା ୨୦୨୨ ସୁଦ୍ଧା ଆଉ ୭୦୦ କୋଟି ଟଙ୍କା ନିବେଶ କରାଯିବ। ଏହି ନିବେଶ ଜରିଆରେ କଂପାନି ଏହାର ବାର୍ଷିକ ଆପ୍ଲାଏନ୍‌ସେସ୍‌ଉତ୍ପାଦନ କ୍ଷମତାକୁ ୬୫ ଲକ୍ଷ ୟୁନିଟ୍‌କୁ ବଢ଼ାଇବାକୁ ଲକ୍ଷ୍ୟ ରଖିଛି। କଂପାନି କେବଳ ଦକ୍ଷତା ବଢ଼ାଇବା ନୁହେଁ ବରଂ ନୂତନ ପ୍ରଯୁକ୍ତି ସାମିଲ କରିବା ଉପରେ ଗୁରୁତ୍ୱ ଦେବ। ଏହି ନୂତନ ପୁଞ୍ଜିନିବେଶ ଘୋଷଣା ସହିତ ପ୍ରଯୁକ୍ତି ଓ ଦକ୍ଷତା ସଂପ୍ରସାରଣରେ ଗୋଦରେଜ୍ ଆପ୍ଲାଏନ୍‌ସେସ୍‌ର ମୋଟ ନିବେଶ ପରିମାଣ ବିଗତ ୬ ବର୍ଷ ଭିତରେ ୧୧୦୦ କୋଟି ଟଙ୍କାରେ ପହଂଚିଛି। ୱାସିଂ ମେସିନ ପ୍ରତି ଗ୍ରାହକଙ୍କ ଜବରଦସ୍ତ ସମର୍ଥନକୁ ଦୃଷ୍ଟିରେ ରଖି କଂପାନି ପକ୍ଷରୁ ଏହା ଉଭୟ ସମ୍ପୂର୍ଣ୍ଣ ସ୍ୱୟଂ ଚାଳିତ ଓ ଟପ୍ ଲୋଡିଂ ୱାସିଂ ମେସିନ, ସେମି-ଅଟୋମେଟିକ୍ ୱାସିଂ ମେସିନ୍ କ୍ଷମତାକୁ ଏହାର ସିରୱାଲ ଓ ମୋହାଲି କାରଖାନାରେ ଦ୍ୱିଗୁଣିତ କରାଯିବ। କଂପାନି ତରଫରୁ ୪ ଲକ୍ଷ ୟୁନିଟ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଏକ ସମ୍ପୂର୍ଣ୍ଣ ସ୍ୱୟଂ ଚାଳିତ ଫ୍ରଂଟ୍ ଲୋଡିଂ ୱାସିଂଙ୍ଗ ମେସିନ୍ କ୍ଷମତାକୁ ଯୋଗ କରାଯିବ। ରେଫ୍ରିଜେରେଟର ବର୍ଗରେ କଂପାନି ଏହାର ଉଭୟ ପ୍ରିମିୟମ୍ ଓ ମାସ ବର୍ଗରେ ୩୩% ବୃଦ୍ଧି ଆଣିବାକୁ ଲକ୍ଷ୍ୟ ରଖିଛି। ଏହା ଜରିଆରେ ଚେଷ୍ଟ୍ ଫ୍ରିଜର୍ ଓ କମ୍ପ୍ରେସର କ୍ଷମତାକୁ ୩୦ ଲକ୍ଷ ୟୁନିଟ୍‌କୁ ବୃଦ୍ଧି କରାଯିବ। ଏହି ନିବେଶର କିଛି ଅଂଶକୁ ସିରୱାଲ୍‌ରେ ଥିବା ଏସି କାରଖାନାରେ ମଧ୍ୟ ବିନିଯୋଗ କରାଯିବ। ଏ ସଂକ୍ରାନ୍ତରେ ଶ୍ରୀଯୁକ୍ତ କମଳ ନନ୍ଦୀ, ବ୍ୟବସାୟ ମୁଖ୍ୟ ଓ ଇଭିପି, ଗୋଦରେଜ୍ ଆପ୍ଲାଏନ୍‌ସେସ୍ କହିଛନ୍ତି ଯେ, "ଆମେ ସବୁବେଳେ ନୂତନତ୍ୱ ଓ ଗ୍ରାହକଙ୍କୁ ଖୁସି କରିବାରେ ଆଗରେ ରହିଛୁ। ଶିଳ୍ପରେ କିଛିଟା ମନ୍ଥର ସ୍ଥିତି ରହିବା ସତ୍ତ୍ୱେ ଆମେ ଅତୀତରେ ଭଲ ଅଭିବୃଦ୍ଧି ପ୍ରଦର୍ଶନ କରିଛୁ ଏବଂ ଆମେ ଏହାକୁ ଜାରି ରଖିବାକୁ ଉଦ୍ୟମ କରିବୁ। ଏହି ନିବେଶ ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍‌ର ଦକ୍ଷତାକୁ ବଢ଼ାଇବ ଏବଂ ଅତୁଳନୀୟ ଉତ୍ପାଦ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ ଏବଂ ମେକ୍ ଇନ୍ ଇଣ୍ଡିଆ ପ୍ରତି ଆମକୁ ଜଡ଼ିତ କରିବ। ଏହି ସଂପ୍ରସାରଣ ଜରିଆରେ ଆମେ ଗୋଦ୍‌ରେଜ୍ ବ୍ରାଣ୍ଡ୍‌କୁ ଆମର ମାନୁଫାକ୍‌ଚରିଂ ବିଶେଷତାକୁ ବ୍ୟବହାର କରି ନୂତନଶିଖରେ ପହଂଚାଇବାକୁ ଚାହୁଁଛୁ। ଏହି ପ୍ରସ୍ତାବିତ ସଂପ୍ରସାରଣ ଥରେ ଶେଷ ହୋଇଯିବା ପରେ ଆମକୁ ଭାରତୀୟ ଗ୍ରାହକଙ୍କ ପ୍ରିମିୟମ୍ ଉତ୍ପାଦ ଚାହିଦାକୁ ଠିକ୍ ଭାବେ ପୂରଣ କରିବାରେ ସହାୟକ ହୋଇପାରିବ।"

୫-ଟି ଯୋଗୁଁ କୋରାପୁଟରେ ସ୍ୱାସ୍ଥ୍ୟସେବା ସୁଧୁରିଛି

ଭୁବନେଶ୍ୱର: ରାଜ୍ୟରେ ୫- ଟି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବା ପରେ କୋରାପୁଟରେ ସ୍ୱାସ୍ଥ୍ୟସେବା ସୁଧୁରିଛି। ୫-ଟି ସଚିବ ଡାକ୍ତରଖାନା ବୁଲି ରୋଗୀଙ୍କ ମତ ନେବା ଦ୍ୱାରା ଏହା ହୋଇପାରିଛି। ଏହା ଦ୍ୱାରା ସାଧାରଣ ଲୋକେ ଉପକୃତ ହେଉଛନ୍ତି ବୋଲି କହି ବିଧାନସଭା ଅଧିବେଶନରେ ସରକାରଙ୍କ ୫ଟି କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଧନ୍ୟବାଦ ଜଣାଇଛନ୍ତି। ୫- ଟି ଟିମ୍ ସାରା ରାଜ୍ୟର ଡାକ୍ତରଖାନା ବୁଲି ସ୍ୱାସ୍ଥ୍ୟସେବା ସମ୍ପର୍କିତ ମତ ନେବା ଦ୍ୱାରା ସାଧାରଣ ଲୋକେ ଉପକୃତ ହେଉଛନ୍ତି ବୋଲି ତାରା ପ୍ରସାଦ ବାହିନୀପତି କହିଛନ୍ତି।

ହୋମ୍‌ଟାଉନ୍ ପକ୍ଷରୁ ଆକର୍ଷଣୀୟ ଇୟର ଏଣ୍ଡ୍ ସେଲ୍

ଭୁବନେଶ୍ୱର: ଭାରତର ଲୋକପ୍ରିୟ ହୋମ୍‌ଷ୍ଟୋର, ହୋମ୍‌ଟାଉନ୍‌ର ଲୋକପ୍ରିୟ 'ଇୟର ଏଣ୍ଡ୍ ସେଲ୍' ପୁଣି ଥରେ ଭୁବନେଶ୍ୱର, ସତ୍ୟନଗରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ସାମ୍ନାରେ ଥିବା ଏହାର ଷ୍ଟୋର୍‌କୁ ବଡ ଧମାକା ସହ ଫେରିଆସିଛି। ଏହି ହୋମ୍ ଟାଉନ୍ ଷ୍ଟୋର୍ ଭାରତରେ କମ୍ପାନୀର ସର୍ବବୃହତ୍ ଷ୍ଟୋର୍ ମଧ୍ୟରୁ ଅନ୍ୟତମ; ଏହି ଷ୍ଟୋର୍‌ଟି ୩୫,୦୦୦ ବର୍ଗଫୁଟ୍ ପରିମିତ ଅଂଚଳରେ ବ୍ୟାପି ରହିଥିବାବେଳେ ଏଠାରେ ଆଧୁନିକ ଆସବାବପତ୍ର, ହୋମଓ୍ୱାର, ଇଲେକ୍‌ଟ୍ରୋନିକ୍ସ, ମଡ୍ୟୁଲାର କିଚେନ୍ ଓ ମଡ୍ୟୁଲାର ୱାରଡ୍ରବସ ଆଦିରେ ଟ୍ରେଣ୍ଡି ଡିଜାଇନ୍‌ର ବ୍ୟାପକ ସଂଗ୍ରହ ଗୋଟିଏ ଛାତ ତଳେ ମହଜୁଦ୍ ରହିଛି। ଏହି ଷ୍ଟୋର ଆହୁରି ମଧ୍ୟ ସ୍ୱତନ୍ତ୍ର ଏଣ୍ଡ-ଟୁ-ଏଣ୍ଡ ଇଂଟେରିୟର ଡିଜାଇନ୍, ପ୍ରୋଜେକ୍ଟ ଏକ୍‌ଜିକ୍ୟୁସନ୍ ସର୍ଭିସ୍ ଡିଜାଇନ୍ ଓ ବିଲ୍ଡ ଆଦିର ସୁବିଧା ପ୍ରଦାନ କରୁଛି। ଯାହାଫଳରେ ଗ୍ରାହକମାନେ ନିଜ ଘର ଡିଜାଇନ୍ କରିବା ପାଇଁ ଏହାର ଲାଭ ଉଠାଇପାରିବେ।ଆସବାବପତ୍ର କଲେକ୍ସନରେ ଅତୁଳନୀୟ ଅଫର୍ ସହ ଏହି ହୋମ୍‌ଟାଉନ୍ ଷ୍ଟୋର୍‌ରେ ପାରମ୍ପରିକଠାରୁ ଆରମ୍ଭ କରି ଆଧୁନିକ ପର୍ଯ୍ୟନ୍ତ ସମସ୍ତ ପ୍ରକାରର ଡିଜାଇନ୍‌କୁ ସୁଟ୍ କରୁଥିବା ଲିଭିଙ୍ଗ୍ ରୁମ୍, ଡାଇନିଂ ରୁମ୍, ବେଡ୍‌ରୁମ୍ ଫର୍ଣ୍ଣିଚର୍‌ର ବ୍ୟାପକ ତଥା ବହୁମୁଖୀ ରେ ଉପଲବ୍ଧ ରହିଛି। ଏହି ଷ୍ଟୋର ଦୈନନ୍ଦିନ ଆବଶ୍ୟକତା ପୂରଣ କରିବା ପାଇଁ ମଧ୍ୟ ଫର୍ଣ୍ଣିଚରର ଏକ ବ୍ୟାପକ କଲେକ୍ସନ ଉପଲବ୍ଧ କରୁଛି। କମ୍ ଅର୍ଥ ପଇଠ କରନ୍ତୁ ଏବଂ ହୋମ୍‌ଟାଉନ୍‌ର ଅତୁଳନୀୟ ହୋମ୍‌ୱେୟାର କଲେକ୍ସନରେ ଅଧିକ କିଛି ପାଆନ୍ତୁ, ଯାହାକି ଆ'ର୍ଜାତୀୟ ଟ୍ରେଣ୍ଡ୍‌ର ଆଧୁନିକ ଡେକର୍, ଫର୍ଣ୍ଣିସିଙ୍ଗ୍, ଟେବୁଲଓ୍ୱାର, ଗ୍ଲାସ୍‌ଓ୍ୱାର, କୁକ୍‌ଓ୍ୱାର ଓ କିଚେନ୍ ଏସେନ୍‌ସିଆଲ୍ସ ପ୍ରଦାନ କରୁଛି। ଡେକୋର୍ ଓ ହୋମ୍ ଫ୍ୟାସନ୍‌ରେ ୫୦୦୦ରୁ ଅଧିକ ଡିଜାଇନ୍ ସହ ଏହି ଷ୍ଟୋର ଘରର ପ୍ରତ୍ୟେକଟି କୋଣ ଅନୁକୋଣ ପାଇଁ କିଛି ସ୍ୱତନ୍ତ୍ର ସାମଗ୍ରୀ ଉପଲବ୍ଧ ରଖିଛି। ଏଥିସହିତ ହୋମ୍‌ଟାଉନ୍‌ର ମଡ୍ୟୁଲାର୍ ସର୍ଭିସ୍ କିଚେନ୍ ଓ ୱାରଡ୍ରବସ ପାଇଁ କଷ୍ଟମାଇଜଡ ମଡ୍ୟୁଲାର ସଲ୍ୟୁସନ୍ସ ପ୍ରଦାନ କରୁଛି, ଯେଉଁଠାରେ ଗ୍ରାହକମାନେ ଇନ୍-ହାଉସ୍ ଡିଜାଇନର୍‌ଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିବା ୧୦୦୦ରୁ ଅଧିକ ଷ୍ଟାଇଲ୍ ଓ ଡିଜାଇନ୍‌ରୁ ଚୟନ କରିପାରିବେ। ହୋମ୍‌ଟାଉନ୍‌ର ମଡ୍ୟୁଲାର କିଚେନ୍‌ର ଇନ୍-ହାଉସ୍ ବ୍ରାଣ୍ଡ୍ ଓ ଡ୍ୟୁରାକ୍ୟୁସିନ୍ ଆଦିରେ ୫ ବର୍ଷର ସର୍ବନିମ୍ନ ୱାରେଂଟି ସହ ମାଗଣା ସର୍ଭିସ୍ କ୍ୟାମ୍ପ ସୁବିଧା ପ୍ରଦାନ କରୁଛି। ହୋମ୍‌ଟାଉନ୍ ଦେଶବ୍ୟାପୀ ବର୍ତ୍ତମାନସୁଦ୍ଧା ସଫଳତାର ସହ ୫୦,୦୦୦ରୁ ଅଧିକ କିଚେନ୍ ଡିଜାଇନ୍ କରିଛି। ଏହି ବ୍ରାଣ୍ଡ ଡିଜାଇନ୍ ଓ ବିଲ୍ଡ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସେବା ମଧ୍ୟ ପ୍ରଦାନ କରୁଛି ଯେଉଁଥିରେ ଘରଗୁଡିକ ପାଇଁ ଏଣ୍ଡ-ଟୁ-ଏଣ୍ଡ୍ କଷ୍ଟମାଇଜଡ ଇଂଟେରିୟର ଡିଜାଇନ୍ ଓ ଏକ୍‌ଜିକ୍ୟୁସନ୍ ସଲ୍ୟୁସନ୍ସ ଆଦି ସାମିଲ ରହିଛି। ଗ୍ରାହକମାନେ ହୋମ୍‌ଟାଉନ୍‌ର ଏକ ସମ୍ପୂର୍ଣ୍ଣ ପ୍ରକଳ୍ପ ପରିଚାଳନା ଟିମ୍ ସହ ଇନ୍-ହାଉସ୍ ଇଂଟେରିୟର ଡିଜାଇନର୍‌ଙ୍କଠାରୁ ପର୍ସନାଲାଇଜଡ ଡିଜାଇନ୍ ସଲ୍ୟୁସନ୍ ସୁବିଧା ପାଇପାରିବେ। ଫ୍ୟୁଚର ଗ୍ରୁପ୍‌ର ଏକ ଅଂଶଭାବେ ହୋମ୍‌ଟାଉନ୍‌ର ଭାରତରେ ୨୩ଟି ସହରରେ ୫୧ଟି ଷ୍ଟୋର୍ ରହିଛି ଏବଂ ଦେଶବ୍ୟାପୀ ୭୦ ଲକ୍ଷରୁ ଅଧିକ ଗ୍ରାହକ ଷ୍ଟୋର୍‌ର ଏହି ଆକର୍ଷଣୀୟ ଅଫର୍‌ର ଲାଭ ଉଠାଇପାରିବେ। ଏହି ବ୍ରାଣ୍ଡ ନିଜର ବେଷ୍ଟ ଇନ୍ କ୍ଲାସ୍ ଗ୍ରାହକ ଅଭିଜ୍ଞତା ଏବଂ ମାଗଣା ଡେଲିଭରି, ସେମ୍ ଡେ ଇନ୍‌ଷ୍ଟଲେସନ୍, ମାଗଣା ସର୍ଭିସ୍ କ୍ୟାମ୍ପ, ଫର୍ଣ୍ଣିଚରର ଜୀବନବ୍ୟାପୀ ରକ୍ଷଣାବେକ୍ଷଣ ଓ ଅନ୍ ଟାଇମ୍ ଡେଲିଭରି ଭଳି ବିକ୍ରି ପରବର୍ତ୍ତୀ ସେବା ପାଇଁ ଜଣାଶୁଣା।

ବିଧାନସଭା ପରିସରରେ ଡ. ହରେକୃଷ୍ଣ ମହତାବଙ୍କ ଶ୍ରାଦ୍ଧଦିବସ ପାଳିତ

ଭୁବନେଶ୍ୱର, (ପିଏନ)- ଓଡ଼ିଶା ବିଧାନସଭା ଆନୁକୂଲ୍ୟରେ ଗୁରୁବାର ଡ. ହରେକୃଷ୍ଣ ମହତାବଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଧାନସଭା ପରିସରରେ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭା ପ୍ରାଙ୍ଗଣରେ ବିଶିଷ୍ଟ ଜନନେତା ଉତ୍କଳକେଶରୀ ଡ. ମହତାବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବାଚସ୍ପତି ଡ. ପାତ୍ର, ଉପବାଚସ୍ପତି ଶ୍ରୀ ରଜନୀକାନ୍ତ ସିଂହ, ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ, ସରକାରୀ ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକଙ୍କ ସମେତ ବିଧାନସଭାର ସଦସ୍ୟ, ପୂର୍ବତନ ସଦସ୍ୟ, ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଏହି ମହାନ ବରପୁତ୍ରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶାଶ୍ୱତି ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ଉତ୍କଳକେଶରୀଙ୍କ ସ୍ମୃତିରେ ଏକ ସଙ୍ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାନସଭା ସଚିବ ଦାଶରଥୀ ଶତପଥୀ ଓ ବିଧାନସଭାର କର୍ମଚାରୀମାନେ ଉପସ୍ଥିତ ଥିଲେ। ଯୁଗ୍ମ ନିର୍ଦ୍ଦେଶକ (ଗବେଷଣା) ଶିବ ପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ।



ଚେନ୍ନାଇ ନେଟରେ ମହେନ୍ଦ୍ର ସିଂ ଧୋନୀଙ୍କ ସହ ଆଲୋଚନା କରୁଛନ୍ତି ଆର୍ ସାଇ କିଶୋରେ

'ଆଶା ପ୍ରଦୀପ' ପକ୍ଷରୁ ସମ୍ବାଦିକ ସୁରକ୍ଷା ଓ ନିରାପତ୍ତା ଶୀର୍ଷକ ଆଲୋଚନଚକ୍ର ଅନୁଷ୍ଠିତ

ଆଶାପ୍ରଦୀପ ସମ୍ବାଦପତ୍ର

ଭୁବନେଶ୍ୱର,(ପିଏନ)-ସମ୍ବାଦପତ୍ର ଆଶା ପ୍ରଦୀପ ପକ୍ଷରୁ ସମ୍ବାଦିକ ସୁରକ୍ଷା ଓ ନିରାପତ୍ତା ଶୀର୍ଷକ ଆଲୋଚନଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଶା ପ୍ରଦୀପର ସଂପାଦିକା ବ୍ରାହ୍ମୀପ୍ରିୟା ସାମନ୍ତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ସାମ୍ବାଦିକ ରବି ଦାସ, ପ୍ରଦୋଷ ପଟ୍ଟନାୟକ, ପୌରୁଷର ସଂପାଦକ ଅସିତ ମହାନ୍ତି, ପବିତ୍ର ସାମନ୍ତରାୟ, ମହେଶ ଶର୍ମା, ଲେନିନ୍ ମହାନ୍ତି, ଆଇନଜୀବୀ ସଂଗୀତା ପଟ୍ଟନାୟକ,ଜିମୂତ ମଙ୍ଗରାଜ, କିଶୋର ଦ୍ୱିବେଦୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଜିମୂତ ପଟ୍ଟନାୟକଙ୍କ ଶ୍ରେଷ୍ଠ ସାମ୍ବାଦିକ ଗୌରବ ସମ୍ମାନ ପ୍ରଦାନ କରାଯିବା ସହିତ ଅସିତ ମହାନ୍ତି ଓ ବିଜୟ କୁମାର ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଆଶା ପ୍ରଦୀପର ବିଶେଷ ସଂଖ୍ୟା ଉନ୍ମୋଚନ ସହ ୱେବ ଚ୍ୟାନେଲର ଲୋକାର୍ପଣ କରାଯାଇଥିଲା।

ଓଇସି କର୍ମଚାରୀଙ୍କ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର: ଦରମା ଓ ଗ୍ରାଚ୍ୟୁଇଟି ପ୍ରଦାନ ଦାବିରେ ଆନ୍ଦୋଳନ ଚଳାଇଥିବା ଓଡ଼ିଶା ଇଞ୍ଜିନିୟରିଂ କଲେଜ ଏମ୍ପ୍ଲଇଜ୍ ୟୁନିୟନ ପକ୍ଷରୁ ସ୍ୱଳ୍ପ ଦିନ ପାଇଁ ଏହାକୁ ସ୍ଥଗିତ ରଖାଯାଇଛି। କିଛି ମାସର ଦରମା ଦିଆଯିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଦିଲ୍ଲୀପ ମହାନ୍ତିଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିବା ଓଡ଼ିଶା ଇଞ୍ଜିନିୟରିଂ କଲେଜର କର୍ମଚାରୀଙ୍କ ବିଭିନ୍ନ ଦାବି ନେଇ ଓଡ଼ିଶା ଇଞ୍ଜିନିୟରିଂ କଲେଜ ଏମ୍ପ୍ଲଇଜ୍ ୟୁନିୟନ ପକ୍ଷରୁ ଆଜି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଆତ୍ମାହୂତି ଦେବେ ବୋଲି କହିଥିଲେ। ତେବେ ୟୁନିୟନ ପକ୍ଷରୁ ନବୀନ ନିବାସ ନିକଟ ପଲାସପଲ୍ଲୀ ଛକଠାରେ ବିକ୍ଷୋଭ କରାଯିବା ସହ ସ୍ୱଳ୍ପ ଦିନ ପାଇଁ ଏହି ଆନ୍ଦୋଳନ ସ୍ଥଗିତ ରଖା ଯାଇଛି ବୋଲି ୟୁନିୟନର ସମ୍ପାଦକ ଅଙ୍ଗଦ କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି।ଏମ୍ପ୍ଲଇଜ୍ ୟୁନିୟନ ପକ୍ଷରୁ ଆନ୍ଦୋଳନକାରୀମାନେ ସୋମବାର ସକାଳୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଅଗ୍ରସର ହୋଇଥିବା ବେଳେ ପୁଲିସ ପକ୍ଷରୁ ଏହାକୁ ବାରଣ କରାଯାଇଥିଲା। ପରେ ୟୁନିୟନର ସଭାପତି ସୁରେଶ କୁମାର ରାଉତରାୟ ଓ ୧୧ଜଣ ସଭ୍ୟ ସଚିବାଳୟ ଯାଇ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଦିଲ୍ଲୀପ ମହାନ୍ତିଙ୍କ ସହ ଆଲୋଚନା କରିଥିଲେ। ତେବେ କିଛି ମାସର ଦରମା ଦିଆଯିବା ପାଇଁ କଲେଜ କର୍ତ୍ତୃପକ୍ଷଙ୍କୁ କୁହାଯିବା ସହ ଅନ୍ୟ ପଦକ୍ଷେପ ଦିଆଯିବ ବୋଲି ଶ୍ରୀ ମହାନ୍ତି ପ୍ରତିଶୃତି ଦେଇଥିଲେ।

ନୂତନ ଭିଭୋ ୟୁ-୨୦ ପ୍ରଭାବଶାଳୀ ପ୍ରଦର୍ଶନ ପ୍ରତିଶୃତି ନେଇ ବଜାରରେ ଉପଲବ୍ଧ

ଭୁବନେଶ୍ୱର : ୨୮ ନଭେମ୍ବର ୨୦୧୯ ରେ ମଧ୍ୟାହ୍ନ ୧୨.୦୦ଠାରୁ ଆମାଜନ.ଇନ ଏବଂ ଭିଭୋ ଇଣ୍ଡିଆ ଇ-ଷ୍ଟୋର ରେ ଉପଲବ୍ଧ ବିଶ୍ୱର ଅଭିନବ ସ୍ମାର୍ଟଫୋନ ବ୍ରାଣ୍ଡ ଭିଭୋ ଏହାର ୟୁ-ସିରଜରେ ନୂତନ ୟୁ-୨୦ର ଶୁଭାରମ୍ଭ ଘୋଷଣା କରିଛନ୍ତି। ନୂତନ ପିଢି ପାଇଁ କମ୍ପାନୀ ପକ୍ଷରୁ ୟୁ-୧୦ର ସଫଳତା ପରେ ଦ୍ୱିତୀୟ ସ୍ମାର୍ଟଫୋନ ଭାବରେ ୟୁ-୨୦ର ଡିଜାଇନ କରିଛନ୍ତି। ଏହି ନୂତନ ସ୍ମାର୍ଟଫୋନ ରେ କ୍ୱାଲକମ ସ୍ନାପଡ୍ରାଗନ ୬୭୫ ଯାହା ୪ର୍ଥ ଜେନେରେସନ କ୍ରିୟୋ ସିପିୟୁ ଏବଂ ଷଷ୍ଠ ଜେନେରେସନ ଆଡ୍ରେନୋ ଦ୍ୱାରା ସୁସଜ୍ଜିତ। ଏଥିରେ ୫୦୦୦ ଏମଏଏଚ୍ ବ୍ୟାଟେରୀ ବ୍ୟବହାର ହୋଇଛି ଯାହା ୧୮ଡବ୍ଲୁ ଫାଷ୍ଟ ଚାର୍ଜର ସହ ଉପଲବ୍ଧ। ଏହି ହ୍ୟାଣ୍ଡସେଟ ଦୁଇଟି ସଂସ୍କରଣ ୪ଜିବି+୬୪ଜିବି ଏବଂ ୬ଜିବି+୬୪ଜିବି (ଉଭୟ ରେ ଷ୍ଟୋରେଜ ସମ୍ପ୍ରସାରଣ କରିହେବ) ଦୁଇଟି ଆକର୍ଷଣୀୟ ରଙ୍ଗ ରେସିଂ ବ୍ଲାକ ଏବଂ ବ୍ଲଜ ବ୍ଲୁ ପାଇସଡ ୧୦୯୯୦ଟଙ୍କା ଏବଂ ୧୧୯୯୦ ଟଙ୍କା ରେ ଉପଲବ୍ଧ। ଏହି ହ୍ୟାଣ୍ଡସେଟ ଭାରତ ବଜାରରେ ନଭେମ୍ବର ୨୮ ତାରିଖ ମଧ୍ୟାହ୍ନ ୧୨ ଟା ଠାରୁ ଆମାଜନ.ଇନ ଏବଂ ଭିଭୋ ଇଣ୍ଡିଆ ଇ-ଷ୍ଟୋର ରେ ମିଳିପାରିବ। ଗ୍ରାହକମାନେ ଭିଭୋ ୟୁ-୨୦କ୍ରୟ ଉପରେ ଅନେକ ଆକର୍ଷଣୀୟ ଅଫର ପାଇ ପାରିବେ। ତନ୍ମଧ୍ୟରେ ପ୍ରିପେଡ ଅର୍ଡର ଉପରେ ୧୦୦୦ଟଙ୍କା ଛାଡ, ଛଅ ମାସ ପାଇଁ ନୋ କଷ୍ଟ ଇଏମ୍‌ଆଇ ଏବଂ ୬୦୦୦ ଟଙ୍କା ପର୍ଯ୍ୟନ୍ତ ଜିଓ ଲାଭ ଅନ୍ୟତମ। ଅନ୍ୟାନ୍ୟ ଭିଭୋ ହ୍ୟାଣ୍ଡସେଟ ଭଳି ୟୁ-୨୦ମଧ୍ୟ ମେକ ଇନ ଇଣ୍ଡିଆ ପ୍ରତି ପ୍ରତିଶୃତିବଦ୍ଧ। ଏହା ନଏଡା ସ୍ଥିତ କାରଖାନାରେ ନିର୍ମାଣ କରାଯାଉଛି। ଏହି ହ୍ୟାଣ୍ଡସେଟ ର ଶୁଭାରମ୍ଭ ସମ୍ବନ୍ଧରେ ସୁଚନା ଦେଇ ଭିଭୋ ଇଣ୍ଡିଆର ବ୍ରାଣ୍ଡ ଷ୍ଟ୍ରାଟେଜି ନିର୍ଦ୍ଦେଶକ ନିପୁନ୍ ମାରୟା କହିଛନ୍ତି, 'ଭିଭୋ ୟୁ-୧୦ପ୍ରତି ଆଗ୍ରହ ଦେଖି ଆମେ ୟୁ-୨୦ ଆଣିବାକୁ ଚିନ୍ତକା କରିଥିଲୁ। ଏହି ଶକ୍ତିଶାଳୀ ଫୋନ ୧୨,୦୦୦ ରୁ କମରେ ଉପଲବ୍ଧ ଏବଂ ଏହା ଭାରତୀୟଙ୍କ ପାଇଁ ଖୁବ ଉପଯୋଗୀ ହୋଇପାରିବ।' ଆମାଜନ ଇଣ୍ଡିଆ ର ନିଶାନ୍ତ ସାର୍ଦ୍ଦନା କହିଛନ୍ତି, 'ଭିଭୋ ୟୁ-୧୦ର ସଫଳତା ପରେ ଆମେ ନୂତନ ୟୁ-୨୦କୁ ନେଇ ଖୁବ ଆଶାବାଦୀ।

ରୋଗୀ କଲ୍ୟାଣ ସମିତି ଅସ୍ଥାୟୀ କର୍ମଚାରୀଙ୍କର ମୁଖ୍ୟମନ୍ତ୍ରୀଙ୍କୁ ଚିଠି

କୋରେଇ : ଜିଲ୍ଲାରେ ରୋଗୀ କଲ୍ୟାଣ ସମିତି ଜରିଆରେ ଅସ୍ଥାୟୀ ଭାବେ କାର୍ଯ୍ୟରତ କର୍ମଚାରୀ ମାନେ ସେମାନଙ୍କ ପୁନଃ ସ୍ଥାୟୀ ନିଯୁକ୍ତି ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି।୨୦୧୧ ମସିହାରୁ ରୋଗୀ କଲ୍ୟାଣ ସମିତି ଜରିଆରେ ନିଯୁକ୍ତି ପାଇଁ କାର୍ଯ୍ୟରତ ସମସ୍ତ କର୍ମଚାରୀ ମାନଙ୍କୁ ୨୦୧୮ ଅଗଷ୍ଟ ୧୫ ତାରିଖରୁ ଛଟେଇ କରାଯାଇଛି। ପୂର୍ବରୁ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରୁ ଆଦାୟ ୟୁଜର୍ସ ଫିରୁ ସେମାନଙ୍କୁ ଦରମା ଦିଆଯାଉଥିଲା। ମାତ୍ର ୟୁର୍ଜସ ଫି ବନ୍ଦ ହୋଇଯିବାଯୋଗୁ ସେମାନଙ୍କୁ ଦରମା ମଳିନାହିଁ।

ଜିଲେଟ୍‌ର ଭିନ୍ନ ଏକ ଅଭିଯାନ ମ୍ୟାନ ଏନଫ

ଭୁବନେଶ୍ୱର: ଶହେ ବର୍ଷରୁ ଅଧିକ ବର୍ଷ ଧରି, ଜିଲେଟ୍ ପୁରୁଷଙ୍କୁ ସୁନ୍ଦର ଦେଖାଯିବା, ଅନୁଭବ କରିବା ଓ ସେମାନଙ୍କର ସର୍ବୋତ୍ତମତା ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ଯାତ୍ରାରେ ବ୍ରାଣ୍ଡ ଲଗାତାର ଭାବେ ପୁରୁଷମାନଙ୍କ ବିଷୟରେ ଥିବା ଧାରଣାଗୁଡ଼ିକୁ ବାର୍ବର ସପ ଗାର୍ଲସ ଅଭିଯାନ ମାଧ୍ୟମରେ ଆହ୍ୱାନ ପ୍ରଦାନ କରିଛି। ସେଭିଂ ଷ୍ଟେରିଓ ଟାଇପ୍ସ ଉପରେ ଆଧାରିତ ଜିଲେଟ୍‌ର ଏହି ଅତ୍ୟାଧୁନିକ ଅଭିଯାନରେ ପୁରୁଷମାନେ କାହିଁକି ସେମାନଙ୍କ ଅଶ୍ରୁ ଦେଖାଉନାହାଁନ୍ତି ବୋଲି ପ୍ରଶ୍ନ ଉଠାଇବା ସହିତ ସେମାନଙ୍କ ଦୁର୍ବଳତା, ଭାବ ପ୍ରବଣତା ଦେଖାଇବାକୁ ଓ ନ କାନ୍ଦିବାକୁ ଶିକ୍ଷା ଦିଆଯାଇଛି। ଉକ୍ତ ଭିଡ଼ିଓରେ ଲେଫ୍ଟେନାଣ୍ଟ କର୍ଣ୍ଣେଲ, ମନୋଜ୍ କୁମାର ସିହ୍ନା, ବରିଷ୍ଠ ପରିଚାଳକ (ଆବସରପ୍ରାପ୍ତ)ଙ୍କର ଏକ ହୃଦୟସ୍ପର୍ଶୀ କାହାଣୀ ବର୍ଣ୍ଣନା କରାଯାଇଛି। ଏହା ମାଧ୍ୟମରେ ଜିଲେଟ ଏହାର ସେଭିଂ ଷ୍ଟେରିଓ ଟାଇପ୍ସର ଦ୍ୱିତୀୟ ସଂସ୍କରଣ ମାଧ୍ୟମରେ କହିଛିଯେ ପୁରୁଷମାନେ କାନ୍ଦିବା ଦରକାର। ପୁରୁଷମାନଙ୍କର ଏକ ଅଗ୍ରଣୀ ବ୍ରାଣ୍ଡ ଭାବରେ ଜିଲେଟ୍ ପୁରୁଷମାନଙ୍କୁ ପଥ ପ୍ରଦର୍ଶନ କରିବାକୁ ଚାହୁଁଛି, ଯେଉଁଥିରେ ସେମାନେ ସେମାନଙ୍କ ପୁରୁଷସୁଲଭ ମନୋଭାବ ଓ ଦୃଢ଼ତାକୁ ପୁନଃସ୍ମରଣ କରିପାରିବେ। ଏହି ଅଭିଯାନ ସମ୍ପର୍କରେ ଗ୍ରେ ଗ୍ରୁପ୍ ପକ୍ଷରୁ ଏହାର ଚିଫ କ୍ରିଏଟିଭ ଅଫିସର, ସନ୍ଦିପନ ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, 'ପୁରୁଷଙ୍କ ପାଇଁ ବିଚାର କରିବା ଓ ଏକ ଅଗ୍ରଣୀ ପୁରୁଷ ବ୍ରାଣ୍ଡ ଭାବରେ ଜିଲେଟ୍ ଏପରି ବାର୍ତ୍ତା ବହନ କରିବାକୁ ବିଶ୍ୱାସ ରଖିଥାଏ, ଯାହା ଭବିଷ୍ୟତର ପୁରୁଷ ପିଢ଼ିଙ୍କୁ ଜାଗ୍ରତ କରିବା ସହିତ ଅନୁପ୍ରାଣିତ କରିଥାଏ। ମ୍ୟାନ ଏନଫ୍ ମାଧ୍ୟମରେ ପୁରୁଷମାନଙ୍କ କାନ୍ଦିବା ସେମାନଙ୍କୁ ଦୁର୍ବଳ କରିଥାଏ ଓ ଏହା ସେମାନଙ୍କ ଦୁର୍ବଳତାକୁ ପ୍ରଦର୍ଶନ କରିଥାଏ ଭଳି ମନୋଭାବକୁ ଭାଙ୍ଗିବାକୁ ଚାହୁଁଛୁ।' ଏହି ଅଭିଯାନ ସମ୍ପର୍କରେ କାର୍ତ୍ତୀକ ଶ୍ରୀବାସ୍ତବ୍, କମ୍ପ୍ଲି କାଟଗୋରୀ ଲିଡର୍, ଭାରତ, ପିଆଣ୍ଡଜି କହିଛନ୍ତି, 'ଲେଫ୍ଟେନାଣ୍ଟ କର୍ଣ୍ଣେଲ, ଶ୍ରୀ ମନୋଜ୍ କୁମାର ସିହ୍ନା (ଅବସରପ୍ରାପ୍ତ) ଓ ତାଙ୍କର ପିତା ହେଉଛନ୍ତି ବାସ୍ତବରେ ସାହସୀ, ଏବଂ ଜିଲେଟ୍ ସେମାନଙ୍କ ଚେତନାକୁ ପ୍ରଶଂସା କରୁଛି ଏବଂ ଅତୀତରେ ସେମାନଙ୍କ ଯାତ୍ରାରେ ଏକ ଅଂଶ ହୋଇ ଗର୍ବ ଅନୁଭବ କରୁଛି। ଆମେ ପୁରୁଷମାନଙ୍କ ବାସ୍ତବିକ ଜୀବନର ସକରାତ୍ମକ କାହାଣୀଗୁଡ଼ିକୁ ଆଣିବାକୁ ଜାରି ରଖିବାକୁ ଓ ସଂସ୍କୃତିକୁ ପ୍ରଭାବିତ କରିବା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିବା ନିମନ୍ତେ ଲକ୍ଷ ରଖିଛୁ।'

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray